

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧ ସେପ୍ଟେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 1 SEPTEMBER 2020

Vol.No. 30 ■ No. 221■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj





2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା, ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No: 9437294587, 9438232419, 9437443950,


# ପରପାରିରେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ



ନୂଆଦିଲ୍ଲୀ, ୩୧ ଅଗଷ୍ଟ (ହି.ସ.) କରୋନା ସଂକ୍ରମଣ କାରଣରୁ ଡାକ୍ତରଖାନାରେ ଭର୍ତି ହୋଇଥିବା ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ସୋମବାର ଦିନ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ୮୪ ବର୍ଷୀୟ ପ୍ରଣବ ମୁଖାର୍ଜୀ ଗତ ୨୧ ଦିନ ହେଲା ଦିଲ୍ଲୀରେ ଥିବା ସେନାର ରିସର୍ଚ୍ଚ ଏଣ୍ଡ ରେଫରାଲ ହସପିଟାଲରେ ଭର୍ତି ଥିଲେ । ତାଙ୍କର ପୁଅ ଅଭିଜିତ ମୁଖାର୍ଜୀ ଟ୍ୱିଟ କରି ତାଙ୍କ ପିତାଙ୍କର ଦେହାବସାନର ସୂଚନା ଦେଇଥିଲେ । ସେ କହିଥିଲେ ଯେ ଅତ୍ୟନ୍ତ ଦୁଃଖ ମନରେ ମୁଁ ସୂଚିତ କରୁଛି ଯେ ଆର ଆର ହସପିଟାଲର ସର୍ବୋତମ ପ୍ରୟାସ ସତ୍ୱେ ସମ୍ପୂର୍ଣ ଭାରତର ଲୋକ ମାନଙ୍କ ପ୍ରାର୍ଥନା ସତ୍ୱେ ପ୍ରଣବ ମୁଖାର୍ଜୀଙ୍କର ଦେହାନ୍ତ ହୋଇ ଯାଇଛି । ସେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଉଲ୍ଲେଖନୀୟ ଯେ ଗତ ଦଶ ଦିନ ଧରି ତାଙ୍କର ସ୍ୱାସ୍ଥ୍ୟବସ୍ଥା ଡାକ୍ତରଖାନାରେ ବିଗିଡିଥିଲା । ସୋମବାର ସକାଳେ ହସପିଟାଲ ପକ୍ଷରୁ ବୁଲେଟିନ ଜାରୀ କରି ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଥିବା କୁହା ଯାଇଥିଲା । ୮୪ ବର୍ଷୀୟ ପ୍ରଣବ ମୁଖାର୍ଜୀ ଗୁରୁତର ଅବସ୍ଥାରେ ଗତ ଅଗଷ୍ଟ ୧୦ ତାରିଖ ଦିନ ଡାକ୍ତରଖାନାରେ ଭର୍ତି ହୋଇଥିଲେ ।

## ସେପ୍ଟେମ୍ବର୍ ୩୦ ସୁଦ୍ଧା ୟୁ.ଜି. , ପି.ଜି. ଶେଷ ବର୍ଷ ସେମିଷ୍ଟାର୍

### ଅକ୍ଟୋବର ୩୧ ସୁଦ୍ଧା ରେଜଲ୍ଟ



ଭୁବନେଶ୍ୱର,୩୧।୮ (ନି.ପ୍ର): ୟୁ.ଜି.ସି. ମାର୍ଗଦର୍ଶିକା ଅନୁସାରେ ରାଜ୍ୟ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଣ୍ଡର ଗ୍ରାଜୁଏଟ୍ ଶେଷ ବର୍ଷ ସେମିଷ୍ଟାର ଫାଇନାଲ ପରୀକ୍ଷା ଏବଂ ପୋଷ୍ଟ ଗ୍ରାଜୁଏଟ୍ ଶେଷବର୍ଷ ସେମିଷ୍ଟାର ଫାଇନାଲ ପରୀକ୍ଷା ସେପ୍ଟମ୍ବର ୩୦ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ଏବଂ ଅକ୍ଟୋବର ୩୧ ତାରିଖ ସୁଦ୍ଧା ସମସ୍ତ ପରୀକ୍ଷା ଫଳ ପ୍ରକାଶ କରାଯିବ । ୟୁ.ଜି.ସି. ମାର୍ଗଦର୍ଶିକା ଅନୁଯାୟୀ ପରୀକ୍ଷା ଅଫଲାଇନ୍, ଅନ୍‌ଲାଇନ୍, ବ୍ଲେଣ୍ଡେଡ୍ (ଅନ୍‌ଲାଇନ୍ + ଅଫଲାଇନ୍) ମଲ୍ଟିପୁଲ୍ ଚଏସ୍ , ଓପନ୍ ବୁକ୍ ଏବଂ ଓ.ଏମ୍.ଆର୍ ଆଦି ଯେକୌଣସି ଅନୁମୋଦିତ ପଦ୍ଧତିରେ କରାଯାଇପାରିବ । ସଂପୃକ୍ତ ବିଶ୍ୱ ବିଦ୍ୟାଳୟ ଓ ସ୍ୱୟଂ ଶାସିତ ମହାବିଦ୍ୟାଳୟମାନେ ଉପଯୁକ୍ତ ପରୀକ୍ଷା ପଦ୍ଧତି ବିଷୟରେ ନିଷ୍ପତି ନେବେ । ଆଜି ଭିଡ଼ିଓ କନ୍‌ଫେରନ୍ସ ମାଧ୍ୟମରେ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ମାନଙ୍କର ଅନୁଷ୍ଠିତ ବୈଠକରେ ଉପରୋକ୍ତ ନିଷ୍ପତି ଗ୍ରହଣ କରାଯାଇଛି । ▶▶ପୃଷ୍ଠା ୭

## ହୀରାକୁଦ ଜଳ ଭଣ୍ଡାରକୁ ପଶୁଛି ୫ ଲକ୍ଷ କ୍ୟୁସେକ ଜଳ

ଭୁବନେଶ୍ୱର,୩୧।୮ (ନି.ପ୍ର): ହୀରାକୁଦ ଜଳ ଭଣ୍ଡାରକୁ ବର୍ତମାନ ପାଂଚ ଲକ୍ଷ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୬ ଲକ୍ଷ କ୍ୟୁସେକ ଜଳ ନିଷ୍କାସନ କରା ଯାଉଛି । ୩୬ଟି ଗେଟ ଦେଇ ଏହି ଜଳ ନିଷ୍କାସନ କରା ଯାଉଛି । ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋତିର୍ମୟ ରଥ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ମୁଣ୍ଡଳୀ ଠାରେ ବର୍ତମାନ ୧୦,୨୦ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଛି ।

## ପୂର୍ବତନ ରାଷ୍ଟ୍ରପତି ଭାରତ ରତ୍ନ ପ୍ରଣବ ମୁଖାର୍ଜୀଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ଶୋକ

ନୂଆଦିଲ୍ଲୀ,୩୧।୮ (ନି.ପ୍ର): ପୂର୍ବତନ ରାଷ୍ଟ୍ରପତି ଭାରତ ରତ୍ନ ଶ୍ରୀ ପ୍ରଣବ ମୁଖାର୍ଜୀଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକ ବ୍ୟକ୍ତ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, "ଭାରତ ରତ୍ନ ଶ୍ରୀ ପ୍ରଣବ ମୁଖାର୍ଜୀଙ୍କ ବିୟୋଗରେ ଭାରତ ମର୍ମାହତ । ଆମ ଦେଶର ବିକାଶରେ ତାଙ୍କର ବହୁମୂଲ୍ୟ ଅବଦାନ ଅବିସ୍ମରଣୀୟ । ଜଣେ ବିଜ୍ଞ ଓ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଭାବେ ରାଜନୈତିକ କ୍ଷେତ୍ର ତଥା ସମାଜର ସମସ୍ତ ବର୍ଗର ଲୋକଙ୍କ ଦ୍ୱାରା ସେ ପ୍ରଶଂସିତ ହୋଇଥିଲେ । ଦଶନ୍ଧି ଦଶନ୍ଧି ଧରି ଚାଲିଥିବା ତାଙ୍କ ଦୀର୍ଘ ରାଜନୈତିକ ଜୀବନକାଳରେ ଶ୍ରୀ ପ୍ରଣବ ମୁଖାର୍ଜୀଙ୍କର ଅର୍ଥ ଏବଂ ପ୍ରତିରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟରେ ବିଶେଷ ଅବଦାନ ରହିଥିଲା । ସେ ଜଣେ ଉଚ୍ଚକୋଟୀର ସାଂସଦ ଥିଲେ । ସଂସଦରେ ସେ ସର୍ବଦା ପ୍ରସ୍ତୁତ ରହୁଥିଲେ ତଥା ଅତ୍ୟନ୍ତ ସ୍ପଷ୍ଟଭାଷୀ ଏବଂ ଚତୁର ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଭାରତର ରାଷ୍ଟ୍ରପତି ଭାବରେ ଶ୍ରୀ ପ୍ରଣବ ମୁଖାର୍ଜୀ ରାଷ୍ଟ୍ରପତି ଭବନକୁ ସାଧାରଣ ନାଗରିକଙ୍କ ପାଇଁ ଅଧିକ ସୁଗମ କରିଥିଲେ । ସେ ରାଷ୍ଟ୍ରପତି ଭବନକୁ ଶିକ୍ଷା, ନବସୃଜନ, ସଂସ୍କୃତି, ବିଜ୍ଞାନ ଏବଂ ସାହିତ୍ୟର କେନ୍ଦ୍ରରେ ପରିଣତ କରିଥିଲେ । ଗୁରୁତ୍ୱପୂର୍ଣ୍ଣ ନୀତି ସମ୍ବନ୍ଧୀୟ ତାଙ୍କର ପରାମର୍ଶ ମୁଁ କେବେବି ଭୁଲି ପାରିବି ନାହିଁ । ମୁଁ ୨୦୧୪ ରେ ଦିଲ୍ଲୀ ପାଇଁ ନୂଆ ଥିଲି । ପ୍ରଥମ ଦିନରୁ ହିଁ ଶ୍ରୀ ପ୍ରଣବ ମୁଖାର୍ଜୀଙ୍କ ମାର୍ଗଦର୍ଶନ, ସମର୍ଥନ ଏବଂ ଆଶୀର୍ବାଦ ପାଇଥିଲି । ତାଙ୍କ ସହିତ ମୋର ସମ୍ପର୍କକୁ ମୁଁ ସର୍ବଦା ଭଲପାଏ । ତାଙ୍କ ପରିବାର, ବନ୍ଧୁ, ପ୍ରଶଂସକ ଏବଂ ସମର୍ଥକଙ୍କ ପ୍ରତି ମୋର ସମବେଦନା ।

## ହିତାଧିକାରୀଙ୍କୁ ମିଳିବ ୪ ମାସର ଅଗ୍ରୀମ ପେନସନ୍

ଭୁବନେଶ୍ୱର,୩୧।୮ (ନି.ପ୍ର): ମଧୁବାବୁ ପେନସନ୍ ଯୋଜନାରେ ହିତାଧିକାରୀମାନଙ୍କୁ ଅଗ୍ରୀମ ୪ ମାସର ପେନସନ୍ ଏକସଙ୍ଗେ ଦିଆଯିବ । ସେପ୍ଟେମ୍ବର, ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ମାସର ପେନସନ୍ ଟଙ୍କା ଏକକାଳୀନ ସେପ୍ଟେମ୍ବର ମାସରେ ହିତାଧିକାରୀଙ୍କୁ ପ୍ରଦାନ କରାଯିବ । ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅଶୋକ ପଣ୍ଡା ଏହି ସୂଚନା ଦେଇଛନ୍ତି ।

## ରାଜ୍ୟ ସରକାରଙ୍କ ଅନଲକ୍ -୪.୦ ଗାଇଡ ଲାଇନ୍

⇨ଉଠିଲା ନାଇଟ୍ କର୍ଫ୍ୟୁ ଓ ସଟ୍ ଡାଉନ୍

⇨କଂଟେନମେଂଟ ଜୋନରେ ୩୦ ତାରିଖ ଯାଏଁ ଲକ୍ ଡାଉନ୍ ଜାରି



ଭୁବନେଶ୍ୱର,୩୧।୮ (ନି.ପ୍ର): ଆଜି ରାଜ୍ୟ ସରକାର ସେପ୍ଟେମ୍ବର ମାସ ଲାଗି ନୂଆ ଗାଇଡଲାଇନ୍ ଜାରି କରିଛନ୍ତି । ନୂଆ ଗାଇଡ୍ ଲାଇନ୍ ଅନୁଯାୟୀ ସମଗ୍ର ରାଜ୍ୟରେ କଟକଣା କୋହଳ ହୋଇଥିବା ବେଳେ କେବଳ କଂଟେନମେଂଟ ଜୋନରେ ଆସନ୍ତା ୩୦ ତାରିଖ ଯାଏଁ ସଂପୂର୍ଣ୍ଣ ଭାବେ ଲକଡାଉନ ଜାରି ରହିବ ବୋଲି ସ୍ୱତନ୍ତ୍ର ରିଲିଫ୍ କମିସନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି । ରାଜ୍ୟରେ ଆଉ ରାତ୍ରୀକାଳୀନ କର୍ଫ୍ୟୁ ବା ସପ୍ତାହାନ୍ତ ସଟ୍ ଡାଉନ୍ ଲାଗୁ ହେବ ନାହିଁ । ସ୍ଥାନୀୟ ପ୍ରଶାସନ ପକ୍ଷରୁ ( ଜିଲ୍ଲା ପ୍ରଶାସନ / ପୌର ପ୍ରଶାସନ) କରୋନା ସଂକ୍ରମଣକୁ ବିଚାରକୁ ନେଇ କଂଟେନମେଂଟ ଜୋନ ଘୋଷଣା କରିବେ । ତେବେ ଏଥିଲାଗି ସେମାନଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟର ଗାଇଡଲାଇନର ଅନୁସରଣ କରିବାକୁ ପଡ଼ିବ । ଏଥିସହ ସ୍ଥାନୀୟ ପ୍ରଶାସନ ପକ୍ଷରୁ କଂଟେନମେଂଟ ଜୋନ ଘୋଷଣା ସଂପର୍କିତ ନିଷ୍ପତି ମନ୍ତ୍ରାଳୟକୁ ଜଣାଇବେ ଏବଂ ସେମାନଙ୍କର ୱେବସାଇଟରେ ବିଜ୍ଞାପିତ କରିବେ । ଆସନ୍ତାକାଲି ଠାରୁ ୩୦ ତାରିଖ ଯାଏଁ ଧାର୍ମାନୁଷ୍ଠାନରେ ନୀତି ଚାଲିବ କିନ୍ତୁ ସାଧାରଣ ଲୋକଙ୍କ ପ୍ରବେଶକୁ ଅନୁମତି ଦିଆଯିବ ନାହିଁ । ସେହିଭଳି ଅନ୍ତର୍ଜାତୀୟ ବିମାନ ମଧ ଚଳାଚଳ କରିବ ନାହିଁ । ସାମାଜିକ କାର୍ଯ୍ୟକ୍ରମ, ରାଜନୈତିକ ସଭା, ଖେଳକୁଦ, ମନୋରଂଜନ କାର୍ଯ୍ୟକ୍ରମ ବନ୍ଦ ରହିବ । ସିନେମା ହଲ ଓ ସୁଇମିଂ ପୁଲ ବନ୍ଦ ରହିବ । ସେହିପରି ପୂଜା ଛୁଟି ଯାଏଁ ସ୍କୁଲ ଓ କଲେଜ ଏବଂ କୋଚିଂ ସେଂଟରଗୁଡ଼ିକ ବନ୍ଦ ରହିବ । କିନ୍ତୁ ଶିକ୍ଷାନୁଷ୍ଠାନରେ ପରୀକ୍ଷା କରାଯିବା ସହ ଖାତା ଦେଖାଯାଇପାରିବ । ଅନଲାଇନ୍ ଶିକ୍ଷାଦାନ ଓ ଦୂରଶିକ୍ଷା ବ୍ୟବସ୍ଥା ଚାଲୁ ରହି । ବାହଘରରେ କୌଣସି ପ୍ରକାରରେ ୫୦ରୁ ଅଧିକ ଲୋକ ରହିପାରିବେ ନାହିଁ । ବର, କନ୍ୟା ପକ୍ଷ ସମସ୍ତଙ୍କୁ ମିଶାଇ ୫୦ ଜଣ ଲୋକ ଉପସ୍ଥିତ ରହିପାରିବେ । ଶୁଦ୍ଧିକ୍ରିୟା କାର୍ଯ୍ୟରେ ୨୦ରୁ ଅଧିକ ଲୋକଙ୍କୁ ଏକତ୍ର ହେବା ପାଇଁ ଅନୁମତି ମିଳିବ ନାହିଁ । ବାହାଘର ଓ ଶୁଦ୍ଧିକ୍ରିୟାରେ ନିୟମ ଉଲ୍ଲଂଘନ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ । ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ପାଇଁ ମଧ ଗାଇଡଲାଇନ ଜାରି ହୋଇଛି । କାର୍ଯ୍ୟାଳୟରେ ମାସ୍କ ପିନ୍ଧି ଓ ସାମାଜିକ ଦୂରତା ପାଳନ କରି କାମ କରିବାକୁ ହେବ । ନିୟମ ବିରୋଧରେ ଗଲେ ଅଫିସର ମୁଖ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୩୧।୮ (ନି.ପ୍ର): ଆଜି ଖୋର୍ଧା ଜିଲ୍ଲାରେ ୬୧୬ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୧୭୭୬୨ ହୋଇଛି । ସେହିପରି ଗଂଜାମ ଜିଲ୍ଲାରେ ୧୯୦ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୭୮୬୨ ରେ ପହଂଚିଛି । ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୮୫୧, ବାଲେଶ୍ୱର ଜିଲ୍ଲାରେ ୩୭୦୦, ବରଗଡ ଜିଲ୍ଲାରେ ୨୧୪୯, ଭଦ୍ରକ ଜିଲ୍ଲାରେ ୨୬୩୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗିର ଜିଲ୍ଲାରେ ୧୮୨୮ . ବୌ ଦ୍ଧ ଜିଲ୍ଲାରେ ୬୦୯, କଟକ ଜିଲ୍ଲାରେ ୮୨୮୨, ଦେବଗଡ ଜିଲ୍ଲାରେ ୨୦୭, ଢେଙ୍କାନାଳ ଜିଲ୍ଲାରେ ୧୬୨୭, ▶▶ପୃଷ୍ଠା ୭

## ବନ୍ୟାଂଚଳ ପରିଦର୍ଶନ ପରେ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

### ବନ୍ୟା କ୍ଷତିଗ୍ରସ୍ତ ପରିବାରକୁ ମିଳିବ ୫୦ କେଜି ଚାଉଳ ଓ ୫୦୦ ଟଙ୍କା

### ମାସ୍କ ଓ ସାମାଜିକ ଦୂରତା ନିୟମ ପାଳନ ପାଇଁ ବନ୍ୟାଦୁର୍ଗତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିବେଦନ



ଭୁବନେଶ୍ୱର,୩୧।୮ (ନି.ପ୍ର): ଚଳିତ ବନ୍ୟା ଯୋଗୁଁ ସ୍ଥାନାନ୍ତରିତ ସବୁ ଲୋକଙ୍କୁ ରନ୍ଧା ଖାଦ୍ୟ/ଶୁଖିଲା ଖାଦ୍ୟ ଯୋଗାଇ ଦିଆଯିବ । ଗୁରୁତର ଭାବରେ କ୍ଷତିଗ୍ରସ୍ତ/ଜଳମଗ୍ନ ଗ୍ରାମର ପରିବାରବର୍ଗଙ୍କୁ ୫୦ କେଜି ଚାଉଳ ଓ ୫୦୦ ଟଙ୍କା ତୁରନ୍ତ ସହାୟତା ଯୋଗାଇ ଦିଆଯିବ । ଘର ଭାଙ୍ଗିଥିବା ପ୍ରତି ଯୋଗ୍ୟ ପରିବାରକୁ ଗୋଟିଏ ପଲିଥିନ ସିଟ୍ ଯୋଗାଇ ଦିଆଯିବ । ଏସଡିଆରଏଫ୍ ନିୟମ ଅନୁଯାୟୀ ଘରଭଙ୍ଗା ସହାୟତା ଦିଆଯିବ । ୧୫ ଦିନ ଭିତରେ ଜିଲ୍ଲାପାଳ ଘରଭଙ୍ଗା କ୍ଷୟକ୍ଷତି ଆକଳନ କରିବେ ଏବଂ ପରବର୍ତୀ ଏକ ସପ୍ତାହରେ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ସୋମବାର ଅପରାହ୍ନରେ ▶▶ପୃଷ୍ଠା ୭

## ଗ୍ରାମାଂଚଳ ଓ ଜନଜାତି ଅଂଚଳରେ ଶିକ୍ଷାର ପାର୍ଥକ୍ୟକୁ ଦୂର କରିବ ନୂଆ ଶିକ୍ଷା ନୀତି: ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୩୧।୮ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ ଶିକ୍ଷା ନୀତି ୨୦୨୦ ତଥା ଏହାର ଅଧୀନରେ ଗଠିତ ସ୍ୱତନ୍ତ୍ର ଶିକ୍ଷା ଜୋନ ଗ୍ରାମାଂଚଳ ତଥା ଜନଜାତି ଅଂଚଳରେ ଥିବା ଶିକ୍ଷାର ପାର୍ଥକ୍ୟକୁ ଦୂର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ଏବଂ ଓଡ଼ିଶା ସମେତ ଦେଶର ଭିନ୍ନକ୍ଷମ ଶ୍ରେଣୀଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ସମାନ ସୁଯୋଗ ପ୍ରଦାନ କରିବ ବୋଲି ଟ୍ୱିଟ୍ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ମୋଦି ସରକାରଙ୍କ ନୂଆ ଜାତୀୟ ଶିକ୍ଷା ନୀତି ପ୍ରସଙ୍ଗରେ ଟ୍ୱିଟ୍ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ସମସ୍ତଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଦିଗରେ ମୋଦି ସରକାରଙ୍କର ଥିବା ଅଦମ୍ୟ ପ୍ରତିବଦ୍ଧତାକୁ ନୂଆ ଶିକ୍ଷା ନୀତି ସହାୟକ ହେବ । ଆବଶ୍ୟକ ଏବଂ ବିଶ୍ଳେଷଣ ଆଧାରିତ ଶିକ୍ଷା ଏବଂ ଛାତ୍ରଛାତ୍ରୀଙ୍କ ନୂଆ ଚିନ୍ତାଧାରାକୁ ବିକଶିତ କରିବା ପାଇଁ ପ୍ରସ୍ତୁତ ହୋଇଥିବା ନୂଆ ଶିକ୍ଷା ନୀତି ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବ । ୧୦ +୨ ଢ଼ାଂଚାରେ ପରିବର୍ତନ କରି ଏହା ସ୍ଥାନରେ ୫+୩+୩+୪ ବ୍ୟବସ୍ଥାର ସଂଶୋଧନ କରାଯାଇଛି । ବୈପ୍ଳବିକ ସଂସ୍କାର ଭାବେ ପରିଗଣିତ ନୂଆ ଶିକ୍ଷା ନୀତି ଛାତ୍ରଛାତ୍ରୀମାନଙ୍କ ସାମୂହିକ ବିକାଶକୁ ଗୁରୁତ୍ୱ ଦେବ ଓ ପିଲାଙ୍କର ▶▶ପୃଷ୍ଠା ୭

## ୪ ତାରିଖ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା



ଭୁବନେଶ୍ୱର,୩୧।୮ (ନି.ପ୍ର): ରାଜ୍ୟରେ ଦକ୍ଷିଣ- ପଶ୍ଚିମ ମୌସୁମୀ ସକ୍ରିୟ ଥିବାରୁ ଆଗାମୀ ସେପ୍ଟେମ୍ବର ୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଜିଲ୍ଲାରେ ମଧମରୁ ପ୍ରବଳ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ଅନୁସାରେ ଆଗାମୀ ୨୪ ଘଂଟା ମଧ୍ୟରେ ଉପକୂଳ ଓଡ଼ିଶା ସମେତ କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, କନ୍ଧମାଳ, ମାଲକାନଗିରି, କୋରାପୁଟ, ରାୟଗଡା ଜିଲ୍ଲାମାନଙ୍କର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି । ଏହି ସମୟ ମଧରେ ଉପକୂଳ ଓଡିଶା, କେନ୍ଦୁଝର, ମୟୂରଭଞ୍ଜ, ଢ଼େଙ୍କାନାଳ, କନ୍ଧମାଳ, ରାୟଗଡା, ମାଲକାନଗିରି, କୋରାପୁଟ ଓ ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ଓ ବଜ୍ରପାତର ସମ୍ଭାବନା ରହଥିବାରୁ ଏହି ସମସ୍ତ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ସେପ୍ଟେମ୍ବର ୨ ତାରିଖରେ ଉପକୂଳ ଓଡ଼ିଶା, ଉତର ଆଭ୍ୟନ୍ତରୀଣ ଓଡିଶା ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ ଓଡିଶାର ଜିଲ୍ଲାମାନଙ୍କର ଅନେକ ସ୍ଥାନରେ ହାଲୁକାରୁ ▶▶ପୃଷ୍ଠା ୭

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୭୮୫୧୨ ନୂଆ ମାମଲା: ୯୭୧ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୩୧।୮ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧରେ ୭୮୫୧୨ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୯୭୧ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୬,୨୧,୨୪୬ ଲକ୍ଷରେ ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଦେଶରେ ମୋଟ ୨୭,୭୪,୮୦୨ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି ।

## ପୂର୍ବତନ ରାଷ୍ଟ୍ରପତି ଶ୍ରୀ ପ୍ରଣବ ମୁଖାର୍ଜୀଙ୍କ ସ୍ମୃତିରେ ୭ଦିନିଆ ରାଷ୍ଟ୍ରୀୟ ଶୋକ ପାଳନ କରାଯିବ

ନୂଆଦିଲ୍ଲୀ,୩୧।୮ (ନି.ପ୍ର): ପୂର୍ବତନ ରାଷ୍ଟ୍ରପତି ଶ୍ରୀ ପ୍ରଣବ ମୁଖାର୍ଜୀଙ୍କର ନୂଆଦିଲ୍ଲୀସ୍ଥିତ ଆର୍ମୀ ରିସର୍ଚ୍ଚ ଆଣ୍ଡ ରେଫରାଲ ହସ୍ପିଟାଲ ଠାରେ ଦୁଃଖଦ ବିୟୋଗରେ ଭାରତ ସରକାରଙ୍କ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି । ତାଙ୍କର ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ସାରା ଦେଶରେ ୩୧ ଅଗଷ୍ଟ ଠାରୁ ୦୬ ସେପ୍ଟେମ୍ବର ପର୍ଯ୍ୟନ୍ତ ସାତ ଦିନିଆ ରାଷ୍ଟ୍ରୀୟ ଶୋକ ପାଳନ କରାଯିବ । ରାଷ୍ଟ୍ରୀୟ ଶୋକ ପାଳନ କରାଯିବା ସମୟରେ ସାରା ଭାରତରେ ନିୟମିତ ଜାତୀୟ ପତାକା ଉତ୍ତୋଳନ କରାଯାଉଥିବା ଅଟ୍ଟାଳିକାଗୁଡ଼ିକରେ ଜାତୀୟ ପତାକାକୁ ଅର୍ଦ୍ଧନମିତ କରାଯିବା ସହିତ କୌଣସି ସରକାରୀ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯିବ ନାହିଁ । ରାଷ୍ଟ୍ରୀୟ ଶୋକ ପାଳନର ତାରିଖ, ସମୟ ଏବଂ ସ୍ଥାନ ପରବର୍ତୀ ସମୟରେ ନିର୍ଦ୍ଧାରଣ କରାଯିବ ।

# ବନ୍ୟାଂଚଳରେ ଯୁଦ୍ଧକାଳୀନ ଭିତିରେ ଉଦ୍ଧାର ସହ ଥଇଥାନ କରିବାକୁ ସି.ପି.ଆଇ.(ଏମ୍)ର ଦାବି

ଭୁବନେଶ୍ୱର,୩୧।୮ (ନି.ପ୍ର): ମହାନଦୀର ସବୁ ଶାଖା ନଦୀରେ ବନ୍ୟା ଫଳରେ ରାଜ୍ୟର ୧୧ ଟି ଜିଲ୍ଲା ବହୁଳ ଭାବେ ପ୍ରଭାବିତ ହୋଇଛି । ଚାଷ ଜମି ଠାରୁ ଆରମ୍ଭ କରି ଘରଦ୍ୱାର, ରାସ୍ତାଘାଟ ଭୟଙ୍କର କ୍ଷତିଗ୍ରସ୍ତ ହୋଇଛି । ଲୋକେ ନିଃସହାୟ ହୋଇ ସାହାଯ୍ୟକୁ ଅପେକ୍ଷା କରି ରହିଛନ୍ତି । ଏଥିପାଇଁ ପ୍ରଭାବିତ ଜିଲ୍ଲା ଓ ଅଂଚଳ ଗୁଡିକରେ ପ୍ରଶାସନିକ କାର୍ଯ୍ୟକ୍ରମ ସହିତ ସର୍ବଦଳୀୟ ଗଣ କମିଟିମାନ ଗଠନ କରି ସମସ୍ତଙ୍କୁ ସାଙ୍ଗରେ ନେଇ ରିଲିଫ୍ ଓ ଥଇଥାନ କାର୍ଯ୍ୟକ୍ରମ ପରିଚାଳନା ପାଇଁ ସି.ପି.ଆଇ.(ଏମ୍) ଦାବି କରିଛି । ସି.ପି.ଆଇ.(ଏମ୍) ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ କହିଛନ୍ତି ଯେ ଲଘୁଚାପ ଜନିତ ବର୍ଷା ବେଳେ ହିଁ ଆଗୁଆ ପଦକ୍ଷେପ ନେଇଥିଲେ ଏଭଳି ସଙ୍କଟକୁ ମୁକାବିଲା ପାଇଁ ସାହାଯ୍ୟକାରୀ ହୋଇଥାଆନ୍ତା । ଏହା ସହିତ ନଦୀବନ୍ଧ ମରାମତି, ବନ୍ଧ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିୟତା ଏବଂ ନିମ୍ନମାନର କାର୍ଯ୍ୟ ଯୋଗୁଁ ବହୁ ସ୍ଥାନରେ ଘାଇ ଭାଙ୍ଗି ଯାଇ ମନୁଷ୍ୟକୃତ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ଏ ପର୍ଯ୍ୟନ୍ତ ଆକଳନ ଅନୁଯାୟୀ ରାଜ୍ୟରେ ପ୍ରାୟ ୩୨ଟି ଘାଇ ସୃଷ୍ଟି ହୋଇଛି । କେତେକ ସ୍ଥାନରେ ଠିକାଦାର କାମ ପାଇବା ଆଶାରେ ଜାଣିଶୁଣି ଘାଇକୁ ନଷ୍ଟ କରି ଲୋକଙ୍କ ଧନ ଓ ଜୀବନକୁ ବିପନ୍ନ କରିବା ଘଟଣା, ଜଳ ସମ୍ପଦ ବିଭାଗର ବେଆଇନ କାର୍ଯ୍ୟକ୍ରମ ଓ ସରକାରୀ ଆଶ୍ରିତ ଠିକାଦାର ମାନଙ୍କ ଅପରାଧିକ କାର୍ଯ୍ୟକୁ ପଦାରେ ପକାଇଛି । ଚାଷ, ବାସ ଖାଦ୍ୟ ହରାଇ ହାହାକାର ଅବସ୍ଥାରେ ଥିବା ଲୋକଙ୍କୁ ରକ୍ଷା କରିବା ପାଇଁ ରାଜ୍ୟ ସରକାର ଉଦ୍ଧାର, ଖାଦ୍ୟ, ମୁଣ୍ଡ ଗୁଞ୍ଜିବା ପାଇଁ ଆଶ୍ରୟ ବ୍ୟବସ୍ଥା କରିବା ପାଇଁ ଯୁଦ୍ଧକାଳୀନ ପଦକ୍ଷେପ ନେବା ଦରକାର ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

# ବନ୍ୟା ପାଣିରେ ନିଖୋଜ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

ବାରିପଦା,୩୧।୮ (ନି.ପ୍ର): ଲଘୁଚାପ ଜନିତ ବର୍ଷାରେ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ଯାହା ଦ୍ୱାରା ଗଙ୍ଗାହାର ନଦୀ ବନ୍ୟାଜଳରେ ଭାସିଯାଇ ଜଣେ ମହିଳା ନିଖୋଜ ହୋଇଥିଲେ । ସେହି ନିଖୋଜ ହୋଇଥିବା ମହିଳାଙ୍କର ଗଳିତ ମୃତଦେହ ଉଦ୍ଧାର ହୋଇଥିବାର ଜଣାଯାଇଛି । ଗ୍ରାମବାସୀ ମାନଙ୍କ ଦ୍ୱାରା ଜଡିଦା-ଆଗରିଆ ରାସ୍ତା ନିକଟ ପାଳଜମି ପାଣିରେ ଭାସୁଥିବା ଅବସ୍ଥାରେ ଉଦ୍ଧାର ହୋଇଛି । ସୂଚନା ଅନୁଯାୟୀ, ମୟୂରଭ ଜିଲା ବଡ଼ସାହି ବ୍ଲକର ଭୀମିଦା ଗ୍ରାମର ଜୀବନବନ୍ଧୁ ମହାପାତ୍ରଙ୍କ ପତ୍ନୀ ସ୍ନେହଲତା(୬୨) । ତାଙ୍କର ବଡ଼ପୁଅ କରୋନା ଆକ୍ରାନ୍ତ ଚିହ୍ନଟ ପରେ ପରିବାରର ୪ ସଦସ୍ୟ ସରକାରୀ ଗାଡ଼ିରେ ବଡ଼ସାହି ଡ଼ାକ୍ତରଖାନାକୁ ଆରଟିପିସିଆର କୋଭିଡ଼ ପରୀକ୍ଷା ପାଇଁ ଯାଇ ଫେରୁଥିଲେ । ତେବେ ବୈଶିଙ୍ଗା-ଉଦଳା ରାସ୍ତାର ମାଣତ୍ରୀ ବିତନୁ ପୋଲ ଉପରେ ଗଙ୍ଗାହାର ନଦୀର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଗାଡ଼ିଟି ରାସ୍ତା ପାରି ନହୋଇ ସମସ୍ତଙ୍କୁ ଓହ୍ଲାଇ ଦେଇ ଫେରିଯାଇଥିଲା । ୪ଜଣ ଚାଲିଚାଲି ପୋଲ ପାରି ହେଉଥିବା ବେଳେ ମହିଳା ଜଣଙ୍କ ପ୍ରଖର ସ୍ରୋତରେ ଭାସିଯାଇଥିଲେ । ଦମକଳ ବାହିନୀ ଓ ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ଜଳସ୍ରୋତ ରେ ଭାସିଯାଇଥିବା ମହିଳା ଜଣଙ୍କୁ ଖୁବ ଖୋଜା ଖୋଜି କରାଯାଇଥିଲା । କିନ୍ତୁ ମହିଳା ଜଣଙ୍କ କୋଣସି ସୂଚନା ମିଳିନଥିଲା ।

# ପରିକ୍ଷାର୍ଥୀଙ୍କ ଯିବା ପାଇଁ ବସ୍‌ର ସୁବିଧା କଲା ଜିଲ୍ଲାପ୍ରଶାସନ

ମାଲକାନଗିରି,୩୧।୮ (ନି.ପ୍ର): ରାଜ୍ୟ ସରକାରଙ୍କ ନିଷ୍ପତି କ୍ରମେ ଆଜି ଜିଲ୍ଲାରେ ଆଇଆଇଟି, ଜେଇଇ ପରୀକ୍ଷା ପାଇଁ ମନୋନୀତ ହୋଇଥିବା ପରୀକ୍ଷାର୍ଥୀ ମାନଙ୍କୁ ମାଗଣାରେ ପରୀକ୍ଷା କେନ୍ଦ୍ରକୁ ଯିବାର ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ତରଫରୁ କରାଯାଇଛି ।ମାଲକାନଗିରି ଜିଲ୍ଲାରୁ ୧୦ ଜଣ ପରୀକ୍ଷାର୍ଥୀ ଓ ୮ଜଣ ପରିବାର ସଦସ୍ୟ ଙ୍କ ସହ ଏକ ବସ ଯୋଗେ ରାୟପୁର, ବ୍ରହ୍ମପୁର ଓ ଭୁବନେଶ୍ୱର ସ୍ଥିତ ପରୀକ୍ଷା କେନ୍ଦ୍ରକୁ ପଠାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ବସ କୁସାନିଟାଇଜ କରା ଯାଇଥିଲା । ମାଲକାନଗିରି ଉପ ଜିଲ୍ଲାପାଳ ରାମେଶ୍ୱର ପ୍ରଧାନ ପରୀକ୍ଷାର୍ଥୀ ମାନଙ୍କୁ ମାସ୍କ ,ଶୁଖିଲା ଖାଦ୍ୟ ଓ ପାଣି ବୋତଲ ମଧ୍ୟ ପ୍ରଦାନ କରିଥିଲେ । ଶ୍ରୀ ପ୍ରଧାନ ପରୀକ୍ଷାର୍ଥୀମାନେ କିପରି ଭଲରେ ଯାଇ ଭଲରେ ପରୀକ୍ଷା ଦେଇ ସୁରୁଖୁରୁରେ ମାଲକାନଗିରି ଫେରିବେ ତାର ବ୍ୟବସ୍ଥା କରିଥିଲେ ଓ ପରୀକ୍ଷାର୍ଥୀ ମାନଙ୍କୁ ଶୁଭକାମନା ଜଣାଇଥିଲେ । ଏହି କାର୍ଯ୍ୟକ୍ରମ ରେ ମାଲକାନଗିରି ଆର ଟି ଓ , ଏମ୍ ଭି ଆଇ, ଟ୍ରାଫିକ ଇନିସପେକ୍ଟର ଓ ଶିକ୍ଷ ତାଲିମ କେନ୍ଦ୍ର ଅଧକ୍ଷ ସହଯୋଗ କରିଥିଲେ ।ପରୀକ୍ଷାର୍ଥୀ ମାନଙ୍କର ସମସ୍ତ ପ୍ରକାର ସୁବିଧା ତଥା ଯିବାଆସିବା ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା ର ଦାୟିତ୍ୱ ନେଇଛନ୍ତି ସ୍ଥାନୀୟ ଆଇ ଟି ଆଇ ର ଅଧକ୍ଷ ।ସରକାରଙ୍କ ଏହି ଭଳି ମହତ୍ ପଦକ୍ଷେପକୁ ଜିଲ୍ଲାବାସି ପ୍ରଶଂସା କରିଛନ୍ତି ।

# ସାରର ଅଭାବ ଘୋର ଅଭାବ, ଚିନ୍ତାରେ ଚାଷୀକୂଳ

ନୂଆପଡ଼ା,୩୧।୮ (ନି.ପ୍ର): ସମୟ ଥିଲା ଚାଷୀ ମାନେ କ୍ଷେତରେ ଧାନ ନ ବୁଣିବା ଆଗରୁ ଗୋବର ଖତ ଜମିରେ ପକାଉଥିଲେ । ପରେ ଧାନ ବୁଣୁଥିଲେ । ଭଲ ବର୍ଷା ହେଲେ ଚାଷୀ ମାନେ ଦୁଇଗୁଣା ଫସଲ ଅମଲ ପାଉଥିଲେ । ଏହି ଗୋବର ଖତ ଭଲ ଭାବରେ ଥରେ ପ୍ରୟୋଗ କଲେ ୨ ରୁ ୩ ବର୍ଷ ପର୍ଯ୍ୟନ୍ତ ଧାନ ଅମଲ ହେଉଥିଲା । କିନ୍ତୁ ଏହି ଅ ଳରେ ଗାଇ ଗୋରୁ ଅଭାବ ପରିଲକ୍ଷିତ ହୋଇଯାଇଛି । ବର୍ତମାନ କୌଣସି ଚାଷୀଙ୍କ ଘରେ ଗାଇଗୋରୁ ନଥିବା କହିଲେ ଚଳେ । କାଁ ଭାଁ କମ ଚାଷୀଙ୍କ ଘରେ ଗାଇ ଗୋରୁ ଅଛି । ଯାହାଫଳରେ ଅଂଚଳରେ ଗତ ୨୦ ରୁ ୨୫ ବର୍ଷ ହେଲା ବିଦେଶୀ ସାରର ପ୍ରୟୋଗକୁ ଆଦରି ନେଇଛନ୍ତି । ଏହି ବିଦେଶି ସାର ୟୁରିଆ, ଡିଏପି, ପଟାସ ଇତ୍ୟାଦି ପ୍ରୟୋଗ ପ୍ରତିବର୍ଷ ନକଲେ ଧାନ ଫସଲ ହେବାର ପ୍ରଶ୍ନ ଉଠୁନାହିଁ । ଚାଷୀ ମାନେ ବାଧ୍ୟ ହୋଇ ଏହି ବିଦେଶୀ ସାରକୁ ପ୍ରୟୋଗ କରି ଆସୁଛନ୍ତି । ରାଜ୍ୟ ସରକାର ସମବାୟ ଆପଣଙ୍କ ଦ୍ୱାରରେ କହି ଡିଙ୍ଗୁରା ପିଟୁଛନ୍ତି । ସମବାୟ ସମିତି ମାଧ୍ୟମରେ ସମସ୍ତ ଚାଷୀ ଧାନ ବିହନ ସହିତ ସମସ୍ତ ପ୍ରକାର ସାର ରିହାତି ମୂଲ୍ୟରେ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରୁଛନ୍ତି । କିନ୍ତୁ ସମବାୟ ସମିତି କାର୍ଯ୍ୟାଳୟରେ ମଧ୍ୟ ସାର ମିଳୁ ନାହିଁ । ଚଳିତ ବର୍ଷ ଅନ୍ୟ ସାର ଅପେକ୍ଷା ୟୁରିଆ ସାରର ଘୋର ଅଭାବ ପରିଲକ୍ଷିତ ହୋଇଛି । ଯାହାଫଳରେ କଳା ବେପାରୀ ମାନେ ଚଢାଦରରେ ୟୁରିଆ ସାରକୁ ବିକ୍ରୟ କରୁଥିବା ବେଳେ ଗତ ୨୦ ରୁ ଅଧିକ ଦିନ ହେଲା ଚାଷୀଙ୍କୁ ୟୁରିଆ ସାର ମିଳୁନଥିବା ଅଭିଯୋଗ ହୋଇଛି । ଏ ବିଷୟରେ ଖଡିଆଳ ଠାରେ ଜିଲାପାଳଙ୍କୁ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳି ପାରୁନାହିଁ । ପ୍ରଶାସନ ପକ୍ଷରୁ କେବଳ ଫମ୍ପା ପ୍ରତିଶ୍ରୁତି ମିଳୁଛି ହେଲେ ଚାଷୀଙ୍କ ସମାଧାନ ହୋଇ ପାରୁନଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

# ଜୟପୁର ସଦର ଥାନାର ହାଜାତରେ ମୁଦୁଲାର ମୃତ୍ୟୁ

ଜୟପୁର,୩୧।୮ (ନି.ପ୍ର): ପୋଲିସ ଡିଜିପି କୋରାପୁଟ ଜିଲା ଗସ୍ତର କରି ଜିଲା ପୋଲିସ କୁ ପ୍ରଶଂସା କରି ଫରିବାର ୧୦ ଘ । ପରେ ଜୟପୁର ସଦର ଥାନାରେ ହାଜତ ମୃତ୍ୟୁ ଘଟଣା ଘଟିଛି । ଜୟପୁର ସଦର ଥାନାର ହାଜାତରେ ମୁଦୁଲାର ମୃତ୍ୟୁ ହୋଇଛି । ଗତ କାଲି ବିଳମ୍ବିତ ରାତ୍ର ରେ ବିଳମ୍ବିତ ରାତ୍ର ରେ ଏପରି ଘଟଣା ଘଟିଛି । ମୃତ ବ୍ୟାକ୍ତି ଜଣକ ହେଲେ ରାଜସ୍ଥାନର ଗୋପାଳ ରାମ (୪୪) ।ମୃତ ଗୋପାଳର ଘର ରାଜସ୍ଥାନ ନାଗୋର ଜିଲାର କାଥୋଟି ନଗର ହୋଇଥିବା ବେଳେ ଶିବ କରଣ ଙ୍କ ପୁଅ ହେଉଛନ୍ତି ଗୋପାଳ ରାମ । ଏନେଇ ଆଜି ଜୟପୁର ଏସଡିପିଓ ବରୁଣ ଗୁ ପାଲ୍ଲି ସୁଚନା ଦେଇ କହିଛନ୍ତି ଯେ ଗତକାଲି ବିଳମ୍ବିତ ରାତ୍ର ରେ ପୋଲିସ ପେଟ୍ରୋଲି କରୁଥିବା ବେଳେ ଉମୁରି ନିକଟରେ ଏକ ଟ୍ରକ ଦେଖିଥିଲେ । ଟ୍ରକ ଡ୍ରାଇଭର ପୋଲିସ କୁ ଦେଖି ଟ୍ରକ ଛାଡି ଚାଲି ଯାଇଥିଲା । ଏନେଇ ପୋଲିସ ଯା କରିବା ପରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲେ । ଉକ୍ତ ଟ୍ରକକୁ ଆରଜେ୨୧ଜିଏ ୩୯୫୯ ଥାନା ଆଣି ଦେଖିବା ପରେ ଏକ ଆଧାର କାଡ ପାଇ ଥିଲେ । ସେହି ଆଧାର କାର୍ଡରେ ଗୋପାଳ ରାମ ନାମ ରହିଥିଲା । ପୁଣି ପୋଲିସ ଖୋଜା ଖୋଜ କରି ଡ୍ରାଇଭରକୁ ରାତ୍ର ୨ଟାରେ ଧରି ଥାନା କୁ ଆଣି ହାଜାତରେ ରଥିଲେ । ଓ ସେଁ କୁ ମଧ୍ୟ କଡା ନଜର ରଖିବା ପାଇଁ କୁହାଯାଇଥିଲା । କିନ୍ତୁ ଭୋର ସମୟରେ ବାଥରୁମରେ ବେଡସିଟକୁ ଦଉଡି ଆକାରରେ କରି ଆତ୍ମହତ୍ୟା ଉଦ୍ୟମ କରିଥିଲା ଗୋପାଳ ରାମୁ । ପରେ ସେଁ୍ର ଦେଖି ପାଟି କରିବାରୁ ଗୋପାଳକୁ ଉଦ୍ଧାର କରି ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଗୋପାଳ କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ଘଟଣା ଘଟିବା ପରେ ଜୟପୁର ଏସଡିପିଓ ଗୁ ପାଲ୍ଲି, ବୋରିଗୁମ୍ମା ଏସଡିପିଓ ହରେକୃଷ୍ଣ ମାଝୀ, ସାଇିଫିକଟିମ ତଦନ୍ତ କରିଥିଲେ । ମାଜିଷ୍ଟେଟ ମଧ୍ୟ ତଦନ୍ତ କରିଛନ୍ତି । ଏନଏଚଆରସି ର ନିୟମ ଅନୁଯାୟି ତଦନ୍ତ କରାଯିବା ସହ ଜୁଡିଜିଆଲି ତଦନ୍ତ ମଧ୍ୟ ହେବ ବୋଲି ଏସଡିପିଓ ଗୁ ପାଲ୍ଲି ସୁଚନା ଦେଇଛନ୍ତି । ମୃତ ଗୋପାଳର ପରିବାର କୁ ମଧ୍ୟ ସୁଚନା ଦିଆଯାଇଛି । ସେମାନେ ଆସିବା ପରେ ପିରବାର ଓ ମାଜଷ୍ଟେଟର ଉପସ୍ଥିତିରେ ଶବ ବ୍ୟବଛେଦ କରାଯିବ । ବ ମାନ ଏନେଇ ୨୩/ ୨୦ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ଏହା ସହ ବିଭାଗୀୟ ତଦନ୍ତ ମଧ୍ୟ କରାଯିବ । ଗତକାଲି ଗଞ୍ଜେଇ ଧରି ଗୋପାଳ ପାଡୁଆ ଠାରୁ ରାଜସ୍ଥାନ ଯାଉଥିଲେ । ଟ୍ରକରେ ୮ କ୍ୱିଇ ।ଲ ୫ କେଜି ଗଞ୍ଜେଇ ରହିଥିଲା । ଯାହାର ଆନୁମାନିକ ମୁଲ୍ୟ ୪୫ ଲକ୍ଷ ହେବ । ଏନେଇ ୧୬୦/୨୦ ମାମଲା ମଧ୍ୟ ରୁଜୁ ହୋଇଛି । ପୋଲିସ ଡିଜି ଆସି କୋରାପୁଟ ଜିଲା ପୋଲିସକୁ ପ୍ରଶଂସା କରିବାର ୧୦ ଘଂଟା ପରେ ଏପରି ଘଟଣା ଜିଲାରେ ଘଟିଥିବା ବେଳେ ଉକ୍ତ ଘଟଣା ଜିଲାରେ ଚହଳ ସୃଷ୍ଟି କରିଛି । ଟ୍ରକରେ କଣ ଜଣେ ଡ୍ରାଇଭର ହିଁ ଥିଲା କି ବୋଲି ସାଧାରଣ ରେ ପ୍ରଶ୍ନ ଉଠିଛି । ରାତ୍ର ୨ଟାରେ ଗୋପାଳକୁ କାବୁ କରାଯାଇଥିବା ବେଳେ ୩ ଘଣ୍ଟା ଭିତରେ ସେ କିପରି ଆତ୍ମହତ୍ୟା ଉଦ୍ୟମ କଲେ ତାହାକୁ ନେଇ ସନ୍ଦେହ ଘନିଭୁତ ହୋଇଛି । ଗୋପାଳକୁ କଣ ନିର୍ଯ୍ୟାତନା ଦିଆଯାଇଥିବା ସନ୍ଦେହ ସୃଷ୍ଟି ହୋଇଛି ।

## ସାପ କାମୁଡାରେ ଯୁବକ ମୃତ

ବାରିପଦା,୩୧।୮ (ନି.ପ୍ର): ସାପ କାମୁଡାରେ ଜନୈକ ଯୁବକ ମୃତ୍ୟୁବରଣ କରିଥିବାର ଜନାଯାଇଛି । ମୃତ ଯୁବକ ଜଣକ ହେଲେ ମରୋଡା ବ୍ଲକ ଅଧିନ ପାଂଚଭାୟା ଗ୍ରାମର ମୁଲୁକଚାନ୍ଦ ମହା'ଙ୍କ ପୁଅ ସୌରଭ ମହା' । ସେ ଗତ ୨୩ ତାରିଖରେ ନିକଟସ୍ଥ ଗ୍ରାମ୍ୟ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବା ବେଳେ ସେଠାରେ ତାଙ୍କୁ ସାପ କାମୁଡିଥିଲା । ତେବେ ଖବର ପାଇ ପରିବାର ଲୋକେ ତୁର' ତାଙ୍କୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସପିଟାଲରେ ଚିକିତ୍ସା ପାଇଁ ଭର୍ତି କରିଥିଲେ । ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଡାକ୍ତର କଟକ ବଡ ଡାକ୍ତରଖାନାକୁ ସ୍ଥାନା'ର କରିଦେଇଥିଲେ । କଟକ ହସପିଟାଲରେ ଗତ ୨୮ ତାରିଖ ସକାଳ ପ୍ରାୟ ୮.୩୦ ମିନିଟ ସମୟରେ ତାଙ୍କର ମୃତ୍ୟୁ ଘଟିଥିବାର ଜଣାଯାଇଛି ।

# ଦୟା ଓ ରାଜୁଆ ସଙ୍ଗମ ସ୍ଥଳରେ ୮୦ ଫୁଟ୍ ଲମ୍ବର ଘାଇ : ଦୁଇ ଜିଲାର ୩ ବ୍ଲକ୍ ବନ୍ୟାପାଣି ଘେରରେ

ଜଟଣୀ,୩୧।୮ (ନି.ପ୍ର): ପ୍ରଳୟଙ୍କରୀ ବନ୍ୟାର କରାଳ ବିଭିଷିକାରେ ରବିବାର ଭୋର ୪ଟାରେ ଜଟଣୀର ତିରିମଲଠାରେ ଥିବା ଦୟାବ୍ରିଜ ନିକଟ ତିମଲ-ମନ୍ଦାରବସ୍ତ ରାସ୍ତାର ଦୟା ଓ ରାଜୁଆ ନଦୀର ସଂଗମ ସ୍ଥଳଠାରେ ୮୦ଫୁଟ ଘାଇ ସୃଷ୍ଟି ହୋଇଛି । ଫଳରେ ଏହାର ପ୍ରଭାବରେ ପୁରୀ ଓ ଖୋର୍ଦ୍ଧା ଜିଲାର ହଜାର ହଜାର ଗ୍ରାମ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି । ୨ଟି ଜିଲାର ୩ଟି ବ୍ଲକ ତଥା ଜଟଣୀ, ଡେଲାଙ୍ଗ ଓ କଣାସ ବ୍ଲକର ହଜାର ହଜାର ଗ୍ରାମର ଲକ୍ଷଲକ୍ଷ ଲୋକେ ଜଳବନ୍ଦୀ ମଧ୍ୟରେ ରହିଛନ୍ତି । ସେହିପରି ଜଟଣୀ ବ୍ଲକର ପ୍ରଧାନସାହୀ ପଚାଂୟତର କଂଟିଲୋ ଗ୍ରାମ ଓ ଏହାର ଆଖପାଖ ଗ୍ରାମଗୁଡିକ ବନ୍ୟାଘେରରେ ରହିଛି । ସମସ୍ତ ପ୍ରଭାବିତ ଅଂଚଳକୁ ସରକାରୀ ଅଧିକାରୀମାନେ ବୁଲି ସ୍ଥିତି ସମୀକ୍ଷା କରିବା ସହିତ ପିଡିତ ମାନଙ୍କୁ ଶୁଖିଲାଖାଦ୍ୟ ଯୋଗାଇ ଦେଇଥିଲେ । ଅନ୍ୟପକ୍ଷରେ ହୀରାକୁଦର ବନ୍ୟା ଜଳ ଆଜି ରାତି ସୁଦ୍ଧା ଦୟା ଓ ରାଜୁଆ ନଦୀରେ ପ୍ରବାହିତ ହେବାପରେ ଜଳପତନ ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଫଳରେ ବନ୍ୟା ଘେରରେ ରହିଥିବା ବିପନ୍ନ ମାନଙ୍କର ଦୁର୍ଦ୍ଦଶା ଦ୍ୱିଗୁଣିତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ଏନେଇ ରାଜନୈତିକ ଦଳ ତଥା କଂଗ୍ରେସ ଓ ଭାଜପା ଦଳର କର୍ମିମାନେ ଘଟଣାସ୍ଥଳରେ ପହଁଚିବା ସହିତ ବିପନ୍ନଙ୍କୁ ସମବେଦନା ଜଣାଇଥିଲେ । ଏବେ ଧୀରେ ଧୀରେ ଜଟଣୀ ସହର ଚତୁପାର୍ଶ୍ୱରେ ବନ୍ୟାଜଳ ଘେରିବାକୁ ଲାଗିଲାଣି । ରବିବାର ଭୋର ସମୟରେ ତିରିମଲ-ମନ୍ଦାରବସ୍ତ ନଦୀବନ୍ଧରେ ୮୦ ଫୁଟର ଘାଇ ସୃଷ୍ଟି ହେବା ଫଳରେ ଆଖପାଖର ଲୋକେମାନେ ଭୟଭିତ ହୋଇଯାଇଥିଲେ । ବନ୍ୟାଜଳର ସ୍ରୋତ ଏଭଳିଥିଲା ଯେ, ବନ୍ଧରେ କଡରେ ଲାଗିଥିବା ସମସ୍ତ ବିରାଟକାୟ ବୃକ୍ଷଗୁଡିକୁ ଭସାଇନେଇ ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ ମନ୍ଦାରବସ୍ତ, ହଳଦିଆପଡା ଓ କଂଟାବଣିଆ ଗ୍ରାମର ପଛପଟେ ଥିବା କେତେକ ବ୍ୟକ୍ତିଙ୍କ ବାରିପଟେ ଯାଇ ଲାଗି ରହିଥିବା ଦେଖିବାକୁ ମିଳିଥିଲା । ଏପରିକି ଜଟଣୀ ବ୍ଲକ ତିରିମଲ ପଚାଂୟତର ତିରିମଲଗ୍ରାମରେ ବନ୍ୟାଜଳ ପ୍ରବେଶ କରିଥିବା ଦେଖିବାକୁ ମିଳିଛି । ଏହି ବନ୍ଧଟିରେ ଗତ ବନ୍ୟାରେ ମଧ ୩୦ଫୁଟର ଘାଇ ସୃଷ୍ଟି ହୋଇଥିଲା । ହେଲେ ଏହାର କୌଣସି ସ୍ଥାୟୀ ପ୍ରତିକାର କରାଯାଉନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ତିରିମଲ ବ୍ରିଜଠାରୁ ଦକ୍ଷୀଣ ଦିଗକୁ ୭ କିମି ଯାଇଥିବା ଏହି ମନ୍ଦାରବସ୍ତ ନଦୀ ବନ୍ଧଟି ଦୁର୍ବଳ ହୋଇଥିବା ଯୋଗୁଁ ଏପରି ଘଟଣା ଘଟୁଛି ବୋଲି ଲୋକେ କହିଛନ୍ତି । ଏହି ଅଣଓସାରିଆ ରାସ୍ତାଟି ସରକାରଙ୍କ ଜମିରେ ଅଧେ ଓ ଲୋକମାନଙ୍କ ଜମିରେ ଅଧେ ମିଳିତ ହୋଇ ରାସ୍ତା ନିର୍ମାଣ ହୋଇଥିବାରୁ ଫସଲ ଉଜୁଡିଯାଇଥିବା ଜଣେ ବିଲର ମାଲିକ କହିଛନ୍ତି । ତେବେ ଆଜି ଏହି ବନ୍ୟାଜଳ ପ୍ରବେଶ କରିବା ପରେ ଜଟଣୀ ବ୍ଲକର ତିରିମଲ, ଦେଉଳବସ୍ତ, ରାଣୀପୁର ଓ ବିସିଆପଡା ଇତ୍ୟାଦି ଗ୍ରାମଗୁଡିକ ପ୍ରଭାବିତ ହୋଇଥିବା ବେଳେ ଚାଷଜମି ଜଳମଗ୍ନ ହୋଇଛି । ସେହିପରି ପୁରୀ ଜିଲା ଡେଲାଙ୍ଗ ବ୍ଲକ ମାଣତ୍ରୀ, ରେଙ୍ଗଳ, ଯମୁନା ପ୍ରଭୃତି ଗ୍ରାମ ଏବଂ କଣାସ ବ୍ଲକର ଛୋଟିଯୋଡି, ହଳଦିଆପଡା, ଅଂଳାଯୋଡି, ଟିମେଇପୁର, ମନ୍ଦାରବସ୍ତ ଓ କଂଟାବଣିଆ ପ୍ରଭୃତି ୧୪ଟି ମୌଜାର ହଜାର ହଜାର ଲୋକେ ଦୁର୍ଦ୍ଦଶା ମଧ୍ୟରେ ଜୀବନ ଅତିବାହିତ କରୁଥିବା ବେଳେ ହଜାର ହଜାର ହେକ୍ଟର ଚାଷଜମିରେ ଫସଲ ନଷ୍ଟ ହୋଇଯାଇଛି ।

# ବିଭାଗୀୟ ଅଧିକାରୀ ଓ ଠିକାଦାର ମାଲେମାଲ, ତେନ୍ତଳାପଶି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କର ବର୍ଷେ ପରେ ଉଠିଲା ପିଚୁ

ହରିଚନ୍ଦନପୁର,୩୧।୮ (ନି.ପ୍ର): ଗାଁ ଗାଁକୁ ଗମନାଗମନ ସୁବିଧା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି, ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଅଧିକ ଲାଭବାନ ମନୋଭାବକୁ ନେଇ ଅନେକ ଲୋକ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମ୍ୟ ଉନ୍ନୟନ ଦ୍ୱାରା ଲକ୍ଷାଧିକ ଟଙ୍କାର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିମ୍ନମାନର ରାସ୍ତା କାର୍ଯ୍ୟ କରି ସରକାରୀ ଟଙ୍କାକୁ ହରିଲୁଟ୍ କରିଥିବା ଭଳି ସଙ୍ଗିନ ଅଭିଯୋଗ ଆସିଛି । ଏମିତି ଏକ ଘଟଣା କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ତେନ୍ତଳାପଶି ଗ୍ରାମ ପଂଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଲକ୍ଷାଧିକ ଟଙ୍କାର ରାଜସ୍ୱରେ ନିର୍ମାଣ ହୋଇଥିବା ରାସ୍ତାର ସ୍ଥାୟୀତ୍ୱର ୪ବର୍ଷ ପୂର୍ବରୁ ପିଚୁ ଉଠିଯାଉଛି । ସୂଚନା ଅନୁଯାୟୀ ତେନ୍ତଳାପଶି ଗ୍ରାମ ପଂଚାୟତ ଠାରୁ ଧାନଗୁରୁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ରାସ୍ତା ନିର୍ମାଣ କାର୍ଯ୍ୟ ୧୮.୦୫.୨୦୧୮ ଆରମ୍ଭ ହୋଇ ୧୭.୦୨.୨୦୧୯ ଶେଷ ହୋଇଥିଲା । ଅନେକ ଦାବି ପରେ ଗ୍ରାମରେ ନୂତନ ଭାବେ ଉନ୍ନତମାନର ରାସ୍ତା ନିର୍ମାଣ ହୋଇଥିବା ନେଇ ଗ୍ରାମବାସୀ ଖୁସି ହେଉଥିବା ବେଳେ ବର୍ତ୍ତମାନ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି । ରାସ୍ତା ଉପରେ ବର୍ତ୍ତମାନ ଝାଡୁ ମାରିଦେଲେ ଗଦା ହେଇଯାଉଛି ପିଚୁ ମିଶା ଛୋଟ ଛୋଟ ପଥର ଖଣ୍ଡ । ପ୍ରଶାସନର ଏଭଳି କାର୍ଯ୍ୟରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷର ଦାନା ବାନ୍ଧିଛୁ । ଘଟଣା ସମ୍ପର୍କରେ ଆମେ ହରିଚନ୍ଦନପୁର ସହକାରୀ ନିର୍ବାହିଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପ୍ରତିକ୍ରିୟା ନେବା ପାଇଁ ପହଞ୍ଚିଥିଲୁ ହେଲେ କାର୍ଯ୍ୟାଳୟରେ ଟେବୁଲ୍ ଚେୟାର ବ୍ୟତୀତ ଆଉ କାହାକୁ ଦେଖିବାକୁ ପାଇନଥିଲୁ । ବାଧହୋଇ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲୁ, ଘଟଣା ସମ୍ପର୍କରେ ଅବଗତ କରିବା ପରେ ସେ କହିଛନ୍ତି କାର୍ଯ୍ୟଟି ସମ୍ପୂର୍ଣ୍ଣ ହୋଇନି ଯଦି ଆବଶ୍ୟକ ପଡେ ତେବେ ତାହା କଂଟ୍ରାକ୍ଟର କରିବ । ଏଠାରେ ପ୍ରଶ୍ନ ଯେ, ବିଭାଗୀୟ ଅଧିକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବା କହୁଥିବା ବେଳେ ସୂଚନା ଫଳକରେ ସୂଚିତ ଅନୁଯାୟୀ କାର୍ଯ୍ୟ ଶେଷର ଏକ ବର୍ଷରୁ କିଛି ଦିନ ଅଧିକ ହୋଇଛି । ତେବେ କାର୍ଯ୍ୟର ହିସାବ ସୂଚନା ଫଳକରେ ଲିପିବଦ୍ଧ ହୋଇଥିବା ସତ୍ତ୍ୱେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ କେମିତି ଅଛପା ରହିଛି ତାହାକୁ ନେଇ ସାଧାରଣରେ ଉଠିଛି ବିଭିନ୍ନ ପ୍ରଶ୍ନ । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ରାସ୍ତାଟିର ପୁନଃରୁଦ୍ଧାର କରାଇବାକୁ

## ବାତ୍ୟା ପ୍ରଭାବିତ ଅଂଚଳରେ ରିଲିଫ ଯୋଗାଣ ଓ ଫିସ୍ ଛାଡ ପାଇଁ ଏ.ଆଇ.ଡି.ଏସ.ଓ. ର ଦାବି

ଭୁବନେଶ୍ୱର,୩୧।୮ (ନି.ପ୍ର): ଲଗାଣ ବର୍ଷା ଫଳରେ ରାଜ୍ୟରେ ବହୁ ଅଂଚଳ ବନ୍ୟା ଦ୍ୱାରା ପ୍ରଭାବିତ ହେବା ଯୋଗୁଁ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡିଛି । ପାଣି ଘେରରେ ଜନସାଧାରଣ ରହି ଆଜି ରିଲିଫ୍ ଆବଶ୍ୟକ କରୁଛନ୍ତି । ବହୁ ଛାତ୍ରଛାତ୍ରୀଙ୍କ ବହିପତ୍ର ମଧ ନଷ୍ଟ ହୋଇଯାଇଛି । ଲକ୍‌ଡାଉନ୍ ଜନିତ ଦୁର୍ଦ୍ଦଶାକୁ ବନ୍ୟା ଆଜି ବହୁଗୁଣିତ କରିଦେଇଛି । ଏହି ପରିସ୍ଥିତିରେ ରାଜ୍ୟର ସମସ୍ତ ଛାତ୍ରଛାତ୍ରୀଙ୍କ ଫିସ୍ ଛାଡ ଓ ବିପନ୍ନଙ୍କୁ ରିଲିଫ୍ ଯୋଗାଣ ସହ ଡାକ୍ତରୀ ଚିକିତ୍ସା ଯୋଗାଇ ଦେବାକୁ ଏ.ଆଇ.ଡି.ଏସ.ଓ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ,ସଂପାଦକ ସୁବାସ ନାୟକ ଏକ ପ୍ରେସ୍ ବିବୃତି ଜରିଆରେ ଦାବି କରିଛନ୍ତି ।

# +୨ ଅନ୍‌ଲାଇନ୍ ଆବେଦନ ଅବଧି ବୃଦ୍ଧି ପାଇଁ ଏ.ଆଇ.ଏସ୍.ଏଫ୍. ପକ୍ଷରୁ ଦାବି

ଭୁବନେଶ୍ୱର,୩୧।୮ (ନି.ପ୍ର): ଯୁକ୍ତ ୨ ଅନ୍‌ଲାଇନ୍ ଫର୍ମ ଦାଖଲର ଶେଷ ତାରିଖ ପରିବର୍ଦ୍ଧନ ପାଇଁ ଏ.ଆଇ.ଏସ୍.ଏଫ୍. ପକ୍ଷରୁ ଦାବି କରାଯାଇଛି । ଚଳିତମାସ ୨୧ତାରିଖରୁ ଫର୍ମ ପୂରଣ ପ୍ରକ୍ରିୟା ଆରମ୍ଭ ହୋଇଛି । କିନ୍ତୁ ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍‌ରେ ଆବେଦନ କରିବା ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଟେକନିକାଲ୍ ଅସୁବିଧା କାରଣରୁ ଏକାଥରେ ବହୁ ଛାତ୍ରଛାତ୍ରୀ ଆବେଦନ କରୁଥିବାରୁ ଏଭଳି ସମସ୍ୟା ଉପୁଜୁଛି ବୋଲି ବିଦ୍ୟାର୍ଥୀମାନେ ଅଭିଯୋଗ କରିଛନ୍ତି । ଯାହାଫଳରେ ହଜାର ହଜାର ଛାତ୍ରଛାତ୍ରୀ ନାମ ପଞ୍ଜିକରଣ କରିଥିଲେ ସୁଦ୍ଧା ଆବେଦନ କରିପାରୁନାହାଁନ୍ତି । ଆସନ୍ତା ସେପ୍ଟେମ୍ବର ୪ ପର୍ଯ୍ୟନ୍ତ କମନ୍ ଆପ୍ଲିକେସନ୍ ଫର୍ମ ଶେଷ ତାରିଖ ହୋଇଥିବାରୁ ବିଦ୍ୟାର୍ଥୀ ଓ ଅଭିଭାବକଙ୍କ ଚିନ୍ତାର କାରଣ ହୋଇଛି । ରାଜ୍ୟ ସରକାର ତୁରନ୍ତ ଅନଲାଇନ୍ ଆବେଦନର ଅବଧି ବୃଦ୍ଧି କରିବା ସହିତ ୱେବ୍‌ସାଇଟ୍‌ରେ ଉପୁଜୁଥିବା ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଆସନ୍ତା ୨.୯.୨୦୨୦ରିଖ ବୁଧବାର ଦିନ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କୁ ଏ.ଆଇ.ଏସ୍.ଏଫ୍. ପକ୍ଷରୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ଛାତ୍ରସଂଘର ସଭାନେତ୍ରୀ ସଂଘମିତ୍ରା ଜେନା ଜଣାଇଛନ୍ତି ।

# ଜାତୀୟ ଶିକ୍ଷାନୀତି ପାଇଁ କେନ୍ଦ୍ର ସରାକର ଅଧିକ ଅର୍ଥ ବରାଦ କରନ୍ତୁ - ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ

## ଜାତୀୟ ଶିକ୍ଷାନୀତି-୨୦୨୦ ଏବଂ ଓଡିଶାରେ ବିଦ୍ୟାଳୟ ଶିକ୍ଷା ୱେବିନାର

ଭୁବନେଶ୍ୱର,୩୧।୮ (ନି.ପ୍ର): ଜାତୀୟ ଶିକ୍ଷାନୀତି ୨୦୨୦ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ତେବେ ଏହାକୁ କାର୍ଯ୍ୟକାରୀ କରିବା ଲାଗି କେନ୍ଦ୍ର ସରକାର ରାଜ୍ୟ ପାଇଁ ଅଧିକ ବ୍ୟୟ ବରାଦ କରିବା ସହିତ ଆବଶ୍ୟକ ଅର୍ଥର ୮୦ ଭାଗ ଯୋଗାଇଦେବା ଆବଶ୍ୟକ । ଏହା କହିଛନ୍ତି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲସ କଲଚରାଲ ସେଣ୍ଟର (ପିକକ), ଓଡିଶା ଆଲାଏନ୍ସ ର ଚାଇଲ୍ଡ ରାଇଟସ(ଓଏସିଆର) ଏବଂ ଏନଏସିଜି ଇଭିଏସି, ଇଣ୍ଡିଆ ଓଡ଼ିଶା ଶାଖା ପକ୍ଷରୁ ଆୟୋଜିତ 'ଜାତୀୟ ଶିକ୍ଷାନୀତି ୨୦୨୦ ଓ ଓଡିଶାର ବିଦ୍ୟାଳୟ ଶିକ୍ଷାଦାନ ଉପରେ ଏହାର ପ୍ରଭାବ' ଶୀର୍ଷକ ୱେବିନାରରେ ମନ୍ତ୍ରୀ ଶ୍ରୀ ଦାସ କହିଛନ୍ତି ଯେ ଦେଶରେ ଏକକ ଶିକ୍ଷାନୀତି ସ୍ୱାଗତଯୋଗ୍ୟ ପଦକ୍ଷେପ । କେନ୍ଦ୍ର ସରକାର ମାନବ ସମ୍ବଳ ବିକାଶ ବିଭାଗର ନାମ ବଦଳାଇ ଶିକ୍ଷା ବିଭାଗ କରିବା ଏବଂ ନୂତନ ଶିକ୍ଷାନୀତିରେ ୩ବର୍ଷ ବୟସରୁ ପିଲାଙ୍କୁ ଶିକ୍ଷାଦାନ ପାଇଁ ବ୍ୟବସ୍ଥା କରିବା ସାମଗ୍ରିକ ଭାବେ ସ୍ୱାଗତଯୋଗ୍ୟ । ହେଲେ କେନ୍ଦ୍ର ସରକାର ଏଥିରେ ଆର୍ଥିକ ବ୍ୟବସ୍ଥା ନେଇ କିଛି ସ୍ପଷ୍ଟ କରିନାହାନ୍ତି । ଏଥିପାଇଁ କିଏ କେତେ ପରିମାଣର ଅର୍ଥ ବ୍ୟବସ୍ଥା କରିବ ବୋଲି ମନ୍ତ୍ରୀ ଶ୍ରୀ ଦାସ ପ୍ରଶ୍ନ କରିବା ସହିତ କେନ୍ଦ୍ର ସରକାର ୮୦ ପ୍ରତିଶତ ଓ ରାଜ୍ୟ ସରକାର ୨୦ ପ୍ରତିଶତ ଆର୍ଥିକ ବୋଝ ବହନ ପାଇଁ ପ୍ରସ୍ତାବ ଦେଇଛନ୍ତି । କାର୍ଯ୍ୟକ୍ରମରେ ଅଧକ୍ଷତା କରି ଓଡିଶା ଆଲାଏନ୍ସର ଚାଇଲ୍ଡ ରାଇଟସ(ଓଏସିଆର) ଓ ଏନଏସିଜି ଇଭିଏସି, ଇଣ୍ଡିଆର ଅଧକ୍ଷ ରଞ୍ଜନ ମହାନ୍ତି ନୂତନ ଶିକ୍ଷାନୀତି ଆଧାରରେ ରାଜ୍ୟରେ ବିଦ୍ୟାଳୟ ଶିକ୍ଷା ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ପିକକର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ୱେବିନାରରେ ଅଂଶଗ୍ରହଣ କରି ବରିଷ୍ଠ ପ୍ରଶାସକ ତଥା ଏସ×ସିଇଆରଟିର ନିର୍ଦ୍ଦେଶକ ଗଙ୍ଗାଧର ସାହୁ କହିଥିଲେ ଯେ ଜାତୀୟ ଶିକ୍ଷାନୀତି-୨୦୨୦ ଏକ ଉତମ ଯୋଜନା ଏବଂ ଏହାକୁ ନେଇ ପ୍ରଶ୍ନ କରିବାର ନାହିଁ । ଏହାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ କେତେକ ଦିଗପ୍ରତି ବିଶେଷ ଦୃଷ୍ଟି ହେବାକୁ ପଡିବ । ବିଶେଷକରି ଅଙ୍ଗନବାଡି ଗୁଡିକର ପୁର୍ନଗଠନ, ପାଠ୍ୟକ୍ରମ ପରିବର୍ତନ, ତାଲିମପ୍ରାପ୍ତ ଶିକ୍ଷକ ନିଯୁକ୍ତି ଭଳି ଶିକ୍ଷା ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତନ ହେବ । ଗୁଜୁରାଟସ୍ଥିତ ପଣ୍ଡିତ ଦୀନ ଦୟାଲ ପେଟ୍ରୋଲିୟମ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସୀତାକାନ୍ତ ମିଶ୍ର କହିଥିଲେ ଯେ ୧୯୮୬ ମସିହାରେ ଶେଷ ଶିକ୍ଷାନୀତି ପ୍ରସ୍ତୁତ ହୋଇଥିଲା । ବର୍ତମାନ ଭାରତ ବହୁ ଆଗକୁ ଯାଇଥିବାରୁ ନୂତନ ଶିକ୍ଷାନୀତିର ଆବଶ÷କ ଥିଲା ଯାହା ଜାତୀୟ ଶିକ୍ଷାନୀତି-୨୦୨୦ ପୂରଣ କରିପାରିବ । ଓଡିଶାରେ ଏବେ ନାରୀମାନେ ଆଗକୁ ଆସୁଛନ୍ତି । ତେଣୁ ସେମାନଙ୍କ ଦ୍ୱାରା ଶିକ୍ଷାର ସ୍ୱପ୍ନ ପୂରଣ ହୋଇପାରିବ । ୩ରୁ ୬ବର୍ଷ ବୟସର ପିଲାଙ୍କ ଶିକ୍ଷାଦାନ ଆରମ୍ଭ କରିବାକୁ ହେଲେ ପ୍ରଥମେ ଭିତିଭୂମି ଆବଶ୍ୟକତା ପୂରଣ କରିବାକୁ ହେବ । ନୂତନ ବ୍ୟବସ୍ଥାରେ ମ୍ଧାହ୍ନଭୋଜନ ସହିତ ସକାଳ ଜଳଖିଆ ପ୍ରଦାନ ଭଳି ବ୍ୟବସ୍ଥା ରହିଥିବାବେଳେ ଏଥିରୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସୁବିଧ ପାଇବାକୁ କେନ୍ଦ୍ର ସରକାରଙ୍କ ସହ ସମନ୍ୱୟ ରକ୍ଷା କରିବାକୁ ସେ ପରାମର୍ଶ ଦେଇଥିଲେ । ଜେଏନୟୁର ପୂର୍ବତନ ପ୍ରଫେସର ଡକ୍ଟର ଅଜିତ ମହାନ୍ତି କହିଥିଲେ ଯେ ନୂଆ ଶିକ୍ଷାନୀତିରେ ୫ମ ଶ୍ରେଣୀଯାଏ ମାତୃଭାଷା ଓ ଆଂଚଳିକ ଭାଷାରେ ଶିକ୍ଷାଦାନର ବ୍ୟବସ୍ଥା ହୋଇଛି । ଏହା ବେଶ ଭଲ ପଦକ୍ଷେପ । ୮ମ ଶ୍ରେଣୀ ଯାଏ ମାତୃଭାଷାରେ ଶିକ୍ଷା ଦିଆଯାଇପାରିଲେ ଆହୁରି ଭଲ ହେବ । ଏହାଦ୍ୱାରା ଓଡିଶାର ପିଲାମାନେ ଭଲ ପ୍ରଦର୍ଶନ କରିବେ । ତେବେ ମାତୃଭାଷା ପରେ ଇଂରାଜୀ ଓ ହିନ୍ଦୀ ଭାଷାରେ ଶିକ୍ଷାଦାନ ସହିତ ଇଂରାଜୀ ଭାଷାର ପ୍ରଭାବ ନେଇ ସମୀକ୍ଷା କରିବାକୁ ସେ ପ୍ରସ୍ତାବ ଦେଇଥିଲେ । ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ପ୍ରାତିଶ ଆଚାର୍ଯ୍ୟ କହିଥିଲେ ଯେ ନୂତନ ଶିକ୍ଷାନୀତି କାର୍ଯ୍ୟକାରୀ ପାଇଁ ଆମକୁ ଭିତିଭୂମି ବିକାଶ କରିବା ସହିତ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି କରିବାକୁ ପଡିବ । ମାଧ୍ୟମିକ ସ୍ତରରେ ସେମିଷ୍ଟାର ଢାଂଚାରେ ପରୀକ୍ଷା କରାଇବାକୁ ସେ ପ୍ରସ୍ତାବ ଦେଇଥିଲେ । ସେହିଭଳି ଶିକ୍ଷାନୀତିରେ ଧନ୍ଦାମୂଳକ ଶିକ୍ଷାକୁ ଅଗ୍ରାଧିକାର ଦିଆଯାଇଥିବାରୁ ପିଲାମାନେ ବେଶ ଉପକୃତ ହୋଇପାରିବେ । ଏଫଆଇଏସଇର ସଭାପତି ପ୍ରଫେସର ଅମୀୟ ମହାନ୍ତି ନୂତନ ଶିକ୍ଷାନୀତିରେ ଯେଉଁ ଢାଂଚାଗତ ପରିବର୍ତନ କରାଯାଇଛି ତାହା କାର୍ଯ୍ୟକାରୀ କରିବାପାଇଁ ବିପୁଳ ଅର୍ଥ ଆବଶ୍ୟକ ହେଉଥିବାରୁ ଜିଡିପିର ୧୦ ପ୍ରତିଶତ ଶିକ୍ଷାରେ ବ୍ୟୟ ଲାଗି ପ୍ରସ୍ତାବ ଦେବା ସହିତ ଶିକ୍ଷାନୀତିକୁ ତରବରିଆ ଭାବେ ଲାଗୁ ନକରି ବ୍ୟାପକ ଆଲୋଚନା, ପର୍ଯ୍ୟାଲୋଚନା କରିବାକୁ କହିଥିଲେ । ରାଜ୍ୟ ଭିନ୍ନକ୍ଷମ କମିଶନର ପୂର୍ବତନ ଥ୍ମକ୍ଷା କସ୍ତୁରୀ ମହାପାତ୍ର ନୂତନ ଶିକ୍ଷାନୀତିରେ ଭିନ୍ନକ୍ଷମ ଶିଶୁମାନଙ୍କ ପାଇଁ ଥିବା ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ମହାନ୍ତି ନୂଆ ଶିକ୍ଷାନୀତି ଆଧାରରେ ଅଙ୍ଗନବାଡି କେନ୍ଦ୍ରକୁ ବିଦ୍ୟାଳୟରେ ମିଶାଇବା ସହିତ ସେଠାରେ ଜଣେ ଜଣେ ସେବିକା ନିଯୁକ୍ତି ପାଇଁ ପ୍ରସ୍ତାବ ଦେଇଥିଲେ । ଏଥିସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ବ୍ୟବହୃତ ଆଂଚଳିକ ଭାଷାକୁ ପାଠପଢାରେ ବ୍ୟବହାର ପାଇଁ କହିଥିଲେ । ଶିକ୍ଷାବିତ ଡକ୍ଟର କୁମରବର ଦାସ ଜାତୀୟ ଶିକ୍ଷାନୀତି-୨୦୨୦ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିବାବେଳେ ଓପନ ଲର୍ଣ୍ଣ ସିଷ୍ଟମର ମୁଖ୍ୟ କାର୍ଯ୍ୟ ନିର୍ବାହୀ ପ୍ରକାଶ ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ଏହି ୱେବିନାରରେ ତିନି ଶହରୁ ଅଧିକ ବ୍ୟକ୍ତି ଭାଗ ନେଇଥିବାବେଳେ ଅନେକ ସେମାନଙ୍କ ସୁଚିନ୍ତିତ ପରାମର୍ଶ ପଠାଇଥିଲେ । ୱେବିନାର ପରିଚାଳନାରେ ପିକକର କାର୍ଯ୍ୟକର୍ତା ଡ.ସୁଚିତ୍ରା ମହାନ୍ତି , ମୋନାଲିସା ପାତ୍ର, ପ୍ରୀତମ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ଔଷଧୀୟ ବୃକ୍ଷଲତା

ବାଡ଼ି ବଗିଚାରେ ତୁଳସୀ, ଥାଲକୁଡ଼ି, ଅମରପୋଇ, ବାସଙ୍ଗ, ବାଡ଼ିଅଁଳା, ଚିରେଇତା, ମଂଜୁଆତି, ପୁଦିନା, ଘିକୁଆଁରୀ, ଅରଖ, ବେଲ, ସଜନା, ଭୁର୍ସୁଙ୍ଗ, ବ୍ରାହ୍ମୀ ଆଦି ବୃକ୍ଷଲତା ଗୁଳ୍ମ ଦେଖିବାକୁ ମିଳେ। ଏଗୁଡ଼ିକୁ ସାଧାରଣତଃ ଅନାବନା ଭାବେ ଏଣେତେଣେ ଉଠିଥାନ୍ତି। ମାତ୍ର ଔଷଧୀୟ ଗୁଣରେ ଭରପୁର। ଚିହ୍ନଟ କରି ଏସବୁ ବୃକ୍ଷଲତାକୁ ଯତ୍ନର ସହିତ ବାଡ଼ିର ଗୋଟିଏ ନର୍ଦ୍ଦିଷ୍ଟ ସ୍ଥାନରେ ଲଗାନ୍ତୁ। ଅନେକ ଉପକାର ମିଳିବ। ଏସବୁ ବୃକ୍ଷ ବଜାରରୁ କିଣି ମଧ୍ୟ ନିଜ ବଗିଚାରେ କିଂବା କୁଣ୍ଡରେ ଲଗାଇ ଚାଷ କରିପାରିବେ। ଗଛ ଲଗାଇସାରିବା ପରେ ଆବଶ୍ୟକତା ଅନୁସାରେ ସାର ଓ ଖତକୁ ମାଟିରେ ମିଶାଇ ଉପଯୁକ୍ତ ସମୟ ବ୍ୟବଧାନରେ ପ୍ରୟୋଗ କରନ୍ତୁ। ଲତାଜାତୀୟ ଗଛଗୁଡ଼ିକୁ ବାଡ଼ି ମଝିରେ ନ ଲଗାଇ, ଚାରିପାଖ ବାଡ଼ କିଂବା ଖୁଂଟକୁ ଲଗାଇ ପୋତନ୍ତୁ। ଏହାଦ୍ୱାରା ସେଗୁଡ଼ିକ ସହଜରେ ବଢ଼ିପାରିବେ। ସଜନା, ପସାରୁଣି, ପୋଦିନା, ବ୍ରାହ୍ମୀ ଆଦିର ଡାଳ ପୋତିଦିଅନ୍ତୁ, ଅଙ୍କୁରିତ ହେବ। ସେହିପରି ତୁଳସୀ, ନିମ୍ବ, ଡାଳିମ୍ବ, ଅଁଳା ଆଦିର ଉତ୍ତମ କିସମ ମଂଜି କିଂବା ଚାରା ଲଗାନ୍ତୁ।



# ଘରେ ଔଷଧ ଖାଇବା ପୂର୍ବରୁ....

■ଘରେ ରହି ଯଦି କୌଣସି ରୋଗ ପାଇଁ ନିୟମିତ ଔଷଧ ସେବନ କରିବାକୁ ପଡୁଛି ତେବେ ସାମାନ୍ୟ ସତର୍କ ରୁହନ୍ତୁ । ଔଷଧ ମନଇଚ୍ଛା ବ୍ୟବହାର କରନ୍ତୁ ନାହିଁ ।

■ପ୍ରଥମତଃ ଔଷଧ ସର୍ବଦା ଠିକ୍ ସମୟରେ ନିଅନ୍ତୁ । ଯେତିକି ଘଣ୍ଟା ଅନ୍ତରରେ ଔଷଧ ଓ ଯେତିକି ପରିମାଣରେ ନେବାକୁ କୁହାଯାଇଛି ଠିକ ସେତିକି ମାତ୍ରାରେ ଓ ସେତିକି ସମୟ ଅନ୍ତରାଳୀରେ ନିଅନ୍ତୁ । ଅଧିକ ବା କମ୍ ଖାଆନ୍ତୁ ନାହିଁ ।



# ଅତ୍ୟଧିକ ମୋବାଇଲ୍ ଫୋନ୍ ବ୍ୟବହାର ଟ୍ୟୁମରର କାରଣ



ମୋବାଇଲ ଫୋନ୍ ବିନା ଆଜିକାଲି ବଞ୍ଚିବା କଷ୍ଟକର ହୋଇପଡ଼ିଲାଣି । ତେବେ ସେଲ୍‌ଫି ଫୋନ୍ ଯେ ଆମର ପ୍ରଭୂତ କ୍ଷତି କରୁଛି ସେ ବିଷୟରେ ଅନେକ ଅଜ୍ଞ । ଅତ୍ୟଧିକ ସେଲ୍‌ଫ ଫୋନ ବ୍ୟବହାର ଦ୍ୱାରା ମସ୍ତିଷ୍କରେ ଟ୍ୟୁମର ହୋଇପାରେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି । ଫ୍ରାନ୍ସର ଗବେଷକମାନେ ଏହାର ବିପଜ୍ଜନକ ପରିଣାମ ସମ୍ପର୍କରେ ସୂଚନା ଦେଇ କହି ସାବଧାନ କରାଇଦେଇଛନ୍ତି । ଏ ନେଇ ସେମାନେ ଅଧିକ ଅନୁଧାନ କରୁଛନ୍ତି ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି । ପିଟସବର୍ଗ ବିଶ୍ୱବିଦ୍ୟାଳୟର ମସ୍ତିଷ୍କ ଟ୍ୟୁମର ବିଶେଷଜ୍ଞ ଡକ୍ଟର ଏଲ୍ ଡାଡେ କହିଛନ୍ତି ଅତ୍ୟଧିକ ଫୋନ୍ ବ୍ୟବହାର ଓ ଟ୍ୟୁମର ସମସ୍ୟ ନେଇ ଏହା ପ୍ରଥମେ ଅଧ୍ୟୟନ ନୁହେଁ ।

ଗର୍ଭବତୀଙ୍କୁ ଚାପମୁକ୍ତ ରଖେ ଯୋଗ

ଗର୍ଭାବସ୍ଥାରେ ଯୋଗ କଲେ ତାହା ଗର୍ଭବତୀଙ୍କ ପାଇଁ ହିତକର ହୋଇଥାଏ । ଏହା ସେମାନଙ୍କୁ ଚାପମୁକ୍ତ ରଖିବା ସହିତ ପିଲା ଜନ୍ମକୁ ନେଇ ଥିବା ବିଭିନ୍ନ ସମସ୍ୟା ଟାଳିଥାଏ ବୋଲି ଗବେଷକମାନେ ଜଣାଇଛନ୍ତି । ମଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟର ଗବେଷକମାନେ କହିଛନ୍ତି, ଗର୍ଭାସ୍ଥାରେ ଯୋଗ କରିବା ଏକ ବଢ଼ିଆ ବ୍ୟାୟାମ । ଏହି ସମୟରେ ହେଉଥିବା ପିଠି ଯନ୍ତ୍ରଣା, ସାଇଟିକା ଏବଂ ଅନ୍ୟାନ୍ୟ ବ୍ୟଥା ଓ ଯନ୍ତ୍ରଣା ଯୋଗ ଦ୍ୱାରା ଦୂର ହୋଇଥାଏ । ନିୟମିତ ଯୋଗ କରିବା ଦ୍ୱାରା ପ୍ରସବ ଅପେକ୍ଷାକୃତ ସହଜ ଓ କମ୍ ସମୟରେ ହୋଇଥାଏ । ଏହି ସମୟରେ ଖାସ୍ କରି ୫ଟି ଯୋଗାସନ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି । ସେହି ଆସନଗୁଡ଼ିକ ହେଲା ବଦ୍ଧା କୋଣାସନ, ଦଣ୍ଡାସନ, ମଜାରାଆସନ ଓ ଅଧୋ ମୁଖା ସ୍ୱନାସନ । ତେବେ ଏହା ଅଧିକ ଦେହ ପ୍ରତି କ୍ଷତି ଆଣିପାରେ ।

# ବର୍ଷାଦିନେ ସତର୍କତା



ବର୍ଷାଦିନରେ ବିଭିନ୍ନ ପ୍ରକାର ରୋଗ ହେବା ଏକ ସାଧାରଣ କଥା; କିନ୍ତୁ ତା ଠାରୁ ବଡ଼ ହେଉଛି ବିଭିନ୍ନ ପ୍ରକାର ଚର୍ମରୋଗ । ବିଶେଷ କରି ପାଣି ଲାଗିବା ଯୋଗୁଁ ପାଦରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି ହୋଇଥାଏ । ଯେପରି କି ପାଦ ଓଦା ହୋଇ ଦୁଇ ଆଙ୍ଗୁଠି ମଝିରେ ଫଙ୍ଗାଲ୍ ଇନ୍‌ଫେକ୍‌ସନ୍, ନଖ କୋଣରେ ପାଣି ପଶି ଫୁଲିବା ମଇଳା ପାଣି ଲାଗି କୁଣ୍ଡାଇ ହେବା । ସେଥିପାଇଁ ଆମକୁ ସତର୍କ ହେବା ସହିତ ଏହି ଦିନରେ ଅଧିକ ଯତ୍ନ ନେବାକୁ ପଡ଼ିଥାଏ । ବାହାରୁ କୁଆଡ଼େ ଘରକୁ ଆସିଲେ ସାବୁନରେ ଗୋଡ଼ ହାତ ଭଲଭାବରେ ଧୋଇ ନିଅନ୍ତୁ । ପାଦକୁ ପୋଛି ଶୁଖାଇବା ପରେ ପାଉଡ଼ର ପକାଇ ପାରନ୍ତି । ବର୍ଷା ଦିନେ ଖାଲିପାଦରେ କେବେ ବି ବାହାରେ ପାଦ ରଖନ୍ତୁ ନାହିଁ । ନଚେତ୍ ଘା' ହୋଇଯିବ । ବର୍ଷାଦିନେ ମୋଜା ପ୍ରତିଦିନ ବଦଳାନ୍ତୁ । ଯଦି ପାରିବେ ଏହି ଋତୁରେ ପେଡିକିୟୋର କରିବା ଆହୁରି ଭଲ ।

# ପରଦାକୁ ଆସିଲା 'ମିଶନ୍ ମଙ୍ଗଲ'ର ଟିଜର

ଜଗନ ଶକ୍ତିଙ୍କ ଦ୍ୱାରା ନିର୍ଦ୍ଦେଶିତ ବହୁ ପ୍ରତୀକ୍ଷିତ ଫିଲ୍ମ 'ମିଶନ୍ ମଙ୍ଗଲ'ର ଟିଜର ରିଲିଜ୍ ହୋଇଛି । ଟିଜରରେ ଅକ୍ଷର କୁମାର ଏବଂ ବିଦ୍ୟା ବାଲାନ୍ ଜବରଦସ୍ତ ଅଭିନୟ କରିଛନ୍ତି । ଏଥିରେ ପ୍ରମୁଖ ବୈଜ୍ଞାନିକମାନଙ୍କ ହୃଦୟସ୍ପର୍ଶୀ କାହାଣୀ ରହିବା ସହିତ କିଛି ସମର୍ପିତ ମହିଳାଙ୍କ କଥା ବର୍ଣ୍ଣନା କରାଯାଇଛି । ଯେଉଁମାନେ ପରିବାର ଏବଂ ଚାକିରିର ଦାୟିତ୍ୱ ସତ୍ତ୍ୱେ ବି କିପରି ସଫଳତା ପାଇଛନ୍ତି, ତାହା ହିଁ ଏଥିରେ କୁହାଯାଇଛି । ପୁରା ଟିଜରରେ ଦେଶପ୍ରେମର କଥା କୁହାଯାଇଛି । ଏହାର ଯୁଗ୍ମ ନିର୍ଦ୍ଦେଶକ ଅଛନ୍ତି ଜଗନ ଶକ୍ତି । ମଙ୍ଗଳଯାନ ପ୍ରକଳ୍ପ ଉପରେ ଆଧାରିତ ଏହି ଫିଲ୍ମଟି ଆସନ୍ତା ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ ମୁକ୍ତିଲାଭ କରିବ ବୋଲି ଜଣାପଡ଼ିଛି । ଏହି ଦିନ ମଧ୍ୟ ଇସ୍ରୋର ପ୍ରତିଷ୍ଠା ଦିବସ । ଏଥିରେ ବିଦ୍ୟା ବାଲାନ୍, ଅକ୍ଷୟ କୁମା, ତାପସୀ ପନ୍ନୁ, ସୋନାକ୍ଷୀ ସିହ୍ନା, ନିତ୍ୟା ମେନନ୍ ପ୍ରମୁଖ ବଳିଷ୍ଠ ଅଭିନୟ କରିଛନ୍ତି ।

# ବେବି ଫୁଡ୍ ନବଜାତ ସ୍ୱାସ୍ଥ୍ୟ ପାଇଁ ହୋଇପାରେ କ୍ଷତିକାରକ: ଡବ୍ଲ୍ୟୁଏଚ୍‌ଓ



ଜାତିସଂଘର ଏକ ରିପୋର୍ଟକୁ ଯଦି ଗ୍ରହଣ କରାଯାଏ ତେବେ ବଜାରରେ ବିକ୍ରି ହେଉଥିବା ଅଧିକାଂଶ ବେବି ଫୁଡ୍ ନବଜାତ ଶିଶୁର ସ୍ୱାସ୍ଥ୍ୟପାଇଁଢ କ୍ଷତିକାରକ ଅଟେ । କାରଣ ଏଥିରେ ଚିନିର ମାତ୍ରା ଅଧିକ ରହୁଛି । ଏହାକୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଏକ ନିୟମାବଳୀ ମଧ ଜାରି କରିଛି । ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ନଭେମ୍ବର ୨୦୧୭ରୁ ଜାନୁଆରୀ ୨୦୧୮ ମଧରେ ଅଷ୍ଟ୍ରିୟା, ବୁଲଗେରିଆ, ଇସ୍ରାଏଲ, ହଙ୍ଗେରି ଆଦି ଦେଶର ୫୦୦ରୁ ଅଧିକ ଦୋକାନରେ ବିକ୍ରି ହେଉଥିବା ୮ ହଜାରରୁ ଅଧିକ ବେବି ଫୁଡ୍ (ଶିଶୁ ଖାଦ୍ୟ)ର ଯାଞ୍ଚ କରାଯାଇଥିଲା । ପରେ ରିପୋର୍ଟରେ କୁହାଯାଇଛି ଯେ, ୮ ହଜାର ଉତ୍ପାଦ ମଧ୍ୟରୁ ଅଧାରୁ ଅଧିକ ଉତ୍ପାଦରେ ୩୦% କ୍ୟାଲେରି ସୁଗର ଥିଲ । ବେଳେ ପାଖାପାଖି ଏକ ତୃତୀୟାଂଶ ଉତ୍ପାଦରେ ଚିନି ମାତ୍ରା ଅଧିକ ଥିବା ଜଣାପଡ଼ିଛି । ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କୁହାଯାଇଛି ଯେ, ଫଳ ପନିପରିବାରେ ପ୍ରାକୃତିକ ଭାବେ ଚିନି ମହଜୁଦ ରହିଥାଏ । ଏହା ପିଲାଙ୍କ ଖାଦ୍ୟରେ ସାମିଲ କରାଯାଇପାରେ । ମାତ୍ର ବଜାରରେ ବିକ୍ରି ହେଉଥିବା ଶିଶୁ ଖାଦ୍ୟରେ ଚିନି ମାତ୍ରା ଅଧିକ ପରିମାଣର ରହୁଥିବାରୁ ଏହା ଶରୀର ପାଇଁ କ୍ଷତିକାରକ ଅଟେ । ଏହି ଖାଦ୍ୟ ଖାଇବା ଦ୍ୱାରା ଶିଶୁଙ୍କ ଓଜନ ବଢ଼ିବା ସହ ଦାନ୍ତରେ କ୍ୟାଭିଟିଜ ସମସ୍ୟା ସୃଷ୍ଟି ହୋଇଥାଏ । ନିୟମାବଳୀର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି ଯେ, ପିଲାମାନଙ୍କୁ ଅଧିକ ମାତ୍ରାର ଚିନି ସେବନ ଠାରୁ ଦୂରେଇ ରଖିବା ନିହାତି ଜରୁରୀ । ଜୀବନର ପ୍ରାରମ୍ଭରୁ ଯଦି ଅଧିକ ମାତ୍ରାର ମିଠା ଖାଦ୍ୟ ସେମାନଙ୍କୁ ଦିଆଯାଏ ତେବେ ବଡ଼ ହେଲେ ଏହା ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରେ, ସେମାନଙ୍କୁ ଅନ୍ୟ ପୋଷକ ତତ୍ୱ ଯୁକ୍ତ ଖାଦ୍ୟ ଗ୍ରହଣ କରିବାକୁ ଇଚ୍ଛା ହୋଇନଥାଏ । ଏହା ଶିଶୁର ଅଭିବୃଦ୍ଧି, ବିକାଶରେ ମଧ ବାଧକ ସାଜିଥାଏ । ରିପୋର୍ଟରେ କୁହାଯାଇଛି ଯେ, ଯେଉଁ ଶିଶୁ ଖାଦ୍ୟରେ ଅଧିକ ମାତ୍ରାରେ ଚିନି ରହୁଛି, ସେହି ଖାଦ୍ୟକୁ ନିଶ୍ଚିତ କରିବା ନିହାତି ଆବଶ୍ୟକ ।




# ବ୍ରଣ ଦୂର କରିବ ମହୁ

ସାଧାରରତଃ ବର୍ଷା ଦିନେ ତ୍ୱଚା ଜନିତ ବିଭିନ୍ନ ସମସ୍ୟା ଦେଖାଯାଇଥାଏ । ବର୍ଷା ଦିନେ ହେଉଥିବା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ତ୍ୱଚା ବିଷେଶଜ୍ଞଙ୍କ ପରାମର୍ଶ ନେଇ ମଧ ଏଥିରେ ବିଫଳ ହୁଅନ୍ତି । ଯଦି ସଠିକ୍ ସମୟରେ ଘରୋଇ ଉପଚାର କରାଯାଏ, ତେବେ ଏଥିରୁ ମୁକ୍ତି ମିଳିବା ସମ୍ଭବ ହେବ । ଏ ସମୟରେ ବ୍ରଣ ଭଳି ସମସ୍ୟା ତ୍ୱଚାରେ ଉପୁଜିଥାଏ । ଆମ ନିକଟରେ ହିଁ ଏହାର ଉପାୟ ଲୁଚି ରହିଛି । ରୋଷେଇରେ ବ୍ୟବହାର ଆସୁଥିବା ମହୁ ହେଉଛି ବ୍ରଣ ଦୂର କରିବାର ଉତ୍କୃଷ୍ଟ ଉପାୟ । ମହୁ ଭଳି ଏକ ଚମତ୍କାରୀ ଉପାଦାନ ମାଧମରେ ଏହାକୁ ଦୂର କରିବା ସମ୍ଭବପର । ମହୁରେ ଥିବା ଜୀବାଣୁ ପ୍ରତିରୋଧକ ତତ୍ତ୍ୱ ତ୍ୱଚାର ଜୀବାଣୁକୁ ନଷ୍ଟ କରିବାରେ ବେଶ ସହାୟକ ହୋଇଥାଏ । ଏହା ଶରୀର ପାଇଁ ଉପକାରୀ ହେବା ସହ ଶରୀରରେ ରକ୍ତକୁ ବିଶୁଦ୍ଧ କରିଥାଏ । ପ୍ରଦତ୍ତ କିଛି ସରଳ ଉପଚାର ମାଧମରେ ଆପଣ ବ୍ରଣରୁ ମୁକ୍ତି ପାଇପାରିବେ ।




**ମହୁ ଓ ବେକିଂ ସୋଡ଼ା:**

ଗୋଟିଏ ଚାମଚ ବେକିଂ ସୋଡ଼ାକୁ ଦୁଇଚାମଚ ମହୁରେ ମିଶାଇ ଏକ ଲେପ ପ୍ରସ୍ତୁତ କରନ୍ତୁ । ଏହି ଲେପକୁ ତ୍ୱଚାରେ ଗୋଲାକାର ଭାବେ ମସାଜ କରନ୍ତୁ । ଏହାର ୫ ମିନିଟ ପରେ ଅଳ୍ପ ଉଷୁମ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ । ୩ରୁ ୫ ଦିନ ମଧରେ ଥରେ ଏହିପରି କରିଲେ ତ୍ୱଚାରୁ ବ୍ରଣ ଦୂର ହୋଇଯିବ ।

**ମହୁ ଓ ହଳଦୀ:**

ମହୁ ଓ ହଳଦୀରେ ପ୍ରଚୁର ପରିମାଣରେ ପ୍ରାକୃତିକ ତତ୍ତ୍ୱ ଭରି ରହିଛି । ଏକ ଚାମଚ ମହୁରେ ଅଳ୍ପ ହଳଦୀ ମିଶି ଏକ ଲେପ ପ୍ରସ୍ତୁତ କରନ୍ତୁ । ଏହାକୁ ୩୦ ମିନିଟ୍ ପାଇଁ ବ୍ରଣ ହୋଇଥିବା ସ୍ଥାନରେ ଲଗାଇ ରଖନ୍ତୁ । ଏହା ପରେ ଅଳ୍ପ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଏହାକୁ ସପ୍ତାହରେ ଥରେ ନିଶ୍ଚୟ ବ୍ୟବହାର କରନ୍ତୁ ।

**ମହୁ ଏବଂ ସେଓର ସିରକା:**

ଗୋଟିଏ ଚାମଚ ପାଣିରେ, ଦୁଇ ଚାମଚ ମହୁ ଏବଂ କିଛି ମାତ୍ରାର ସେଓର ସିରକାକୁ ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ତୁଳା ସହାୟତାରେ ବ୍ରଣ ହୋଇଥିବା ସ୍ଥାନରେ ଲଗାଇ କିଛି ସମୟ ପାଇଁ ସମାଜ କରନ୍ତୁ । ଏହାକୁ ଲଗାଇବାର ୪୦ ମିନିଟ୍ ପରେ ପାଣିରେ ଧୋଇ ଦିଅନ୍ତୁ । ଏହା ପରେ ସେଓର ସିରକାକୁ ଟୋନର ଭଳି ବ୍ୟବହାର କରନ୍ତୁ ।

**ମହୁ ଏବଂ ଗ୍ରୀନ୍ ଟି :**

ଏଥିପାଇଁ ଆପଣଙ୍କୁ ଅଳ୍ପ ମାତ୍ରା ମହୁ, ୨ କପ୍ ଉଷୁମ ପାଣି ଏବଂ ଗୋଟିଏ ଗ୍ରୀନ୍‌ଟି ବ୍ୟାଗ୍‌ରେ ଆବଶ୍ୟକ ହେବ । ଏହି ଗରମ ପାଣିରେ ଗ୍ରୀନ୍‌ଟି ବ୍ୟାଗଟିକୁ କିଛି ସମୟ ପାଇଁ ବୁଡ଼ାଇ ଦିଅନ୍ତୁ । ଥଣ୍ଡା ହୋଇଯିବା ପରେ ଅଳ୍ପ ଗ୍ରୀନ୍ ଟି ପାଣିକୁ ଅଲଗା ରଖି ଦିଅନ୍ତୁ ଏବଂ ବଳକା ପାଣିରେ ମହୁକୁ ଗୋଳାଇ ଲେପ ପ୍ରସ୍ତୁତ କରନ୍ତୁ । ପ୍ରଥମେ ଅଳ୍ପ ରଖିଥିବା ଗ୍ରୀନ୍ ଟି ପାଣିକୁ ତ୍ୱଚାରେ ପୋଛି ଦିଅନ୍ତୁ । ଏହାପରେ ପ୍ରସ୍ତୁତ ପେଷ୍ଟକୁ ମୁହଁରେ ୨୦ ମିନିଟ ପାଇଁ ରଖି ପରେ ଧୋଇ ଦିଅନ୍ତୁ ।






**ମହୁ ଓ ଲେମ୍ବୁ:**

ଏକ ଚାମଚ ମହୁ, ଅଳ୍ପ ଚିନି, ଅଧ ଚାମଚ ଲେମ୍ବୁ ରସ ଏବଂ ଲେମ୍ବୁ ଜେଷ୍ଟ(ଲେମ୍ବୁର ଚୋପାକୁ ଶୁଖାଇ ଗୁଣ୍ଡ ପ୍ରସ୍ତୁତ କରାଯାଇଥାଏ)କୁ ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁରେ ୩୦ ମିନିଟ୍ ପର୍ଯ୍ୟନ୍ତ ରଖି ଉଷୁମ ପାଣିରେ ଧୋଇ ଦିଅନ୍ତୁ ।

# ପ୍ଲାଷ୍ଟିକ୍ ବ୍ୟାଗରେ ଭର୍ତ୍ତି କରି ପିଲାଙ୍କୁ ନଦୀ ପାର୍ କରନ୍ତି ପରିବାର ଲୋକେ

ଶୁଖିଲା ପୋଷାକରେ ପିଲାଙ୍କୁ ସ୍କୁଲ ଛାଡ଼ିବା ପାଇଁ ଭିଏତ୍‌ନାମର ହୁଓଇ ଗ୍ରାମର ଲୋକେ ଯେଉଁ କାର୍ଯ୍ୟ କରନ୍ତି ତାହା ବୋଧହୁଏ ବିଶ୍ୱର କେଉଁଠାରେ ମଧ ଦେଖିବାକୁ ମିଳୁନଥିବ । ଏଠାକାର ପିଲାମାନେ ବର୍ଷାଦିନେ ନିଜ ଜୀବନକୁ ବାଜି ଲଗାଇ ନଦୀ ପାର୍ ହୋଇ ସ୍କୁଲ ଯାଇଥାନ୍ତି । ଗ୍ରାମରୁ ସ୍କୁଲକୁ ଯିବା ପାଇଁ ନଦୀ ପାର୍ ହେବାକୁ ପଡ଼ିଥାଏ । ବର୍ଷାଦିନେ କାଠ ତିଆରି ପୋଲ ଭାଙ୍ଗି ଯାଇଥିବାରୁ ପ୍ଲାଷ୍ଟିକ୍ ବ୍ୟାଗରେ ପିଲାମାନଙ୍କୁ ଭର୍ତ୍ତି କରି ପରିବାର ଲୋକେ ନଦୀରେ ପହଁରି ପହଁରି ସ୍କୁଲ ଛାଡ଼ିଥାନ୍ତି । ସ୍କୁଲରେ ପହଞ୍ଚିଲା ବେଳକୁ ଯେପରି ପିଲାଙ୍କ ଡ୍ରେସ୍ ଓଦା ହୋଇନଥିବ ତାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନେଇଥାନ୍ତି ସେମାନେ । ଗାଁ ମୁଖିଆଙ୍କ କହିବା ଅନୁସାରେ ଏହି କାମ ଅତି ବିପଦପୂର୍ଣ୍ଣ । ହେଲେ ଆମ ନିକଟରେ ଆଉ କୌଣସି ବାଟ ନାହିଁ । ଏୟାର ଟାଇଟ୍ ପଲିଥିନ୍ କାରଣରୁ ପିଲାମାନଙ୍କ ପାଇଁ ଅନେକ ସମୟରେ ଅକ୍ସିଜେନ୍ କମ୍ କାରଣରୁ ବଡ଼ ସମସ୍ୟା ସୃଷ୍ଟି ହୋଇଥାଏ । ତେବେ ଆମେ ଏହି ସମସ୍ୟା ନେଇ ଅନେକ ଥର ସରକାରଙ୍କୁ ଅବଗତ କରାଇଥିଲେ ମଧ ଏଥିପ୍ରତି କେହି ଦୃଷ୍ଟି ଦେଉନଥିବାରୁ ଏପରି ଅସୁବିଧା ଆମକୁ ଏବଂ ଆମ ପିଲାମାନଙ୍କୁ ଭୋଗିବାକୁ ପଡୁଛି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଅନାବଶ୍ୟକତାହୀନ...

ଜାମ୍ମୁ କାଶ୍ମୀରରୁ ଧାରା ୩୭୦ ଏବଂ ଧାରା ୩୫ (କ) ଉଚ୍ଛେଦ ଏବଂ ଏହି ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ କ୍ଷେତ୍ର (ଜାମ୍ମୁ ଓ କାଶ୍ମୀର ଏବଂ ଲଦାଖ)ରେ ବିଭାଜିତ କରାଯିବାର ଏକ ବର୍ଷରୁ ଅଧିକ ସମୟରେ ବିତିସାରିବା ପରେ ଏବେ ସେହି ରାଜ୍ୟର ଚାରିଟି ପ୍ରମୁଖ ରାଜନୈତିକ ଦଳ ଏବଂ କଂଗ୍ରେସ ଓ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ସେଠାରେ ଧାରା ୩୭୦ର ପୁନଃପ୍ରଚଳନ ପାଇଁ ପ୍ରୟାସ ଆରମ୍ଭ କରାଯାଇଛି । ଏହି ମର୍ମରେ ନ୍ୟାସନାଲ କନଫରେନ୍ସ ନେତା ଡକ୍ଟର ଫାରୁକ ଅବଦୁଲ୍ଲା, ପିଡିପି ନେତ୍ରୀ ମେହବୁବା ମୁଫତୀ ଅନ୍ୟ ରାଜନୈତିକ ଦଳ- ପିପୁଲ୍ସ କନଫରେନ୍ସ, ଜାମ୍ମୁ କାଶ୍ମୀର ଆୱାମୀ ନ୍ୟାସନାଲ କନଫରେନ୍ସ ଗୁପକାର ଘୋଷଣାନାମାକୁ କାର୍ଯ୍ୟକାରୀ କରିବା ସକାଶେ ସଂଗ୍ରାମ ଜାରି ରଖାଯିବ ବୋଲି ନିକଟରେ ଘୋଷଣା କରିଛନ୍ତି । ଏହି ମର୍ମରେ ଡକ୍ଟର ଅବଦୁଲ୍ଲାଙ୍କ ବାସଭବନରେ ଏହି ଛଅଟି ରାଜନୈତିକ ଦଳର ନେତାମାନେ ଏକଜୁଟ ହୋଇ ଭବିଷ୍ୟତ କାର୍ଯ୍ୟପନ୍ଥା ମଧ୍ୟ ସ୍ଥିର କରିଛନ୍ତି । ଗୁପକାର ଘୋଷଣାନାମାର ମୂଳ ଉଦ୍ଦେଶ୍ୟ ହେଲା ପୁଣି ଥରେ ଜାମ୍ମୁ କାଶ୍ମୀରରକୁ ରାଜ୍ୟର ମାନ୍ୟତା ପ୍ରଦାନ ଏବଂ ଉଚ୍ଛେଦ କରାଯାଇଥିବା ଧାରା ୩୭୦ ଏବଂ ଧାରା ୩୫ (କ)କୁ ପୁନଃବହାଲ କରିବା । ଏହାଦ୍ୱାରା ପୂର୍ବରୁ ଜାମ୍ମୁ କାଶ୍ମୀରକୁ ମିଳୁଥିବା ବିଶେଷାଧିକାର କାଏମ ହୋଇପାରିବ । ଗତବର୍ଷ ଅଗଷ୍ଟ ୫ ତାରିଖ ଦିନ କେନ୍ଦ୍ର ସରକାର ଏଭଳି ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣୟ ନେବାର ମାତ୍ର ଗୋଟିଏ ଦିନ ପୂର୍ବରୁ ଫାରୁକ ଅବଦୁଲ୍ଲାଙ୍କ ବାସଭବନରେ ଏହିସବୁ ଦଳମାନେ ଗୁପକାର ଘୋଷଣାନାମା ଜାରି କରିଥିଲେ । କିନ୍ତୁ କେନ୍ଦ୍ର ସରକାରଙ୍କ ନିର୍ଣ୍ଣୟକୁ ରୋକିବାରେ ତାହା କୌଣସି ମତେ ସକ୍ଷମ ହୋଇନଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏବେ ଜାମ୍ମୁ କାଶ୍ମୀର ଦୁଇଟି କେନ୍ଦ୍ରଶାସିତ କ୍ଷେତ୍ରରେ ପରିଣତ ହୋଇସାରିଛି ଏବଂ ସେଠାରେ ସକଳ ପ୍ରକାର କେନ୍ଦ୍ରୀୟ ଆଇନ ଲାଗୁ କରାଯାଇଛି । କେବଳ ସେତିକି ନୁହେଁ, ରାଜ୍ୟବାସୀ ମଧ ଗତ ଏକବର୍ଷ ମଧରେ ସେଠାରେ ଘଟିଥିବା ସକାରାତ୍ମକ ଓ ବିକାଶମୂଳକ ପରିବର୍ତ୍ତନର ହାୱାକୁ ଭଲଭାବେ ଅନୁଭବ କରିପାରିଛନ୍ତି । ଜାମ୍ମୁ କାଶ୍ମୀରଠାରୁ ପୃଥକ୍ ହେବା ପରେ ଲଦାଖ ମଧ ଏକ ସ୍ୱତନ୍ତ୍ର କେନ୍ଦ୍ରଶାସିତ କ୍ଷେତ୍ର ରୂପେ ଏହାର ବିକାଶ ଯାତ୍ରାରେ ଆଗକୁ ଅଗ୍ରସର ହୋଇଚାଲିଛି । କେବଳ ସେତିକି ନୁହେଁ, ଜାମ୍ମୁ କାଶ୍ମୀରରେ ଘଟିଥିବା ଏଭଳି ରାଜନୈତିକ ପରିବର୍ତ୍ତନକୁ କେବଳ ଦେଶ ନୁହେଁ, ଅନ୍ତଃରାଷ୍ଟ୍ରୀୟ ସ୍ତରରେ ମଧ ସଭିଏଁ ଗ୍ରହଣ କରିସାରିଛନ୍ତି । କାଶ୍ମୀର ପ୍ରସଙ୍ଗରେ ଭାରତର ଏହା ଗତ ସାତ ଦଶନ୍ଧି ମଧରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଇପାରେ । କେନ୍ଦ୍ର ସରକାର ଏଭଳି ପଦକ୍ଷେପ ଗ୍ରହଣ କରିବା ଦ୍ୱାରା ଦୁଇଟି ଗୁରୁତ୍ୱପୂର୍ଣ୍ଣ କଥା ପଦାକୁ ଆସିଥିଲା । ପ୍ରଥମତଃ, ଜାମ୍ମୁ କାଶ୍ମୀରକୁ ଯେଉଁ ବିଶେଷାଧିକାର ପ୍ରାପ୍ତ ହେଉଥିଲା ଏବଂ ସେଥିରୁ ଯେଉଁ କତିପୟ ରାଜନୈତିକ ଦଳ ଓ ବ୍ୟକ୍ତିବିଶେଷ ଉପକୃତ ହୋଇ ଆସୁଥିଲେ ସେମାନଙ୍କ ମୁଖା ସଂପୂର୍ଣ୍ଣ ରୂପେ ଖୋଲି ଯାଇଥିଲା । ସେମାନେ ହଠାତ୍ ଯେପରି ନିଷ୍ପ୍ରଭ ହୋଇଗଲା ପରି ଅନୁଭବ କରିଥିଲେ ଏବଂ ଏହାର ପରିଣାମସ୍ୱରୂପ ସେମାନେ ପ୍ରତିବାଦର ସ୍ୱର ଉତ୍ତୋଳନ କରିଥିଲେ । ଏବେ ସୁଦ୍ଧା ସେହି କାରଣରୁ ଫାରୁକ ଅବଦୁଲ୍ଲା ଓ ମେହବୁବା ମୁଫତୀଙ୍କ ଅଟକ ରଖାଯାଇଛି । କେନ୍ଦ୍ରଶାସିତ କ୍ଷେତ୍ରରେ ପରିଣତ ହେବାପରେ ଜାମ୍ମୁ କାଶ୍ମୀରବାସୀ ରାଜନୈତିକ ଏବଂ ଆର୍ଥିକ ଦୃଷ୍ଟିରୁ ମାତ୍ର ଏକବର୍ଷ ମଧ୍ୟରେ ଯେଉଁ ସୁବିଧା ସୁଯୋଗ ପାଇପାରିଛନ୍ତି ତାହା ଅବିଶ୍ୱସନୀୟ । ତେଣୁ ସେମାନେ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ପୂର୍ଣ୍ଣପ୍ରାଣରେର ସମର୍ଥନ ଜଣାଇଥିବା ପରି ପ୍ରତୀୟମାନ ହୁଏ । ଦ୍ୱିତୀୟତଃ, ଜାମ୍ମୁ କାଶ୍ମୀରକୁ ରାଜନୈତିକ ଭାବେ ଦୁଇଭାଗ କରି ଭାରତ ବିଶ୍ୱକୁ ଏହି ବାର୍ତ୍ତା ଦେଇଛି ଯେ ଜାମ୍ମୁ କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଏହାକୁ ଭାଗ ଭାଗ କରିବା ହେଉଛି ଭାରତର ଆଭ୍ୟନ୍ତରୀଣ ମାମଲା । ଏଥିରେ ବାହ୍ୟ ହସ୍ତକ୍ଷେପର କୌଣସି ଅବସର ନାହିଁ । ଅର୍ଥାତ୍, ପାକିସ୍ତାନ ବିପକ୍ଷରେ ଏହା ଭାରତର କୂଟନୈତିକ ବ୍ରହ୍ମାସ୍ତ୍ର ବୋଲି ବିବେଚନା କରାଯାଇପାରେ । କେବଳ ସେତିକି ନୁହେଁ, ଭାରତର ଏହି ପଦକ୍ଷେପକୁ ସମଗ୍ର ବିଶ୍ୱ ସ୍ୱୀକାର ଏବଂ ଗ୍ରହଣ କରିଛି । ସେହିଦିନଠାରୁ ପାକିସ୍ତାନ କାଶ୍ମୀର ପ୍ରସଙ୍ଗକୁ ନେଇ ଅନ୍ତଃରାଷ୍ଟ୍ରୀୟ ଫୋରମରେ ଯେତେ ପ୍ରତିବାଦର ସ୍ୱର ଉତ୍ତୋଳନ କଲେ ସୁଦ୍ଧା କାହାଠାରୁ ସମର୍ଥନ ପ୍ରାପ୍ତ ହେଉନାହିଁ । ଅର୍ଥାତ୍, ପାକିସ୍ତାନର କାଶ୍ମୀର ସ୍ୱର କ୍ଷୀଣ ହୋଇଯାଇଛି । ଏବେ ଗୁପକାର ଘୋଷଣାନାମାକୁ ପାକ୍ ବୈଦେଶିକ ମନ୍ତ୍ରୀ ଶାହା ମେହମୁଦ କ୍ୟୁରେସୀ ସ୍ୱାଗତ କରିଥିବା ବେଳେ ଏହାର ଘୋଷଣାକାର, ଅର୍ଥାତ୍, ଫାରୁକ ଅବଦୁଲ୍ଲା ହିଁ ପାକିସ୍ତାନକୁ ସମାଲୋଚନା କରିଛନ୍ତି । ଫାରୁକଙ୍କ ସମାଲୋଚନା ପାକିସ୍ତାନ ପାଇଁ ଠିକଣା ଜବାବ ବୋଲି କୁହାଯାଇପାରେ । ତେବେ ଗୁପକାର ଘୋଷଣାନାମାକୁ ଏକ ଅବଧି ଶେଷ ହୋଇଥିବା ଚେକ୍ ବୋଲି କୁହାଯାଇପାରେ । ଯେଉଁ ସମସ୍ୟାର ସମାଧାନ ହୋଇସାରିଛି, ରାଜନୈତିକ ସ୍ୱାର୍ଥସିଦ୍ଧି ଲାଗି ଫାରୁକ୍ ଅବଦୁଲ୍ଲା କିମ୍ବା ମେହବୁବା ମୁଫତୀ ଆଉ ତାହା ଉପରେ ସମୟ ଅପଚୟ ନକରି ନିଜର ରାଜନୈତିକ ଭବିଷ୍ୟତ ପାଇଁ ଅନ୍ୟ ପ୍ରସଙ୍ଗକୁ ଆପଣାଇବା ଶ୍ରେୟସ୍କର ମନେହୁଏ ।




## କୁନା ହେଲା ସୁନାପିଲା..

**ଧୀରେନ୍ଦ୍ର ମଲ୍ଲିକ**

କୁନା ବୋଲି ପିଲାଟିଏ
ଥିଲା ବଡ଼ ଜିଦିଆ,
ଶୁଣେ ନାହିଁ କାହା କଥା
ପାଠରେ ବି ଗଧିଆ,,
ବିଦ୍ୟାଳୟ ଯାଏ ନାହିଁ
କେବେ ହେଲେ ଦିନେବି,
ଟିଉସନ କଥା ତା'ର
ପଡ଼େ ନାହିଁ ମନେବି,,
ପିତା ମାତା ଗୁରୁଜନେ
ଭକ୍ତି ନାହିଁ ତାହାର,
କଳି କରି ଘରେ ନିତି
ଖାଏ ବେତ ପାହାର,,
ସାନଭାଇ ଭଉଣୀକୁ
ବହୁତ ସେ ଚିଡ଼ାଏ,
ଦରକାର ଚିଜ ଯାହା
ମାଗେ ନାହିଁ ଛଡ଼ାଏ,,
ଦୁଷ୍ଟ ବୋଲି ସାଙ୍ଗ ତା'ର
ଜଣେ ହେଲେ ନାହାନ୍ତି,
ମିଶନ୍ତିନି ସାଥେ କେହି
ଦୂରେଇକି ରୁହନ୍ତି,,
ବନ୍ଧୁଘର ମେଳା ଯାତ
ସବୁ ତାକୁ ବାରଣ,
ଅତ୍ୟଧିକ ଚଗଲାମୀ
ଥିଲା ତାର କାରଣ,,
ମନ ଦୁଃଖ କରି ସିଏ
କାନ୍ଦେ ଜେଜେ ଆଗରେ,
ମତେ ତମ ସାଥେ ନେବ
କହେ କେତେ ବାଗରେ,,
କଥା ଦେଉଅଛି ଜେଜେ
ଦୁଷ୍ଟ ଆଉ ହେବିନି,
ଭଲପିଲା ହେଇ କାହା
ମନେ ଦୁଖ ଦେବିନି,,
ସଭିଏଁ କହିବେ କୁନା
ସୁନାପିଲା ହୋଇଲା
ଦୁଷ୍ଟ ଥିଲା ବୋଲି
କେତେ ଅପବାଦ ପାଇଲା,,

+ ନିଳକଣ୍ଠପୁର, ମଙ୍ଗଳପୁର, ଯାଜପୁର
ମୋ: ୭୯୦୪୩୯୨୬୮୬

# କରୋନା ଯୁଦ୍ଧର ନୂତନ ଦିଗନ୍ତ : ଭାକ୍ସିନ

**ଡ଼ାକ୍ତର ସୁରେନ୍ଦ୍ର ନାଥ ଦାଶ**



ଦ୍ୱିତୀୟ ମହାଯୁଦ୍ଧ ବେଳେ ପ୍ରଥମ ପରମାଣୁ ବୋମା ବାହାର କରି ଯୁକ୍ତରାଷ୍ଟ୍ର ଆମେରିକା ଋଷକୁ ତାସ୍ଛଲ୍ୟ କରି କହିଥିଲା, ଋଷ ବାଲା ଗାଡି ର ନଟ ଟିଏ ମଧ୍ୟ ତିଆରି କରି ଜାଣନ୍ତି ନାହିଁ । ଏହି ଅପମାନର ପ୍ରତିଶୋଧ ପାଇଁ ଋଷ ବୈଜ୍ଞାନିକ ମାନେ ଅଳ୍ପ ଦିନ ମଧ୍ୟରେ ଆଣବିକ ବୋମା, ହାଇଡ୍ରୋଜେନ ବୋମା ତିଆରି କରି ବିଶ୍ୱକୁ ଚମକାଇ ଦେଲେ । ଆମେରିକାଠୁ ପାଦେ ଆଗେଇ ଯାଇ ସ୍ପୁଟନିକ ମହାକାଶ ଯାନରେ ପ୍ରଥମ ଥର ପାଇଁ ପୃଥିବୀକୁ ପ୍ରଦକ୍ଷିଣ କରିବାରେ ସଫଳ ହେଲେ(୧୯୫୭) ଓ ମହାକାଶଚାରୀ ୟୁରି ଗାଗାରିନ ପ୍ରଥମ ମଣିଷ ଯେକି ମହାକାଶକୁ ଯାତ୍ରା କରିବାର ଗୌରବ ପାଇଲେ (୧୯୬୧)।

ଯେଉଁ ଖବର ଟି ସାରା ବିଶ୍ୱରେ ରାତାରାତି ପ୍ରଚାରିତ ହୋଇ କୋଟି କୋଟି ଲୋକଙ୍କ ମୁହଁରେ ହସ, ମନରେ ରଙ୍ଗିଲା ଆଶା ସୃଷ୍ଟି କରିଛି, ତାହା ହେଉଛି ଋଷ ରାଷ୍ଟ୍ରପତି ଭ୍ଲଦିମର ପୁଟିନଙ୍କର ଯୁଗାନ୍ତକାରୀ ବିବୃତି କରୋନା ପାଇଁ ସଫଳ ଟୀକା ବାହାର କରିବାରେ ଋଷର ବୈଜ୍ଞାନିକ ମାନେ ସଫଳ ହୋଇଛନ୍ତି । ସେହି ଟୀକା କୁ ନିଜର ଝିଅ ଦେହରେ ଦିଆଯାଇଛି ବୋଲି ପୁଟିନ ପ୍ରକାଶ କରିଛନ୍ତି । ଋଷର ଗାମାଲିଆ ରିସର୍ଚ୍ଚ ସେଂଟର ଓ ପ୍ରତିରକ୍ଷା ବିଭାଗର ମିଳିତ ଉଦ୍ୟମରେ ତାହା ସଫଳ ହୋଇଛି। ବିଶ୍ୱର ଲୋକ ମାନଙ୍କୁ ଟୀକା ଯୋଗାଇ କରୋନାକୁ ନିପାତ କରିବା ପାଇଁ ସବୁ ଦେଶ ଋଷ ସହିତ ସହେଯାଗ କରୁବାକୁ ସେ ଆହ୍ୱାନ ଦେଇଛନ୍ତି ।

ଦ୍ୱିତୀୟ ମହାଯୁଦ୍ଧ ବେଳେ ପ୍ରଥମ ପରମାଣୁ ବୋମା ବାହାର କରି ଯୁକ୍ତରାଷ୍ଟ୍ର ଆମେରିକା ଋଷକୁ ତାସ୍ଛଲ୍ୟ କରି କହିଥିଲା, ଋଷ ବାଲା ଗାଡି ର ନଟ ଟିଏ ମଧ୍ୟ ତିଆରି କରି ଜାଣନ୍ତି ନାହିଁ । ଏହି ଅପମାନର ପ୍ରତିଶୋଧ ପାଇଁ ଋଷ ବୈଜ୍ଞାନିକ ମାନେ ଅଳ୍ପ ଦିନ ମଧ୍ୟରେ ଆଣବିକ ବୋମା, ହାଇଡ୍ରୋଜେନ ବୋମା ତିଆରି କରି ବିଶ୍ୱକୁ ଚମକାଇ ଦେଲେ । ଆମେରିକାଠୁ ପାଦେ ଆଗେଇ ଯାଇ ସ୍ପୁଟନିକ ମହାକାଶ ଯାନରେ ପ୍ରଥମ ଥର ପାଇଁ ପୃଥିବୀକୁ ପ୍ରଦକ୍ଷିଣ କରିବାରେ ସଫଳ ହେଲେ(୧୯୫୭) ଓ ମହାକାଶଚାରୀ ୟୁରି ଗାଗାରିନ ପ୍ରଥମ ମଣିଷ ଯେକି ମହାକାଶକୁ ଯାତ୍ରା କରିବାର ଗୌରବ ପାଇଲେ (୧୯୬୧)। ସେଥିପାଇଁ ଋଷ ନିଜର ଭାକସିନର ନାମ ସ୍ପୁଟନିକ-ଭି ବୋଲି ରଖିଛି। ନିର୍ମାଣ ପରେ ଜୁନ ମାସରୁ ଏହା ପ୍ରଥମ ଓ ଦ୍ୱିତୀୟ ପରୀକ୍ଷା ମୂଳକ ପ୍ରଦାନ ପରେ ମାତ୍ର ଅଳ୍ପ ଦିନରେ ତୃତୀୟ ପରିକ୍ଷା ମୂଳକ ଟିକାଦାନ ମାନବ ଉପରେ ସାରି ସରକାରୀ ଅନୁମତି ଉତ୍ପାଦନ ଓ ବିକ୍ରୟ ପାଇଁ ପାଇଛନ୍ତି । ଏହି ଟୀକା ପ୍ରଥମେ କରୋନା ଯୋଦ୍ଧା ବା ସ୍ୱାସ୍ଥ୍ୟ କର୍ମି ମାନଙ୍କୁ ଦିଆଗଲା ପରେ ସାର୍ବଜନିନ ଟିକାଦାନ ୨୦୨୧ ମସିହାରୁ ଆରମ୍ଭ ହେବ । ବର୍ତ୍ତମାନ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଠାରୁ ସ୍ୱିକୃତି ପାଇଁ ଆବେଦନ ହୋଇଛି । ଏହି ଟୀକାକୁ ନେଇ ବିଶ୍ୱରେ ମିଶ୍ର ପ୍ରତିକ୍ରୀୟା ସୃଷ୍ଟି ହୋଇଛି । ଅନେକ ଏହାକୁ ଋଷର ତରବରିଆ ପଦକ୍ଷେପ ମନେ କରନ୍ତି । ନିର୍ମାଣ ପରେ ଟୀକାର କାର୍ଯ୍ୟକାରି କ୍ଷମତା, ସଫଳତା ହାର, ଡୋଜ, ପାର୍ଶ୍ୱକ୍ରିୟା, ପରବର୍ତି କାଳରେ ସ୍ୱାସ୍ଥ୍ୟ ଉପରେ ପ୍ରଭାବ, ଆର୍ଥିକ ଆଦି ବହୁ ଦିଗକୁ ଧ୍ୟାନ ଦେବା ଦରକାର । ପ୍ରଥମ ଓ ୨ୟ ପରୀକ୍ଷା ଅଳ୍ପ ଲୋକଙ୍କୁ ନେଇ ହେଲେ ମଧ୍ୟ ତୃତୀୟ ପରୀକ୍ଷାରେ"Clinical Trial" ପାଇଁ ଶହ ଶହ ବ୍ୟକ୍ତି ଦରକାର (Control and Test group)। ଅତି କମରେ ଏହା ଦୁଇ ବର୍ଷ ସମୟ ନିଏ । ମାତ୍ର ପୁଟିନ ଏସବୁ ଆଶଙ୍କ କୁ ଖଣ୍ଡନ କରିଛନ୍ତି। ତାଙ୍କ ମତରେ ଏହି ଭାକସିନ ଏକ ପ୍ରକାର ମୃତ ଇନଫ୍ଲୁଏଞ୍ଜା ଭାଇରସରୁ ତିଆରି । ସେଭଳି ଟୀକା ପାଇଁ ଆଗରୁ "Saras, MERS" କରୋନା ଜାତିୟ ଭାଇରସ ର ଅଭିଜ୍ଞତା ରହିଛି । ତାଛଡା ପଶୁ ମାନଙ୍କ ଦେହରେ ପରୀକ୍ଷା ସରିଛି । ଏହା ଆଡେନୋ ଭାଇରସ,ଭାଇରାଲ ଭେକ୍ଟର ଜାତୀୟ ଭାକସିନ । ଏଥିରେ ମେରସ ଭାଇରସ ଭଳି "Spike" ମାନ ଅଛି। ସେଗୁଡିକ ଶରୀର କୋଷ ସହ ଯୁକ୍ତ ହୋଇ "Multiply and Immunoresponse" କରାଏ। ଯେହେତୁ ବିଶ୍ୱ ଏକ ଅସାଧାରଣ ସଂକଟରେ ପଡିଛି, ଆମେ କିଛିଟା ରିସ୍କ ନେବାକୁ ବାଧ୍ୟ ହେଉଛୁ । ବିଶ୍ୱର ଅନେକ ଦେଶ ଭାକସିନ ତିଆରିରେ ଦିନ ରାତି ଏକ କରିଛନ୍ତି । ଅନେକ ବିଶ୍ୱବିଦ୍ୟାଳୟ, ଔଷଧ କମ୍ପାନୀ, ଅନେକ ଭାକସିନ ତିଆରି କରି ପରୀକ୍ଷା ଚଳାଇଛନ୍ତି । ବିଶ୍ୱସ୍ୱାସ୍ଥ ସଂଗଠନ ଏଥିପାଇଁ ଏକ ମିଳିତ ଉଦ୍ୟୋଗ "Coalition of Epidemic Preparedness and Innovation-CEPI" କରି ସବୁ ଦେଶର ସହଯୋଗ ଆହ୍ୱାନ କରିଛନ୍ତି । ସେଥିପାଇଁ ଆମେରିକା,କାନାଡା, ଇଂଲଣ୍ଡ, ଗେଟ ଫାଉଣ୍ଡେସନ ଓ ୟୁରୋପୀୟ ରାଷ୍ଟ୍ରସଂଘ ଅଜସ୍ର ଅର୍ଥ ଦେଇଛନ୍ତି(୮ବିଲିଅନ ଡଲାର)। ସମୁଦାୟ ୨୬୫ ଟି ଭାକସିନ ତିଆରି ଚେଷ୍ଟା ଚାଲିଛି । ୨୬ ଟି ୨ୟ ପର୍ଯ୍ୟାୟ ପରୀକ୍ଷା ସାରିଲେଣି, ୬ଟିଙ୍କର ୩ୟ ପରୀକ୍ଷଣ ("Clinical Trial" ସରି ଶେଷ ପ୍ରସ୍ତୁତି ଚାଲିଛି। ଏହି ଦୌଡରେ ଇଂଲଣ୍ଡର ଅକ୍ସଫୋର୍ଡ ଭାକସିନ "Astrazenace-AZD-1222) ଆଗରେ ଅଛି । ତାପଛକୁ ଆମେରିକାର ମର୍ଡନ କମ୍ପାନୀ"MDNA1273"। ଆମ ଭାରତର ମଧ୍ୟ ହାଇଦ୍ରାବାଦର "Bio tech, Serum Institute,Zidus Cadilla" ଭାକସିନ ତିଆରିର ଶେଷ ପର୍ଯ୍ୟାୟରେ ପହଂଚି ଗଲେଣି । ଏହି ପ୍ରକ୍ରୀୟାରେ ଭାଇରସର ଆର ଏନ ଏ.ଡି ଏନ.ଏ ଭାଇରାଲ ଫାକ୍ଟର କିମ୍ବା କିଛି ପ୍ରୋଟିନ ଅଂଶ (Peptide, Recombintant protein, Live Attenuated virus, In Activated Virus)ବା ଅନ୍ୟ ସମଜାତିୟ ଭାଇରସକୁ ମାରି କିମ୍ବା ନିଷ୍କ୍ରିୟ କରି ମଣିଷ ଦେହରେ ପ୍ରବେଶ କରାଯାଏ। ଏହି ଅଂଶ ମାନ ଶରୀରରେ ରୋଗ ପ୍ରତିଷେଧକ ଶକ୍ତି ସୃଷ୍ଟି କରି ଭବିଷ୍ୟତ ରୋଗ ରୁ ରକ୍ଷାକରେ(Immuno Response)। ଏଭାକସିନ ଦ୍ୱରା ରୋଗ ନିୟନ୍ତ୍ରଣ କିଛି ନୂଆକଥା ନୁହେଁ । ଏଡୱାଡ ଜେନର ବସନ୍ତ ପାଇଁ ସଫଳ ଟୀକା ବାହାର କରି ଏହି ବାଟର ଆରମ୍ଭ କରିଥିଲେ । ସେବେଠାରୁ ବୈଜ୍ଞାନିକ ମାନେ ଚେଷ୍ଟା କରି ଅନେକ ଭାଇରସ ରୋଗର ନିରାକରଣ କରିପାରିଛନ୍ତି ।

+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ, ମୋ:୯୪୩୭୨୩୫୩୮୬

# ଚଳିତ ଖରିଫ ଚାଷ ଉପରେ କରୋନାର ପ୍ରଭାବ!

**ପ୍ରଦୀପ୍ତ ଆଚାର୍ଯ୍ୟ**



ମହିଳା ମାନଙ୍କ ସମ୍ପତିଗତ ଅଧିକାର ଓ ଉଚ୍ଚତମ ନ୍ୟାୟାଳୟ ଦେଶରେ ୭୪ତମ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତିର ଅବ୍ୟବହିତ ପୂର୍ବରୁ, ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଦିନ, ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଅରୁଣ ମିଶ୍ରଙ୍କ ନେତୃତ୍ୱରେ ଗଠିତ ଏକ ତିନିଜଣିଆ ଖଣ୍ଡପୀଠ, ମହିଳା ମାନଙ୍କର ପୈତୃକ ସମ୍ପତି ଉପରେ, ଉତରାଧିକାରୀ ହିସାବରେ ଅଧିକାର ସାବ୍ୟସ୍ତ ସମ୍ପର୍କୀୟ ଏକ ଗୁରୁତ୍ୱପୂର୍ଣ୍ଣ ଯୁଗାନ୍ତକାରୀ ନିଷ୍ପତି ଜାରୀ କରିଥିଲେ।ବିଳମ୍ବରେ ହେଲେ ମଧ୍ୟ,କନ୍ୟାମାନଙ୍କର ପିତାଙ୍କ ସମ୍ପତିରେ ଅଂଶୀଦାର ହେବା ପରି ଏକ ଆଇନ,ମହିଳା ମାନଙ୍କର ସ୍ୱାଭିମାନ,ସମ୍ମାନ ବୃଦ୍ଧି ତଥା ସାମାଜିକ କ୍ଷେତ୍ରରେ ଅବହେଳାର ଶିକାରରୁ ମୁକ୍ତି କରାଇବାରେ ସହାୟକ ହେବା ପରି ଏକ ସ୍ୱାଗତ ଯୋଗ୍ୟ ନିଷ୍ପତି। ପୂର୍ବରୁ ଭାରତୀୟ ସମ୍ବିଧାନର ମୌଳିକ ଅଧିକାର ଅନୁଛେଦରେ ଧାରା ୧୪,୧୫.୧୫(୩),୧୬,୩୯କ,୩୯ଖ,୩୯ଗ ଏବଂ ୪୨ ରେ ସମାନତା ଅଧିକାର ସମ୍ପର୍କରେ ବିସ୍ତୃତ ବିବରଣୀ ସ୍ଥାନୀତ ହୋଇଅଛି। ଧାରା ୧୫ରେ ଧର୍ମ,ଜାତି.ଜନ୍ମସ୍ଥାନ ଏବଂ ଲିଙ୍ଗଗତ ସମାନତା ବିଷୟ ଉଲ୍ଲେଖ ଅଛି,ଯଦ୍ୱାରା ଜଣେ ମହିଳାର ପୁରୁଷ ମାନଙ୍କ ପରି ସାମାଜିକ, ଅର୍ଥନୈତିକ,ଶିକ୍ଷା ତଥା ରାଜନୈତିକ କ୍ଷେତ୍ରରେ ସମାନ ଅଧିକାର ରହିବ। ଧାରା ୧୫(୩) ରେ ରାଜ୍ୟମାନେ,ମହିଳା ଓ ଶିଶୁ ମାନଙ୍କ ଉନ୍ନତିକଳ୍ପେ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରଚଳନ କରିପାରିବାର କ୍ଷମତା ଉଲ୍ଲେଖ ଅଛି। ହିନ୍ଦୁ ଉତରାଧିକାରୀ ଆଇନ୧୯୫୬ର ଧାରା ୧୪ରେ ମହିଳା ମାନଙ୍କର ଅଧିକାର ସମ୍ପର୍କିତକୌଣସି ସ୍ପଷ୍ଟ ତଥ୍ୟ ପ୍ରଦାନ କରାଯାଇନାହିଁ। କିନ୍ତୁ ୨୦୦୫ ସେପ୍ଟେମ୍ବର ୯ ତାରିଖରେ ପାରିତ ସଂଶୋଧନ ପ୍ରସ୍ତାବରେ ପୈତୃକ ସମ୍ପତିରେ କନ୍ୟାମାନଙ୍କର ଅଧିକାର ସାବ୍ୟସ୍ତ ହେଲା।ଉକ୍ତ ସଂଶୋଧନ ପ୍ରସ୍ତାବ ପରେ ମଧ୍ୟ ବାରମ୍ବାର ଦ୍ୱନ୍ଦ ଉପୁଜିବାରୁ ବିଭିନ୍ନ ସମୟରେ ଆଇନର ତର୍ଜମା କରାଯାଇ ଭିନ୍ନଭିନ୍ନ ମତ ରଖାଯାଇଥିଲା। କିନ୍ତୁ ଗତ ଅଗଷ୍ଟ ୧୧ତାରିଖରେ ଏହାର ବିଭିନ୍ ଦିଗ ଉପରେ ଆଲୋଚନା ପର୍ଯ୍ୟାଲୋଚନା କରାଯାଇ କନ୍ୟାମାନେ ପୈତୃକ ସମ୍ପତିର ଏକ ଅଂଶୀଦାର ବୋଲି ସ୍ପଷ୍ଟ ମତ ରଖାଗଲା। ଆଇନ ପ୍ରଣୟନ ଏବଂ ତାକୁ କାର୍ଯ୍ୟକାରୀ କରାଇବା ଦୁଇଟି ସ୍ୱତନ୍ତ୍ର କଥା। ଯୌତୁକ ଆଦାନ ପ୍ରଦାନ ଏକ ଦଣ୍ଡନୀୟ ଅପରାଧ। ପରନ୍ତୁ ଆଜିବି ଅସହାୟା ବଧୂ ଯୌତୁକ ଯନ୍ତ୍ରଣାରେ ଜର୍ଜରିତ । ପ୍ରତ୍ୟେକ ଦିନ ସମ୍ବାଦ ପତ୍ରର ପୃଷ୍ଠା ମଣ୍ଡନ କରୁଛି ଯୌତୁକ ଜନିତ ହତ୍ୟା ଏବଂ ଆତ୍ମହତ୍ୟା। ଏବେବି ସେ ପ୍ରଥା ସମସ୍ତଙ୍କ ଜ୍ଞାତସାରରେ ସମାଜରେ ପ୍ରଚଳିତ ଯାହାକି ପୈତୃକ ସମ୍ପତିରେ କନ୍ୟାମାନଙ୍କର ଅଧିକାର ଆଇନ ସହିତ ଅଙ୍ଗାଙ୍ଗୀଭାବେ ଜଡିତ। ନିଉୟର୍କ ୟୁନିଭରସିଟିର କିଙ୍ଗସ୍ କଲେଜ ଏବଂ ଏସେକ୍ସ ୟୁନିଭରସିଟିର ମିଳିତ ସର୍ବେକ୍ଷଣର ତଥ୍ୟ ଅନୁଯାୟୀ ୧୯୭୦ ରୁ ୧୯୯୦ ମଧ୍ୟରେ ଅନେକ ବଧୂହତ୍ୟା ଏବଂ କନ୍ୟାଭ୍ରୂଣ ହତ୍ୟା ସଙ୍ଗଠିତ ହୋଇଅଛି। ଆଜିବି ଗୃହରେ କନ୍ୟା ସନ୍ତାନର ଆଗମନରେ ପରିବାର ସଦସ୍ୟଙ୍କ ମୁଖମଣ୍ଡଳରେ ନିରାନନ୍ଦର ଝଲକ୍। ପୁରୁଷ ପ୍ରାଧାନ୍ୟ ସମାଜରେ କନ୍ୟାର ସାମାଜିକ ସୁରକ୍ଷା ନିମନ୍ତେ ପିତା ମାତା ସନ୍ଦିହାନ। କନ୍ୟାର ବିବାହ ଏବଂ ଯୌତୁକ ନିମନ୍ତେ ବିପୁଳ ଅର୍ଥବ୍ୟୟର ଆଶଙ୍କାରେ ପରିବାର ସଦସ୍ୟ ଆତଙ୍କିତ। ଭାରତୀୟ ସଂସ୍କୃତି ଓ ପରମ୍ପରା ଅନୁଯାୟୀ କନ୍ୟାର ପିତା ଏବଂ ଭ୍ରାତା ବିଭିନ୍ନ ପର୍ବପର୍ବାଣିରେ ଭାର ଓ ଅନ୍ୟାନ ଜିନିଷ ଧରି କନ୍ୟା ଘରେ ପହଂଚିବା ପ୍ରଥା ଏବେ ମଧ୍ୟ ପ୍ରଚଳିତ। ବିବାହିତ କନ୍ୟାକୁ ଶାଶୁଘରେ, ତାର ପିତାମାତା କିମ୍ବା ବାପଘର ବିଷୟରେ କୌଣସି ପ୍ରକାର ନକରାତ୍ମକ ମତାମତ ତାକୁ ଭୀଷଣ ଭାବରେ ମାନସିକ ଆଘାତପ୍ରଦାନ କରିଥାଏ, ଏହା ଏକ ଚିରନ୍ତନ ସତ୍ୟ। ବିଚାରପତିଙ୍କ ଯଥାର୍ଥ ଉକ୍ତି ଥିଲା, ଝିଅଟି ସାରା ଜୀବନ ଝିଅ ହୋଇ ରହିବ କିନ୍ତୁ ପୁଅଟି ବିବାହ ପର୍ଯ୍ୟନ୍ତ ପୁଅ ହୋଇ ରହିବ। ମୋର ଜଣେ ସହକର୍ମୀ ଦୁଇଟି କନ୍ୟା ସନ୍ତାନର ଜନନୀ ହେବାପରେ ଅତ୍ୟନ୍ତ ମର୍ମାହତ ହୋଇପଡିଥିଲେ ଏବଂ ସେତିକିବେଳେ ମୁଁ ତାଙ୍କ ପାଖକୁ ଗୋଟିଏ କବିତା ପଠାଇଥିଲି ଯାହାକି ମୋର ବ୍ୟଙ୍ଗ ପସରା କବିତା ପୁସ୍ତକରେ ପ୍ରକାଶିତ। କବିତାଟି ହେଲା (ପୁଅଟି ମୋହର, ପୁଅ ହୋଇଥିବ, ମୋ ବୋହୂ ଆସିବା ଯାଏ,ଝିଅଟି ମୋହର, ଝିଅ ହୋଇଥିବ,ମୋ ଜୀବନ ଥିବା ଯାଏ। ଝିଅତ ନୁହଁଇ (ଞରଭଶ୍ୱସକ୍ଟଭ) ଟେନସନ୍ ଭାଇ, (ଞରଭ ଝକ୍ଟଭ)ଟେନ୍ ସନ୍ ସାଙ୍ଗେ ସମାନ,ଦଶଟି ପୁଅର ,କାମ ଦେଖାଇବ, ଦେହେ ଥିବା ଯାଏ ଜୀବନ। ପୂର୍ବରୁ ଝିଅ ମାନଙ୍କର ଅଧିକାର ଥାଇ ମଧ୍ୟ ସେମାନେ ପିତା ଏବଂ ଭ୍ରାତାମାନଙ୍କୁ ସେମାନଙ୍କ ଭାଗକୁ ଉପଭୋଗ କରିବା ପାଇଁ ସମ୍ମତି ପ୍ରଦାନ କରିଦେଉଥିଲେ। ଈଶ୍ୱରଙ୍କ ସୃଷ୍ଟିର ସର୍ବଶ୍ରେଷ୍ଠ ଜୀବ ମନୁଷ୍ୟର ଦିବ୍ୟଜ୍ଞାନ,ବୁଦ୍ଧି ବିବେକ,ମାନବିକତା ସାଙ୍ଗକୁ ଷଡରିପୁ ଲୋଭ,ମୋହ କ୍ରୋଧ ଇତ୍ୟାଦି ରହିଅଛି। ନୂତନ ପ୍ରବର୍ତ୍ତିତ ବ୍ୟବସ୍ଥାକୁ ପୁରୁଷ ମାନେ ସହୃଦୟତାର ସହିତ ଗ୍ରହଣ କରିନେଲେ, ପ୍ରଚଳିତ ସାମାଜିକ ପରମ୍ପରା ଯଥା କନ୍ୟାର ବିବାହ ଉତ୍ସବରେ ବିଶେଷ କିଛି ଅସୁବିଧା ହେବ ନାହିଁ। ଆମେ ଚିନ୍ତା କରିବା ଆବଶ୍ୟକ, କନ୍ୟା ସ୍ଥାନରେ ପୁତ୍ରଟିଏ ଜନ୍ମ ହୋଇଥିଲେ ସେ ମଧ୍ୟ ଏକ ଅଂଶୀଦାର ହୋଇଥାନ୍ତା। କିନ୍ତୁ ଅପରପକ୍ଷରେ ପୁଅଟି ଆମର ବୋହୁ ଆସିବା ପରେ ପରିବର୍ତ୍ତନ ହୋଇଯାଉଛି କାହିଁକି ?ପିତାମାତାଙ୍କର ଅଭିଯୋଗ ବୋହୁ କଥାରେ ପରିଚାଳିତ ହୋଇ ପୁଅ ଆମଠାରୁ ଦୁରେଇ ଯାଉଛି। ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ବିଚାରପତି ପର୍ଯ୍ୟନ୍ତ ଓ ସର୍ବହରା ଠାରୁ ଆରମ୍ଭ କରି କୋଟିପତି ପର୍ଯ୍ୟନ୍ତ ସମସ୍ତେ ବୋଧହୁଏ ସ୍ତ୍ରୀ କଥାରେ ପରିଚାଳିତ ହେବା ପ୍ରକୃତିର ନିୟମ। ଏ ସମ୍ପର୍କରେ ଛୋଟ ଗପଟିଏ। ଥରେ ଜଣେ ରାଜା ଘୋଷଣା କଲେ, ସ୍ତ୍ରୀମାନଙ୍କ କଥାରେ ପରିଚାଳିତ ହେଉନଥିବା ବ୍ୟକ୍ତି ଉପଯୁକ୍ତ ପ୍ରମାଣ ଦର୍ଶାଇଲେ ସେ ସ୍ୱତନ୍ତ୍ର ଭାବରେ ପୁରସ୍କୃତ ହେବ। ଜଣେ ବ୍ୟକ୍ତି ସ୍ତ୍ରୀଙ୍କ କଥାରେ ପରିଚାଳିତ ହେଉନଥିବା ବଳିଷ୍ଠ ପ୍ରମାଣ ଦେଖାଇ ପୁରସ୍କାର ସ୍ୱରୂପ ଏକ ସୁନ୍ଦର ଧବଳ ଅଶ୍ୱ ନେଇ ଗୃହକୁ ପ୍ରତ୍ୟାବର୍ତନ କଲେ। ତାପର ଦିନ ରାଜସଭାରେ ଉପସ୍ଥିତ ହୋଇ କହିଲେ ମହାଭାଗ,ଘରେ କହିଲେ ମୋତେ ଏକ କଳା ଲାଞ୍ଜ ଥିବା ଧଳା ଘୋଡା ଦିଅନ୍ତୁ।ରାଜା ଆଦେଶ ଦେଲେ ଏ ଲୋକଠାରୁ ଘୋଡାଟି ରଖି ଏହାକୁ ବାହାରେ ଛାଡିଦେଇ ଆସ। ଝିଅଟିଏ ଯଦି ବାପମାଆଙ୍କର ଏକାନ୍ତ ନିଜର ହୋଇପାରୁଛି, ତେବେ ଶାଶୁ ଶ୍ୱଶୁରଙ୍କର ହୋଇପାରୁନାହିଁ କାହିଁକି ?ବୃଦ୍ଧ ପିତାମାତାଙ୍କର ଦୀର୍ଘକାଳୀନ ସେବାଯତ୍ନ ଓ ଦାୟୀତ୍ୱ ପୁତ୍ର ମାନଙ୍କ ଉପରେ ନ୍ୟସ୍ତ ଥାଏ କନ୍ୟା ମାନଙ୍କ ଉପରେ ନୁହେଁ,ଥିଲେ ଜଣାପଡନ୍ତା ପ୍ରକୃତରେ ସେ ପିତାମାତାଙ୍କୁ କେତେ ଭଲପାଏ।ପୁଅଟିଏ ଯଦି ପିତାମାତାଙ୍କୁ ଅବହେଳା କରୁଛି, ତେବେ ବୋହୁ କଣ ତାହର ପ୍ରତିବାଦ କରି ଶାଶୁ ଶ୍ୱଶୁରଙ୍କ ସେବାରେ ନିଜକୁ ନିୟୋଜିତ କରିପାରୁଛି? ଯଦି କରିପାରନ୍ତା, ତେବେ ଗୋଟିଏ ଦିନରେ ସବୁ ଜରାଶ୍ରମରେ ତାଲା ପଡିଯାଆନ୍ତା। ମହିଳାଟିଏ ସ୍ତ୍ରୀ ହିସାବରେ ସ୍ୱାମୀଙ୍କ ସମ୍ପତିର ଉତରାଧିକାରୀ ଏବଂ କନ୍ୟା ହିସାବରେ ପୈତୃକ ସମ୍ପତିର ଉତରାଧିକାରୀ ଯାହାକି ତାକୁ ଯଥେଷ୍ଟ ସ୍ୱାବଲମ୍ବୀ ଏବଂ ଆତ୍ମନିର୍ଭରଶୀଳ କରାଇବାରେ ସହାୟକ ହେବ। କିନ୍ତୁ ପ୍ରକୃତିର ସୃଷ୍ଟିରେ ପୁରୁଷର ସାହଚର୍ଯ୍ୟ ବିନା ନାରୀଟି ଅବଳା ଓ ଦୁର୍ବଳା। ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ। ନାରୀ ଲକ୍ଷ୍ମୀ ଏବଂ ନାରୀ କାଳୀ। ସେହି ସୃଷ୍ଟି ସେହି ସଂହାର। ନାରୀଟିର ଚିନ୍ତନ ଏବଂ କାର୍ଯ୍ୟ ପରିବାରକୁ ସ୍ୱର୍ଗ କିମ୍ବା ନର୍କରେ ପରିଣତ କରିପାରେ। ତେଣୁ ପ୍ରବର୍ତିତ ଆଇନକୁ ସମ୍ମାନ ଜଣାଇ ସମାଜର ପ୍ରତ୍ୟେକ ଭ୍ରାତା ଓ ଭଗ୍ନୀଙ୍କ ମଧ୍ୟରେ ଶ୍ରଦ୍ଧା, ସ୍ନେହ ଏବଂ ବୁଝାମଣାକୁ ବଜାୟ ରଖିଲେ ଏକ ସୁସ୍ଥ ସମାଜ ପୁନଃ ପ୍ରତିଷ୍ଠିତ ହୋଇପାରିବାର ସମ୍ଭାବନା ସୁସ୍ପଷ୍ଟ।

+ ଈଶାଣୀବ୍ରହ୍ମପୁର,କଟକ।
ମୋ-୬୩୭୧୫୯୩୨୨୦



# ମୋତିର ସହର ହାଇଦ୍ରାବାଦ



ପର୍ଯ୍ୟଟକମାନଙ୍କ ପାଇଁ ହାଇଦ୍ରାବାଦ ପୂରା ବିଶ୍ୱରେ ପ୍ରସିଦ୍ଧ । ୨୦୧୩ରେ 'ଲୋନନୀ ପ୍ଲେନେଟ' ଦ୍ୱାରା ଏହା 'ତୃତୀୟ ବେଷ୍ଟ ସିଟି ଫର ଟ୍ରାଭେଲ'ର ମାନ୍ୟତା ପାଇଥିଲା । ଦକ୍ଷିଣ ଭାରତର ତେଲେଙ୍ଗାନା ପ୍ରଦେଶର ରାଜଧାନୀ ହାଇଦ୍ରାବାଦ ଜନସଂଖ୍ୟା ଦୃଷ୍ଟିରୁ ଦେଶର ଚତୁର୍ଥ ବୃହତ୍ତମ ସହର । ଏହାର ଇତିହାସ ବହୁତ ପୂରାତନ । ସେଠାରେ କୁତୁବ ଶାହୀ, ମୋଗଲ ଏବଂ ନିଜାମାନେ ଶାସନ କରିଥିଲେ । ସେଠାରେ ଅନେକ ମସ୍‌ଜିଦ, ଚର୍ଚ୍ଚ, ମନ୍ଦିର ଓ ବଜାର ରହିଛି ଓ ପର୍ଯ୍ୟଟନ ସମ୍ବନ୍ଧିତ ମେଳା ସେଠାରେ ନିୟମିତ ଆୟୋଜନ ହୋଇଥାଏ । ପର୍ଯ୍ୟଟକମାନଙ୍କ ପାଇଁ ହାଇଦ୍ରାବାଦ ପୁରା ବିଶ୍ୱରେ ପ୍ରସିଦ୍ଧ । ୨୦୧୩ରେ 'ଲୋନଲୀ ପ୍ଲେନେଟ' ଦ୍ୱାରା ଏହା 'ତୃତୀୟ ବେଷ୍ଟ ସିଟି ଫର ଟ୍ରାଭେଲ'ର ମାନ୍ୟତା ପାଇଥିଲା । ହାଇଦ୍ରାବାଦକୁ 'ମୋତିର ସହର' ବୋଲି କୁହାଯାଏ । ବିଶ୍ୱର ଏହା ଏକମାତ୍ର ସ୍ଥାନ, ଯେଉଁଠାରେ ହୀରା, ପନ୍ନା ଏବଂ ଅସଲି ମୋତି ମିଳିଥାଏ । ବିଶ୍ୱ ବ୍ୟାପାରର ଏହା ଏକ ବଡ଼ କେନ୍ଦ୍ର । ହାଇଦ୍ରାବାଦ ସହରକୁ ମୋହମ୍ମଦ କୁଲୀ କୁତୁବ ଶାହ ୧୫୯୧ ରେ ସ୍ଥାପନ କରିଥିଲେ । ତା' ପରେ ୧୦୦ ବର୍ଷ ପର୍ଯ୍ୟନ୍ତ କୁତୁବ ଶାହୀ ରାଜବଂଶ ସେଠାରେ ରାଜୁତି କରିଥିଲେ । ହାଇଦ୍ରାବାଦରେ ଐତିହାସିକ ସ୍ମାରକ, ପ୍ୟାଲେସ, ଧାର୍ମିକ ସ୍ଥଳୀ, ସଂଗ୍ରହାଳୟ, ହ୍ରଦ, ଗାର୍ଡେନ ଆଦି ଦେଖିବାଯୋଗ୍ୟ ସ୍ଥାନ ରହିଛି । ପର୍ଯ୍ୟଟକମାନେ ନିଜ ପସନ୍ଦ ଅନୁସାରେ ବିଭିନ୍ନ ସ୍ଥାନ ବୁଲି ଦେଖିପାରିବେ ।

### ଚାରମିନାର:

ହାଇଦ୍ରାବାଦ ଗଲେ ପ୍ରଥମ ଭ୍ରମଣଯୋଗ୍ୟ ସ୍ଥାନ ହେଉଛି ଚାରମିନାର । ସହରର ମଧ ଭାଗରେ ଚାରମିନାର ଅବସ୍ଥିତ । ୧୫୯୧ରେ ମୋହମ୍ମଦ କୁଲୀ କୁତୁବ ଏହି ସ୍ମାରକ ନିର୍ମାଣ କରିଥିଲେ । ଏହାର ବାସ୍ତୁକଳା ସାଜିୟାଶୈଳୀକୁ ଦର୍ଶାଇଥାଏ । ଏହାର ନିର୍ମାଣର କାରଣ ଏକ ଘାତକ ମହାମାରୀ । ଲୋକଙ୍କୁ ସଚେତନ କରାଇବା ପାଇଁ ଏହି ସ୍ମାରକର ନିର୍ମାଣ ହୋଇଥିଲା । ଏହାର ଭିତରେ ଏକ ମସ୍‌ଜିଦ ଓ ପ୍ରାର୍ଥନା ପାଇଁ ଖାଲି ସ୍ଥାନ ରହିଛି । ମାର୍କେଟିଙ୍ଗ୍ ପାଇଁ ଏହାର ଚାରିପାଖରେ ବଜାର ବସେ ।



### ଗୋଲକଣ୍ଡା କିଲ୍ଲା:

ଏହି କିଲ୍ଲାର ନିର୍ମାଣ ତ୍ରୟୋଦଶ ଶତାବ୍ଦୀରେ ଯାଦବ ରାଜବଂଶ ସମୟରେ ହୋଇଥିଲା । ଏହା ପରେ କାକତୀୟ ରାଜବଂଶ, ବହମନୀ ରାଜବଂଶ ଏହି ଜିଲ୍ଲାର ଯତ୍ନ ନେଇଥିଲେ । ଧ୍ୱନିର ପ୍ରଭାବ ଏହି କିଲ୍ଲାରେ ବହୁତ ଅଧିକ । ରାଜକୀୟ ମହଲ ଓ ସୁନ୍ଦର ପ୍ରାଚୀନ ଏହାର ମୁଖ୍ୟ ଆକର୍ଷଣ ।



### ଫଲକନୁମା ପ୍ୟାଲୋସ୍:

ଏହି ସୁନ୍ଦର ପ୍ୟାଲେସ ଉଚ୍ଚତମ ସ୍ଥାନରେ ଅବସ୍ଥିତ ହୋଇଥିବାରୁ ଏହାକୁ ଫଲକନୁମା କୁହାଯାଏ, ଯାହାର ଅର୍ଥ 'ଆକାଶର ଦର୍ପଣ' । ଇଟାଲୀର ଜଣେ ବାସ୍ତୁକାରଙ୍କ ଦ୍ୱାରା ଏହି ମହଲର ନିର୍ମାଣ କରାଯାଇଥିଲା । ସେତେବେଳର ନିଜାମ କଳାର ସୌଖୀନ ଥିବାରୁ ପ୍ୟଲେସରେ ବିଭିନ୍ନ ପ୍ରକାରର ମୂର୍ତ୍ତି, ଚିତ୍ରକାରୀ ଦେଖିବାକୁ ମିଳେ ।



### ନେହେରୁ ଜୁଲୋଜିକାଲ୍ ପାର୍କ:

ହାଇଦ୍ରାବାଦର ବାହାଦୁରପୁରରେ ୩୦୦ ଏକର ଜମିରେ ନିର୍ମିତ ଏହି ପାର୍କରେ ୧୫୦୦ରୁ ଅଧିକ ପ୍ରାଣୀ ଅଛନ୍ତି । ଏହା ବ୍ୟତୀତ ସେଠାରେ ପ୍ରାକୃତିକ ସଂଗ୍ରହାଳୟ ମଧ ରହିଛି । ୧୯୬୩ରେ ଏହାକୁ ପ୍ରତିଷ୍ଠା କରାଯାଇଥିଲା ।






### ରମୋଜି ଫିଲ୍ମ ସିଟି:

ହାଇଦ୍ରାବାଦର ମୁଖ୍ୟ ଆକର୍ଷଣ ମଧରେ ଏହାର ନାମ ରହିଛି । ଏହା ବିଶ୍ୱର ସବୁଠାରୁ ବଡ଼ ଏକୀକୃତ ଫିଲ୍ମ ଷ୍ଟୁଡିଓ ଓ ଥିମ୍ ପାର୍କ ମଧ । ୧୬୬୬ ଏକର ଜମିରେ ବ୍ୟାପ୍ତ ରାମୋଜୀ ଫିଲ୍ମ ସିଟି ଏସିଆର ସବୁଠାରୁ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ଓ ମନୋରଞ୍ଜନର କେନ୍ଦ୍ରସ୍ଥଳ ମଧ । ବିଶ୍ୱର ସବୁଠାରୁ ବୃହତ୍ତମ ଫିଲ୍ମ ଷ୍ଟୁଡିଓ ଭାବରେ 'ଗିନିଜ ବୁକ୍ ଅଫ୍ ୱର୍ଲଡ ରେକର୍ଡ'ରେ ଏହା ସ୍ଥାନ ପାଇଛି । ୧୯୯୬ରେ ଏହି ଷ୍ଟୁଡିଓ ଖୋଲା ହୋଇଥିଲା । ଏହା ବ୍ୟତୀତ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ନୋ ୱର୍ଲଡ, ସୁଧାକାର ମ୍ୟୁଜିୟମ ଇତ୍ୟାଦି ବୁଲି ଦେଖିପାରିବେ ।





### ହୁସୈନ ସାଗର ଲୋକ୍:

ଏହା ଏସିଆର ସବୁଠାରୁ ବୃହତ୍ତମ ମାନବ ନିର୍ମିତ ଲେକ୍ । ସିଟିଠାରୁ ଏହା ମାତ୍ର ୨କି.ମି ଦୂରରରେ ଅବସ୍ଥିତ ହାଇଦ୍ରାବାଦ ଓ ସିକନ୍ଦରାବାଦ ସହରକୁ ଏହି ଲେକ ଯୋଡ଼ିଛି । ଲେକ୍‌ର ମଧଭାଗରେ ୧୬ ମିଟର ଉଚ୍ଚତା ବିଶିଷ୍ଟ ବୁଦ୍ଧଙ୍କ ଏକ ମୂର୍ତ୍ତି ଅଛି । ନୌକା ବିହାର ବ୍ୟତୀତ ଏହି ଲେକ୍ ପାର୍ଶ୍ୱରେ ଏନ୍‌ଟିଆର ଗାର୍ଡନ, ସଞ୍ଜିବା ପାର୍କ, ଲୁମ୍ବିନୀ ପାର୍କ ଅଛି ।



### ଉସ୍ମାନ ସାଗର:

ହାଇଦ୍ରାବାଦର ଲୋକମାନଙ୍କୁ ପାନୀୟ ଜଳ ଯୋଗାଇବା ଓ ବନ୍ୟା ଦାଉରୁ ରକ୍ଷା କରିବା ଉଦ୍ଦେଶ୍ୟରେ ମୁସା ନଦୀରେ ୧୯୨୦ରେ ଉସ୍‌ମାନ ସାଗରର ନିର୍ମାଣ କରାଯାଇଥିଲା । ସେଠାରେ ମନୋରଞ୍ଜନ ପାର୍କ, ରିସୋର୍ଟ ଆଦି ରହିଛି ଯାହା ପର୍ଯ୍ୟଟକମାନଙ୍କୁ ଆକର୍ଷଣ କରିଥାଏ ।



### ହାଇଦ୍ରାବାଦୀ ଭୋଜନ:

ହାଇଦ୍ରାବାଦୀ ଖାଦ୍ୟ ପୂରା ବିଶ୍ୱରେ ପ୍ରସିଦ୍ଧ । ସେଠାରେ ମୋଗଲ, ପାର୍ସିଆନ, ଆରବୀ, ତୁର୍କିଶ, ଇରାନୀ ଏବଂ ତେଲଗୁ ସଂସ୍କୃତିର ସ୍ୱାଦ ମିଳିଥାଏ । ହାଇଦ୍ରାବାଦୀ ବିରିୟାନି ଏବଂ ହାଇଦ୍ରାବାଦୀ ହଲୀମ ସେଠାକାର ପ୍ରସିଦ୍ଧ ବ୍ୟଞ୍ଜନ, ଯାହା ଆରବୀ ଓ ମୋଗଲମାନଙ୍କ ସ୍ୱାଦ ଅନୁସାରେ ପ୍ରସ୍ତୁତ କରାଯାଉଥିଲା । ଏହି ଆଇକନିକ ଡିଶ୍ ପୂରା ବିଶ୍ୱରେ ପ୍ରସିଦ୍ଧ । ଭେଜ୍ ଓ ନନ୍‌ଭେଜ ବିରିଆନିର ମଜା ପର୍ଯ୍ୟଟକମାନେ ଉଠାଇ ପାରିବେ ।









### କେବେ ଯିବେ ?

ହାଇଦ୍ରାବାଦରେ ଜୁନରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ପ୍ରବଳ ବର୍ଷା ଓ ତେଜ ଗତିରେ ପବନ ବୋହିଥାଏ । ଅକ୍ଟୋବର ମାସର ଜଳବାୟୁ ସେଠାକୁ ଯିବା ପାଇଁ ଉପଯୁକ୍ତ । ନଭେମ୍ବରରୁ ଫେବୃଆରୀ ପର୍ଯ୍ୟନ୍ତ ଶୀତଋତୁ ଚାଲିଥାଏ ।

### କିପରି ଯିବେ:

ରାଜୀବ ଗାନ୍ଧୀ ଅନ୍ତରାଷ୍ଟ୍ରୀୟ ଟର୍ମିନାଲ ବ୍ୟତୀତ ତା' ପାର୍ଶ୍ୱରେ ଏନ୍‌ଟି ରାମାରାଓ ନାମକ ଏକ ଘରୋଇ ବିମାନ ବନ୍ଦର ଅଛି ଯାହା ଭାରତର ବିଭିନ୍ନ ସହର ସହିତ ଯୋଡ଼ି ହୋଇ ରହିଛି । ଏହି ବିମାନ ବନ୍ଦରଠାରୁ ଏହା ୨୦ କି.ମି ଦୂରରେ ଅବସ୍ଥିତ । ସେଠାରୁ ଟ୍ୟାକ୍ସି ବା କ୍ୟାବ୍ ବୁକ୍ କରି ଯାଇହେବ ।

ସହରରେ ତିନୋଟି ରେଲୱେ ଷ୍ଟେସନ ରହିଛି ଯଥା- ହାଇଦ୍ରାବାଦ, ସିକନ୍ଦରାବାଦ ଓ କାଚିଗୁଡ଼ା ରେଲ୍‌ୱେ ଷ୍ଟେସନ । ଭାରତର ଯେ କୌଣସି ସହରରୁ ପର୍ଯ୍ୟଟକମାନେ ସେଠାକୁ ଯାଇପାରିବେ । ହାଇଦ୍ରାବାଦ ସଡ଼କମାର୍ଗ ଦ୍ୱାରା ବିଭିନ୍ନ ସହର ସହିତ ଯୋଡ଼ି ହୋଇ ରହିଛି ।

# କରୋନା, ବନ୍ୟା ପରିସ୍ଥିତିରେ ଲୋକଙ୍କୁ ସହଯୋଗ କରିବାକୁ ଦଳୀୟ ବିଧାୟକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

## ଜେଇଇ, ନିଟ୍ ପରୀକ୍ଷାର୍ଥୀଙ୍କୁ ସହଯୋଗ କର

ଭୁବନେଶ୍ୱର,୩୧।୮ (ନି.ପ୍ର): ରାଜ୍ୟରେ କରୋନା ମହାମାରୀ ଓ ବନ୍ୟା ପରିସ୍ଥିତି ରେ ସାଧାରଣ ଲୋକଙ୍କ ନିକଟକୁ ଯାଇ ସହଯୋଗ କରିବାକୁ ଦଳୀୟ ବିଧାୟକ ମାନଙ୍କୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ରବିବାର ଦିନ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ବିଧାୟକମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ କରୋନା ସଂକଟ ସମୟରେ ଲୋକ ଏବଂ କୋଭିଡ ଯୋଦ୍ଧା ମାନଙ୍କ ସାଥିରେ ରୁହନ୍ତୁ। ସେମାନଙ୍କ ସୁଖ ଦୁଃଖରେ ସାମିଲ ହେବା ସହ ମୃତ କୋଭିଡ ରୋଗୀଙ୍କ ଶବ ସଂସ୍କାର କ୍ଷେତ୍ରରେ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହା ବ୍ୟତୀତ ଜେଇଇ ଓ ନିଟ୍ ପରୀକ୍ଷା ଦେଉଥିବା ନିଜ ନିଜ ଅଂଚଳର ପିଲାମାନେ ଯେପରି ସୁବିଧାରେ ପରୀକ୍ଷା ଦେବେ, ସେଥିରେ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ବିଧାୟକମାନଙ୍କୁ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କରୋନା ସଂକ୍ରମଣରେ ଭାରତ ଆଜି ସାରା ବିଶ୍ୱରେ ସବୁଠାରୁ ଉପରେ ଅଛି। ଆମ ଦେଶରେ ପ୍ରତି ଦୁଇ ଦିନରେ ଏକ ଲକ୍ଷରୁ ଅଧିକ ଲୋକ ସଂକ୍ରମିତ ହେଉଛନ୍ତି । ଆମ ରାଜ୍ୟ ଓଡିଶା ମଧ କରୋନାର କଡା ମୁକାବିଲା କରୁଛି। ଆମର କୋଭିଡ ଯୋଦ୍ଧାମାନଙ୍କର ତ୍ୟାଗ ଓ ପରିଶ୍ରମ ଏବଂ ଆପଣମାନଙ୍କ ସହଯୋଗ ଯୋଗୁ ରାଜ୍ୟରେ ଆରୋଗ୍ୟ ହାର ବଢୁଛି ଓ ମୃତ୍ୟୁ ହାର ସବୁଠାରୁ କମ୍ ଅଛି। ଆଜିଠାରୁ ଗଞ୍ଜାମରେ ୫ଟି କୋଭିଡ ଗୃହ ବନ୍ଦ କରାଗଲା। ସେଠାରେ ପରିସ୍ଥିତିରେ ଉନ୍ନତି ଆସିଛି। କିନ୍ତୁ ଖୋର୍ଦ୍ଧା ଓ କଟକରେ ପରିଚାଳନା କରିବା ପାଇଁ ଆମକୁ ଅଧିକ ପରିଶ୍ରମ କରିବାକୁ ହେବ। ଏଥିପ୍ରତି ନିଜେ ଯତ୍ନବାନ ହେବା ସହ ଏବଂ ଲୋକଙ୍କୁ ସଚେତନ କରାନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କୋଭିଡ ଯୋଗୁ ଅନ୍ୟ ରାଜ୍ୟରେ ଥିବା ଆମର ୧୦ ଲକ୍ଷ ଭାଇଭଉଣୀ ଓଡିଶା ଫେରିଛନ୍ତି । ସେମାନଙ୍କ ମଧ୍ୟରୁ କେହି ବି ଯୋଗ୍ୟ ଲୋକ ଯେପରି ଖାଦ୍ୟ ସୁରକ୍ଷାରୁ ବଂଚିତ ନହେବେ ଏବଂ ନିର୍ମାଣ ଶ୍ରମିକ ଯୋଜନା ପାଇଁ ସୁବିଧାରେ ପଞ୍ଜିକରଣ କରିପାରିବେ ସହଯୋଗ କର। ଲଘୁଚାପ ବର୍ଷାରେ ରାଜ୍ୟରେ ବନ୍ୟା ଆସିଛି । ଲୋକଙ୍କ ଏ ଅସୁବିଧା ସମୟରେ ଆପଣ ଲୋକଙ୍କ ସାଥିରେ ରୁହ। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ କୋଭିଡ ଏବଂ ବନ୍ୟା ପରିସ୍ଥିତିରେ ପିଲାଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଜେଇଇ ଓ ନିଟ୍ ପରୀକ୍ଷା ଘୁଂଚାଇବା ପାଇଁ କନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲୁ । ପରୀକ୍ଷା ପାଇଁ ବର୍ତମାନ ୪୮ଘଂଟାରୁ କମ୍ ସମୟ ରହିଛି । ପିଲାମାନେ ଯେପରି ଭଲରେ ଭଲରେ ପରୀକ୍ଷା ଦେବେ, ସେଥିପାଇଁ ରାଜ୍ୟ ସରକାର ମାଗଣାରେ ପରିବହନ ଓ ରହିବାର ବ୍ୟବସ୍ଥା କରିଛନ୍ତି। ସେହିପରି ଅଧିକ ରକ୍ତଦାନ କ୍ୟାମ୍ପ ପାଇଁ କାମ କରିବାକୁ ମୁଖ୍ୟମନ୍ତ୍ରୀ ବିଧାୟକମାନଙ୍କୁ ପରାମର୍ଶ ଦେଇଛନ୍ତି।

## ଲକ୍ଷ୍ମୀପୂଜା ପାଇଁ ଅନୁକୂଳ ମାଟି ଉଠିଲା

ଭୁବନ,୩୧।୮ (ନି.ପ୍ର): ପବିତ୍ର ବାମନ ଜନ୍ମ ସୁନିଆଁ ରେ ଆଜି ଭୁବନର ବିଭିନ୍ନ ଅନୁଷ୍ଠାନ ତରଫରୁ ପ୍ରସିଦ୍ଧ ଲକ୍ଷ୍ମୀପୂଜା ପାଇଁ ଅନୁକୂଳ ମାଟି ଉଠିଛି । ସର୍ବପୁରାତନ ଅନୁଷ୍ଠାନ ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ଯୁବକ ସଂଘ,ଅରାସାହି ସମେତ ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ବଣିକ ସଂଘ, ନୂଆବଜାର, ଲକ୍ଷ୍ମୀଛକ, ଗୋପାଳପୁର ପଟଣା କଂସାରି ସମାଜ ପ୍ରଭୃତି ଅନୁଷ୍ଠାନ ତରଫରୁ ରଗଡିନାଳ ନିକଟରେ ପୂଜାର୍ଚ୍ଚନା କରାଯାଇ ମାଟି ଅଣାଯାଇଥିଲା । ପବିତ୍ର ମାଟିକୁ ସୁରକ୍ଷତି ଭାବେ ରଖାଯାଇଛି ବିଶ୍ୱକର୍ମା ପୂଜା ପରେ ମୃଣ୍ମୟ ମୂର୍ତୀ ନିର୍ମାଣ ଆରମ୍ଭ ହେବ ।

## ବନ୍ୟାଂଚଳ ବୁଲିଲେ ବିଧାୟକ

ପୁରୀ,୩୧।୮ (ନି.ପ୍ର): ପୁରୀସଦର ଅଂଚଳରେ କେତେକ ଗ୍ରାମ ବନ୍ୟାଜଳରେ ଜଳମଗ୍ନ ହୋଇଯାଇଛି । ଲୋକମାନେ ଦୟନୀୟ ଅବସ୍ଥାରେ ଗାଁରୁ ବାହାରି ପାରୁନାହାଁନ୍ତି । ପୁରୀର ଜନପ୍ରିୟ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଆଜି ଡଙ୍ଗାରେ ଯାଇ ଶାସନ ଦାମୋଦରପୁର ନିକଟ ଉତରହଣା, ନୂଆଗାଁ, ମଳିକ ସାହି ସହ ଅନେକ ଗ୍ରାମ ବୁଲି ଦେଖିଥିଲେ । ଗାଁ ଲୋକଙ୍କ ସହ ବନ୍ୟା ପରିସ୍ଥିତି ସଂପର୍କରେ ଆଲୋଚନା କରିଥିଲେ । ସଦର ବିଡିଓ ଓ ଜିଲ୍ଲାପାଳଙ୍କ ସହ ପରାମର୍ଶ କରି ଲୋକମାନଙ୍କୁ ରିଲିଫ, ପାନୀୟ ଜଳ ଯୋଗାଇ ଦେବା ପାଇଁ ଦାବି କରିବେ ବୋଲି ବିଧାୟକ କହିଥିଲେ । ଗ୍ରାମ ବୁଲିବା ସମୟରେ କେତେକ ଗରିବ ଲୋକଙ୍କ ଘର ଫନିବାତ୍ୟାରେ ଭାଙ୍ଗି ଯାଇଥିଲେ ମଧ ସେମାନଙ୍କୁ ସହାୟତା ମିଳିନାହିଁ । ସେମାନେ ଜରି ପାଲ ଘୋଡାଇ ରହିଥିବା ଦେଖିବାକୁ ମିଳିଥିଲା । ତଳଜଙ୍ଗଠାରୁ ମଙ୍ଗଳାଘାଟ ପର୍ଯ୍ୟନ୍ତ ନଦୀର ପାଣି ଯିବା ପାଇଁ ବନ୍ଧ ନଥିବାରୁ ପାଣି ଏଣେ ତେଣେ ଯାଇ ଗ୍ରାମ ଭିତରେ ପଶୁଥିବା ଦେଖିବାକୁ ମିଳିଥିଲା । ଏ ସଂପର୍କରେ ଜଳସେଚନ ବିଭାଗ ସହ କଥାବାର୍ତା କରି ଶକ୍ତ ନଦୀବନ୍ଧ କରାଯିବ ପାଇଁ କହିଥିଲେ । ଅନେକ ଲୋକଙ୍କର ଧାନ ଫସଲ ନଷ୍ଟ ହୋଇଥିବା ଦେଖିବାକୁ ମିଳିଥିଲା । ସେହିପରି ଅଠରନଳା ମୂଷାନଦୀର ପାଣି ସୁଜାତାନଗରଠାରେ ଜମି ରହୁଥିବାରୁ ସେହି ପାଣି ସୁଜାତାନଗରର ୭ଖଣ୍ଡ ସାହିରେ ପଶିଯିବା ଫଳରେ ସହର ତଳି ଅଂଚଳରେ ବି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏ ସଂପର୍କରେ ଜିଲ୍ଲାପାଳଙ୍କ ସହ ବିଧିବଦ୍ଧ ଆଲୋଚନା କରି କିପରି ସୁଜାତା ନଗରକୁ ପାଣି ପଶିବ ସେ ସଂପର୍କରେ ଲୋକମାନଙ୍କୁ କହିଥିଲେ । ଏଭଳି ଅସମୟରେ ବିଧାୟକ ଦେଶୀ ଡଙ୍ଗାରେ ବୁଲିବା ଦେଖି ଲୋକମାନେ ବିଧାୟକଙ୍କୁ ସାଧୁବାଦ ଜଣାଇଥିଲେ ।

# ପୌରାଂଚଳ ଯୋଗାଣ ସାମଗ୍ରୀ ବଂଟନରେ ମହା ଘୋଟାଲ ଅଭିଯୋଗ

ପୁରୀ,୩୧।୮ (ନି.ପ୍ର):- କେନ୍ଦ୍ର ଓ ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଆଇନ ବଳରେ ଗରିବ ଖାଉଟିଙ୍କ ପାଖରେ ଯୋଗାଣ ସାମଗ୍ରୀ ପହଂଚାଇବା ପାଇଁ ବ୍ୟବସ୍ଥା କରିଛନ୍ତି । ପୁରୀ ପୌରାଂଚଳରେ କିଛି ଯୋଗାଣ ବିଭାଗ କର୍ମଚାରୀ ଓ ସିଏସଓ ଅସାଧୁ ଡିଲରଙ୍କ ସହ ମେଂଟ କରି ଗରିବ ଖାଉଟିଙ୍କ ରାସନ ସାମଗ୍ରୀ ହଡପ କରୁଥିବା ଅଭିଯୋଗ ହୋଇଛି । କେତେକ ଡିଲରଙ୍କ ପାଖରେ ଛଦ୍ମ ରାସନକାର୍ଡ ରଖି ଖାଉଟି ସାମଗ୍ରୀ ହଡପ କରୁଥିବା ଅଭିଯୋଗ ହୋଇଛି । ପ୍ରକୃତ ହିତାଧିକାରୀଙ୍କୁ ରାସନ କାର୍ଡ ଦିଆନଯାଇ ବଡବଡିଆ ଲୋକଙ୍କୁ ରାସନ କାର୍ଡ ଦିଆଯାଇଥିବା ଅଭିଯୋଗ ହୋଇଛି । ପୌରାଂଚଳର ଖାଉଟି ଅଧିକାରୀ ବହୁବର୍ଷ ଧରି ବିଭାଗରେ ରହି ଅସାଧୁ ମେଂଟ ଜରିଆରେ ଲକ୍ଷାଧିକ ଟଙ୍କା ହାତ ଚିକ୍କଣ କରୁଥିବା କୁହାଯାଇଛି । ରାସନକାର୍ଡ ହେବା ସମୟରେ ମହାଘୋଟାଲା ହୋଇଥିଲା । ସେ ସଂପର୍କରେ ଜଣେ ଉଚ୍ଚ ଅଧିକାରୀ ଜାଣିବା ପରେ କାର୍ଯ୍ୟାନୁଷ୍ଠାନ ପାଇଁ କହିଥିଲେ। ଏହାର କିଛି ଦିନ ପରେ ସେହି ଅଧିକାରୀଙ୍କର ବଦଳି ହୋଇଯାଇଥିଲା । ହିତାଧିକାରୀମାନେ ଯେତିକି ରାସନ ନେଉଛନ୍ତି ତା ବାଦ୍ ଅନେକ ଛଦ୍ମ କାର୍ଡରେ ଲକ୍ଷାଧିକ ଟଙ୍କାର ରାସନ ଲୁଟ ହେଉଥିବା ଅନେକ ସାହିରେ ଲୋକମାନେ ଅଭିଯୋଗ କରୁଛନ୍ତି । ରାଜ୍ୟ ସରକାରଙ୍କ ବଦଳି ନିୟମ ଏହି ବାବୁଙ୍କ ପ୍ରତି ଲାଗୁ ହେଉନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି । ପୌରସଂସ୍ଥାର ବଂଟନ ରେଜିଷ୍ଟର ଓ ରାଜ୍ୟ ସରକାରଙ୍କ ମାସିକ ଆଲର୍ଟମେଂଟ ପତ୍ରକୁ ତର୍ଜମା କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଶତାଧିକ ପରିବାର ରାସନକାର୍ଡ ପାଇବାରୁ ବଂଚିତ ଅଭିଯୋଗ

ନୂଆପଡ଼ା,୩୧।୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକର ୨୬ ଗୋଟି ପ ାୟତର ଶତାଧିକ ପରିବାର ରାସନକାର୍ଡ ପାଇବାରୁ ବଂଚିତଥିବା ନେଇ ଅଭିଯୋଗ କରିଛନ୍ତି। ଏନେଇ ଉଚ୍ଚ ଅଧିକାରୀଙ୍କୁ ଅନେକ ଥର ହିତାଧିକାରୀ ଲିଖିତ ଅଭିଯୋଗ କରି କାର୍ଡ ପ୍ରଦାନର ବ୍ୟବସ୍ଥା କରିବାକୁ ଦାବୀ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନଥିବାରୁ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଖଡିଆଳ ବ୍ଲକ ଏକ ଆଦିବାସୀ ବହୁଳ ଅଂଚଳ ହୋଇଥିବା ବେଳେ ଅନେକ ପରିବାର ଗରିବ ଏବଂ ଶ୍ରମିକ ଶ୍ରେଣୀର ବସବାସ କରୁଛନ୍ତି । ହେଲେ ସରକାରଙ୍କ ପ୍ରଚଳିତ ଖାଦ୍ୟ ସୁରକ୍ଷା ଆଇନ ବଳରେ ଯୋଗ୍ୟ ହିତାଧିକାରୀ ମାନେ ରାସନକାର୍ଡ ପାଇବାରୁ ବଂଚିତ ରହି ଯାଇଛନ୍ତି। ଖଡିଆଳ ବ୍ଲକର ଅନେକ ଗ୍ରାମର ଶତାଧିକ ପରିବାର ଏହି ରାସନକାର୍ଡ ପାଇବାରୁ ବଂଚିତ ରହିଥିବା ବେଳେ ଏନେଇ ଜିଲ୍ଲାପାଳ, ଖଡିଆଳ ଗୋଷ୍ଠି ଉନ୍ନୟନ ଅଧିକାରୀ, ଯୋଗାଣ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରି ଆସୁଛନ୍ତି । ହେଲେ ସୁଫଳ ମିଳି ପାରୁନାହିଁ। ଅନ୍ୟପକ୍ଷରେ ଚଳିତ ବର୍ଷ ମହାମାରୀ କରୋନା ପରେ ଅନେକ ପରିବାରଙ୍କ ଆର୍ଥୀକ ସ୍ଥିତି ଭାଙ୍ଗି ପଡିଥିବା ବେଳେ ରାସନ ସାମଗ୍ରୀ ପାଇବାରେ ଅନେକ ଅସୁବିଧା ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳିଥିଲା । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବାଦ ପଡିଥିବା ହିତାଧିକାରୀ ମାନଙ୍କୁ ରାସନକାର୍ଡ ପ୍ରଦାନର ବ୍ୟବସ୍ଥା କରିବାକୁ ଦାବୀ ହେଉଛି ।

## ଯୁବ ସ୍ୱେଚ୍ଛାସେବୀଙ୍କ ମାନବିକତା : ଘରେନେଇ ପହଂଚାଇଲେ ପ୍ରଶାସନର ପାଲ

କନ୍ଧମାଳ,୩୧।୮ (ନି.ପ୍ର): ଗତ ୩ ଦିନ ଧରି ହୋଇଥିବା ଲଗାଣ ବର୍ଷା ଯୋଗୁଁ କନ୍ଧମାଳ ଜିଲାର ବିଭିନ୍ନ ଅ ଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଏଭଳି ସ୍ଥଳେ ଖଜୁରିପଡ଼ା ବ୍ଲକ ତହସିଲ୍ ଅନ୍ତର୍ଗତ ପିରିକୁଡ଼ି ପଂଚାୟତର ଜନେକକୁମ୍ପା ଗ୍ରାମର ବୃଦ୍ଧ ସୁରେଶ କହଁର ନାମକ ଏକ ବ୍ୟକ୍ତିଙ୍କ ଘରର କାନ୍ଥ ଭୁଷୁଡ଼ି ପଡ଼ିଛି । ଫଳରେ ଉକ୍ତ ବୃଦ୍ଧଙ୍କ ପରିବାର ନାନା ସମସ୍ୟା ମଧ୍ୟରେ ଦିନ କାଟୁଥିବା ବେଳେ ଆଜି ଗୁଦାରି ଆର୍.ଆଇ ରାଜେନ୍ଦ୍ର ଷଡ଼ଙ୍ଗୀ ପରି ସ୍ଥିତି ଅନୁଧ୍ୟାନ କରିବା ସହିତ ଖଜୁରିପଡ଼ା ତହସିଲ୍ରୁ ଯାଇ ପଲିଥିନ୍ ସଂଗ୍ରହ ପାଇଁ ପରାମର୍ଶ ଦେଇଥିଲେ । ତେବେ ବୃଦ୍ଧଙ୍କ ପରିବାର କେହି ଯାଇ ପଲିଥିନ୍ ଆଣିବା ସମ୍ଭବ ହୋଇ ପାରିନଥିବା ବେଳେ ଯୁବ ସମାଜସେବୀ ଅନ୍ତିକ ମଲିକ ଓ ଗଗନ ମଲିକ ନିଜେ ଉକ୍ତ ପଲିଥିନ୍ ସହସିଲ୍ କାର୍ଯ୍ୟାଳୟରୁ ସଂଗ୍ରହ କରି ଶୁରେଶଙ୍କ ଘରେ ନେଇ ଦେଇଥିଲେ । ଯୁବ ସ୍ୱେଚ୍ଛାସେବୀଙ୍କ ଏଭଳି ମାନବିକତାକୁ ଗ୍ରାମବାସୀ ବେସ୍ ସାଧୁବାଦ ଜଣାଇଛନ୍ତି ।

# ପଟ୍ଟାମୁଣ୍ଡାଇରେ ବନ୍ୟା ପାଣି କମୁଛି, ଦୁର୍ଦ୍ଦଶା ବଢୁଛି

## ରନ୍ଧା ଖାଦ୍ୟ, ଔଷଧ, ସାଲାଇନ, ପାଣି ପାଉଚ ପାଇଁ ଦାବି

ପଟ୍ଟାମୁଣ୍ଡାଇ,୩୧।୮ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଅଂଚଳରେ ବନ୍ୟା ପାଣି କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ଫଳରେ ନଦୀ କୂଳିଆ ଲୋକେ କିଛିଟା ଆଶ୍ୱସ୍ତି ହୋଇଛନ୍ତି । କରୋନା ପାଇଁ ଗୃହବନ୍ଦୀ ଥିବା ଲୋକମାନେ ଏବେ ଜଳବନ୍ଦୀ ହୋଇପଡିଛନ୍ତି । କରୋନା ମୁକାବିଲାରେ ବ୍ୟସ୍ତ ସରକାର ଓ ପ୍ରଶାସନ ପାଇଁ ସାଂପ୍ରତିକ ବନ୍ୟା ଏକ ଆହ୍ୱାନ ସୃଷ୍ଟି କରିଛି । କରୋନା କବଳରୁ ଲୋକଙ୍କ ଜୀବନ ବଂଚାଇବାକୁ ସରକାର ପ୍ରାଥମିକତା ପ୍ରଦାନ କରୁଥିବାବେଳେ ବନ୍ୟା ବିପତି ଓ ଧନଜୀବନ ସୁରକ୍ଷା ସରକାରଙ୍କ ପାଇଁ ବୋଝ ଉପରେ ଲଳିତା ବିଡା ହୋଇଛି । ପଟ୍ଟାମୁଣ୍ଡାଇ ବ୍ଲକର ସବୁଠୁ ଦୁର୍ଗମ ଅଂଚଳ ସିଂହଗାଁ ପଚାଂୟତ ବନ୍ୟା ଯୋଗୁଁ ଅଧିକ ପ୍ରଭାବିତ ହୋଇଥିବାରୁ ଲୋକମାନଙ୍କ ଦୁର୍ଦ୍ଦଶା ସବୁକୁ ବଳିଯାଇଛି । ଏହି ପଚାଂୟତର ସବୁ ରାସ୍ତାଘାଟ ପୋଲ ବୁଡି ଯିବା ସହିତ ଲୋକମାନଙ୍କରେ ଘର ବନ୍ୟା ପାଣି ଲହଡି ଖେଳୁଛି । ଧୋଇଆ ଅଂଚଳରେ ମୁଖ୍ୟ ଅର୍ଥକରୀ ଫସଲ ବିରି, ମୁଗ ଓ ଧାନ ଫସଲ ବେଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । ଧୋୟାଂଚଳର ପ୍ରାଣକେନ୍ଦ୍ର ଦାଣ୍ଡିସାହି ବଜାର, ପୋଲ, କଲେଜ ଓ ହାଇସ୍କୁଲ ରାସ୍ତାରେ ବନ୍ୟାପାଣିର ସୁଅ ଛୁଟୁଛି । ଚଳିତ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ଅଣ୍ଡରା, ଅମୃତମଣୋହି, ବଲୁରିଆ, ପେଣୁପାଳ, ତରଡିପାଳ, ଅଳପୁଆ, ସିଂହଗାଁ, ବାଛରା, ବାଲିପାଟଣା, ନୀଳକଣ୍ଠପୁର, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର, ଶାସନ ଆଦି ୧୪ଟି ପଚାଂୟତ ବନ୍ୟା ପାଣି ଘେରରେ ରହିଛି । ବର୍ଷା, ବାରମ୍ବାର ବନ୍ୟା ଓ ଚଳିତ ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ଘରଦ୍ୱାର ଓ ବ୍ୟାପକ ଫସଲହାନୀ ଘଟିଛି । ଯାହା ଫଳରେ ଋଣ ଓ କରଜ କରି ଫସଲ ଓ ଘର କରିଥିବା ଚାଷୀ ଓ ଗରିବ ଲୋକ ଉଚ୍ଛନ୍ନ ହୋଇପଡିଛି । ତାର ସବୁ ଆଶା ଓ ସ୍ୱପ୍ନ ଚୂରମାର ହୋଇଯାଇଛି । ସମଗ୍ର ଧୋୟାଂଚଳରେ ବନ୍ୟାର ତାଣ୍ଡବ ଜାରି ରହିଥିବାବେଳେ ସିଂହଗାଁ, ବାଛରା, ବାଲିପାଟଣା, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି । ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷା ଜ୍ୟୋର୍ତିମୟୀ ବେହେରା ବନ୍ୟାବିପନ୍ନ ଧୋଇଆ ଅଂଚଳର ୭ଟି ପଚାଂୟତ ଗସ୍ତ କରି ଲୋକମାନଙ୍କ ଅବସ୍ଥା ଅନୁଧାନ କରିଥିଲେ । ବନ୍ୟାଚଂଳରେ ଲୋକମାନେ ପାଣି ଘେର ଥିବାରୁ ଅଧିକାଂଶ ପରିବାରରେ ଚୂଲି ଜଳୁନାହିଁ । ଗୃହପାଳିତ ପଶୁ, ପକ୍ଷୀମାନେ ଖାଦ୍ୟ ନପାଇ ହନ୍ତସନ୍ତ ହେଉଛନ୍ତି । କିରୋସିନର ଉତ୍କଟ ଅଭାବ ଦେଖା ଦେଇଛି । ବିଦ୍ୟୁଥ ଖୁଂଟ ଗୁଡିକ ବିପଦଜନକ ଅବସ୍ଥାରେ ଥିବାରୁ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଛି । ଘନ ଅନ୍ଧକାର ମଧରେ ବିଷଧର ସାପ ଭୟ ଲାଗିରହିଛି । ଧୋୟାଂଚଳରେ ପିଇବା ପାଣିର ଉକ୍ଟ ଅଭାବ ଦେଖା ଦେଇଛି । ଅଧିକାଂଶ ନଳକୂପ ପାଣିରେ ବୁଡି ଯାଇଥିବାରୁ ଏ ପରିସ୍ଥିତି ଦେଖା ଦେଇଛି । ଦୂଷିତ ପାଣି ପିଇ ଲୋକମାନେ ନାନା ପ୍ରକାର ରୋଗରେ ଶିକାର ହେଉଛନ୍ତି । ପଟ୍ଟାମୁଣ୍ଡାଇ ବିଡିଓ ଭରତ ପରିଡା ଓ ବ୍ଲକ ସହନିର୍ବାହୀଯନ୍ତ୍ରୀ ଇଂ. ସୁରେଶ ବେହେରା ବନ୍ୟାଚଂଳ ଗସ୍ତ କରିବା ସହିତ ବ୍ଲକ କଣ୍ଟ୍ରୋଲରୁମରେ ରହି ବନ୍ୟା ମୁକାବିଲା କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରୁଛନ୍ତି । ପଟ୍ଟାମୁଣ୍ଡାଇ ପୌରାଚଂଳ ବାଲିପଡା, ଖଷଣଅଂଟା, ତଳବାଲିପଡା, ବଳଦେବ ନଗର, ସିଦ୍ଧପାଟଣା, ନନ୍ଦିନୀନଗର, ତନୁପୁର, ଷଣ୍ଢପଲ୍ଲୀ, ନୂଆଗାଁ, କାକୁଡିପଲ୍ଲୀ, ଅଳଭା ଆଦି ୧୧ଟି ୱାର୍ଡ ବନ୍ୟା ପାଣି ଘେରରେ ରହିଛି । ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ପକ୍ଷରୁ ଦୁର୍ବଳ ନଦୀବନ୍ଧ ଉପରେ ବାଲି ବସ୍ତା ପକାଯାଇ ସତର୍କ ଦୃଷ୍ଟି ରଖାଯାଇଛି । ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ଠାରୁ ଅଳଭା ଦେଇ ମଦନପୁର ପର୍ଯ୍ୟନ୍ତ ଦୁର୍ବଳ ନଦୀବନ୍ଧକୁ ଜଳସମ୍ପଦ ସହନିର୍ବାହୀ ଯନ୍ତ୍ରୀ ଶକ୍ତି ପ୍ରସାଦ ଦାସ ଓ ସହସହକାରୀଯନ୍ତ୍ରୀ ମନୋରଞ୍ଜନ ସାହୁଙ୍କ ନେତୃତ୍ୱରେ ଜଳସମ୍ପଦ ବିଭାଗ କର୍ମଚାରୀମାନେ ବାଲିବସ୍ତା ପକାଇ ଦିନରାତି ପ୍ରହରା ଦେଉଛନ୍ତି । ବନ୍ୟାର ସ୍ଥିତି ଉପରେ ବିଭାଗ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଛି । ତନୁପୁର ରାସ୍ତାରେ ବନ୍ୟାଜଳ ଛୁଟୁଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ପଟ୍ଟାମୁଣ୍ଡାଇ ପୌରନିର୍ବାହୀ ଅଧିକାରୀ ସଂପଦ ସ୍ୱାଇଁ ବନ୍ୟାଚଂଳ ଗସ୍ତ କରି ଲୋକମାନଙ୍କ ଅଭାବ ଓ ଅସୁବିଧା ଅନୁଧାନ କରିବା ସହିତ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ସମ୍ପୃକ୍ତ ସମସ୍ତ ବିଭାଗକୁ ସଜାଗ କରିଛନ୍ତି । ପଟ୍ଟାମୁଣ୍ଡାଇ ପୌରାଚଂଳର ବାଲିପଡା, ସାହୁସାହି, ଗୋଲାଉପର, ତନୁପୁର ଆଦି ବିଭିନ୍ନ ରାସ୍ତାରେ ବନ୍ୟାପାଣିର ସୁଅ ଛୁଟୁଛି । ବନ୍ୟା ଯୋଗୁଁ ଗରିବ ଚାଷୀ, ମୂଲିଆ ସଂସାର ଉଚ୍ଛନ୍ନ ହୋଇପଡିଛି । ପଟ୍ଟାମୁଣ୍ଡାଇ ଅଗ୍ନିଶମ ବିଭାଗ ପକ୍ଷରୁ ଫାୟାର ଅଫିସର ଗୋପବନ୍ଧୁ ସାହୁଙ୍କ ନେତୃତ୍ୱରେ ଅଗ୍ନିଶମ କର୍ମଚାରୀମାନେ ବନ୍ୟାଘେରରେ ବିପଦଜନକ ଅବସ୍ଥାରେ ଥିବା ଲୋକମାନଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେଉଛନ୍ତି । ତେବେ ଗତକାଲି ଅପେକ୍ଷା ଆଜି ଜଳ ସ୍ରୋତ କମୁଥିବା ପରିଲକ୍ଷିତ ହୋଇଛି ।

# ହଜାର ହଜାର ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଥିବା ଅମରନାଥ ପଲିଆଙ୍କ ଦେହାନ୍ତ

କନ୍ଧମାଳ,୩୧।୮ (ନି.ପ୍ର): ଫୁଲବାଣୀର ପୁରୁଣା କ୍ଲିନିକ୍ର ମାଲିକ ଅମର ପଲିଆଙ୍କ ଗତ ରାତିରେ ଦେହାନ୍ତ ହୋଇଯାଇଛି । ଭୁବନେଶ୍ୱର ଠାରେ ଥିବା କିମସ ହସପିଟାଲରେ ତାଙ୍କର ଗତ ରାତି ୧୧ଟା ବେଳେ ତାଙ୍କର ଦେହାନ୍ତ ହୋଇଛି । ଗତ କିଛିଦିନ ହେଲା ତାଙ୍କର ବାଥରୁମରେ ଗାଧୋଇବାବେଳକୁ ଦୁର୍ଘଟଣା ଗ୍ରସ୍ତ ହୋଇ ଅଣ୍ଟାରେ ଆଘାତ ଲାଗିବା ଫଳରେ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର କିମସ ହସପିଟାଲରେ ଭର୍ତିକରାଯାଇଥିଲା । ସେଠାରୁ ପୁଣି ତାଙ୍କୁ ତାଙ୍କୁ ଏମସ୍ ହସପିଟାଲକୁ ନିଆଯାଇ ସେଠାରେ ଚିକିତ୍ସା କରାଯାଉଥିଲା ଗତକାଲି ରାତି ପ୍ରାୟ ୧୧ଟା ବେଳେ ତାଙ୍କ ସେଠାରେ ମୃତ୍ୟୁ ଘଟିଛି । ତେବେ ସେଠାରେ ସେ କରୋନାରେ ଆକ୍ରାନ୍ତ ହୋଇଥିବାରୁ ତାଙ୍କର ଦେହାନ୍ତ ଘଟିଥିବା ଜଣାପଡିଛି । ତେଣୁ ହସପିଟାଲ କର୍ତୃପକ୍ଷ ତାଙ୍କ ମରଶରୀରକୁ ତାଙ୍କ ପରିବାରକୁ ହସ୍ତାନ୍ତର କରିନାହାନ୍ତି । ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ମାନଙ୍କ ଦ୍ୱାରା ତାଙ୍କର ଭୁବନେଶ୍ୱରରେ ହିଁ କୋଭିଡ ନିତି ନିୟମ ଅନୁସାରେ ଶେଷ କୃତ୍ୟ ସମ୍ପର୍ଣ୍ଣ କରାଯାଇଛି । ସ୍ୱର୍ଗତ ଅମର ଫୁଲବାଣୀର ସର୍ବ ପରିଚିତ ଭଗବତୀ କ୍ଲିନିକର ମାଲିକ ଥିଲେ । ତାଙ୍କର କ୍ଲିନିକରେ ସେ କନ୍ଧମାଳ ଜିଲ୍ଲା ସମେତ ପଡୋଶୀ ବୌଦ୍ଧ ଜିଲ୍ଲା ଏବଂ ଅଖପାଖ ଅଂଚଳର ହଜାର ହଜାର ରୋଗୀଙ୍କୁ ତାଙ୍କର ଉତମ ବ୍ୟବହାର ସହିତ ସଠିକ ଆବଶ୍ୟକ ବେଳେ ରୋଗୀଙ୍କର ଘରକୁ ଯାଇ ଭଲ ଭାବରେ ସେବା କରିଛନ୍ତି ଏପରିକି ଆବଶ୍ୟକ ବେଳେ ଗରୀବ ରୋଗୀଙ୍କୁ ମାଗଣାରେ ମଧ୍ୟ ସେବା ପ୍ରଦାନ କରିଛନ୍ତି । ସେଥିପାଇଁ ତାଙ୍କ ମୃତ୍ୟୁରେ ହଜାର ହଜାର ଲୋକେ ମର୍ମାହତ ହୋଇଛନ୍ତି । ତାଙ୍କର ଆକସ୍ମିକ ଦେହାନ୍ତରେ ଫୁଲବାଣୀ ମେଡିକାଲ ଛକ ସମେତ ତାଙ୍କର ବନ୍ଧୁ ମହଲରେ ଶୋକର ଛାୟା ଖେଳିଯାଇଛି ।

# ଚିନ୍ତାରେ ଚାଷୀ, ସରକାରୀ ଅପାରଗତା ନା ଜମିମାଲିକଙ୍କ ଦୌରାତ୍ମ୍ୟ, ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଉ



ଗୁଣୁପୁର,୩୧।୮ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣୁପୁର ଉପଖଣ୍ଡ ରାମନାଗୁଡା ବ୍ଲକର ବାଙ୍ଗିଛକରେ ଦୀର୍ଘ ୭୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଜଳଭଣ୍ଡାରଟିଏ ରହିଛି । ଉପର ମୁଣ୍ଡରେ ବର୍ଷାହେଲେ ଓ ପାହାଡ଼ରୁ ପାଣି ଆସି ସେଠାରେ ରହିବା ଫଳରେ ତଳ ମୁଣ୍ଡର ପ୍ରାୟ ୩୦୦ ଏକର ଜମିରେ ପାଣି ମାଡୁଥିଲା । ତେଣୁ ଚାଷୀଙ୍କୁ ଖରିଫ ଚାଷ ପାଇଁ ଅସୁବିଧା ହେଉନଥିଲା । ପୂର୍ବେ ସେହି ଜଳଭଣ୍ଡାର ପାଇଁ ବାଙ୍ଗୀ ଗ୍ରାମର ଜଣେ ବଦାନ୍ୟବ୍ୟକ୍ତି ଜମି ଦାନ କରିଥିଲେ ବୋଲି ଗ୍ରାମବାସୀ କହିଛନ୍ତି ଓ ଦାନ ଦେବା କବଲା ରହିଛି ବୋଲି କହିଛନ୍ତି । ଜଳଭଣ୍ଡାରର ଉନ୍ନତି ନିମନ୍ତେ ବିଭିନ୍ନ ସମୟରେ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି, ଆଇଟିଡିଏ, ଜିଲ୍ଲା ପରିଷଦ, ବିଧାୟକ ଓ ମନରେଗା ପାଣ୍ଠିରେ କାମ ହୋଇଛି । ୩୦ ବର୍ଷ ତଳେ ପଞ୍ଚାୟତ ତରଫରୁ ହିଡକାମ ହୋଇଥିଲା । ୨୦୦୮-୦୯ ଆର୍ଥିକ ବର୍ଷରେ ୩ ଲକ୍ଷ ଟଙ୍କା ବ୍ୟୟରେ ଜଳଭଣ୍ଡାରର ପୂର୍ବପଟେ କଂକ୍ରିଟ କାନ୍ଥ କରି ପୁନରୁଦ୍ଧାର କରାଗଲା । ୨୦୧୨-୧୩ ଆର୍ଥିକ ବର୍ଷରେ ବ୍ଲକ ତରଫରୁ ୫ ଲକ୍ଷ ବ୍ୟୟରେ ଚେକଡେମ କରାଯାଇଛି । ମନରେଗା ଯୋଜନାରେ କେନାଲ କାମ କରି ଜମିକୁ ପାଣି ଯିବା ବ୍ୟବସ୍ଥା କରାଯାଇଥିଲା । ମାତ୍ର ୧୫ ଦିନ ତଳେ କିଛି ବ୍ୟକ୍ତି ଆସି ଏହି ଜଳ ଭଣ୍ଡାରରେ ମାଟି ପୋତିବାକୁ ଆରମ୍ଭ କଲେ, ଗ୍ରାମବାସୀ ପଚାରିବାରୁ ସେମାନେ କହିଥିଲେ ଯେ ଏହି ଜମି ଆମେ କିଣିଛୁ, ଏଠାରେ ଆମେ ହୋଟେଲ ଓ ପେଟ୍ରୋଲ୍ ପମ୍ପ କରିବୁ । ଯଦି ଏହି ଜଳ ଭଣ୍ଡାର ପୋତି ହୋଇଯିବ ତଳ ମୁଣ୍ଡର ପ୍ରାୟ ୩୦୦ ଏକର ଜମିରେ ଫସଲ ହେବ ନାହିଁ ଓ ଉପରୁ ମୁଣ୍ଡରୁ ଆସୁଥିବା ପାଣି ବିନା କାରଣରେ ତଳକୁ ବୋହି ନଷ୍ଟ ହୋଇଯିବ । ଏଥିରୁ ଅନୁମାନ କରିବା କଥା ଯେ ଯଦି ଏହା ବେସରକାରୀ ଜମି ତେବେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲା କାହିଁକି ? ଏହି ଜମିର ନକ୍ସା ମିଳିଲା କିପରି ? ଯଦି ଏହା ସରକାରୀ ଜମି ତେବେ ଜମି ଦଖଲ କାରୀଙ୍କୁ କିଏ ଆକଟ କରିବ ତାହା ସାଧାରଣରେ ଆଲୋଚନା ହେଉଛି । ଏହି ଘଟଣାକୁ ନେଇ ବଡ଼ବାଙ୍ଗି, ପାଇକସାହି, ଝରାସାହି ଓ ବାଙ୍ଗି ଛକ ବାସୀଙ୍କ ମନରେ ଅସନ୍ତୋଷର ଦାନା ବାନ୍ଧୁଛି ଓ ସେମାନେ ରାୟଗଡା ଜିଲ୍ଲାପାଳ, ବିଡିଓ ରାମନାଗୁଡା, ତହସିଲଦାର ରାମନାଗୁଡା ଓ ଉପଜିଲ୍ଲାପାଳ ଗୁଣୁପୁରଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେବାକୁ ପ୍ରସ୍ତୁତ ହେଉଛନ୍ତି ବୋଲି ଗ୍ରାମବାସୀ ଡମ୍ବୁରୁ ପାତିକା, ପୂର୍ଣ୍ଣ ପାତିକା, କୈଳାଶ ମାଣ୍ଡାଙ୍ଗୀ, ବସ' କାଡ୍ରାକା, ରିତ କୁମାର ବେହେରା, ଗଙ୍ଗା କାଡ୍ରାକା ପ୍ରମୁଖ ପ୍ରକାଶ କରିଥିବା ଜଣାପଡିଛି । ଗ୍ରାମବାସୀଙ୍କ ଅଭିଯୋଗ ଏତିକି ଜେ ସରକାରଙ୍କ ତରଫରୁ ଜମିର ପ୍ରକୃତ ମାଲିକ କିଏ ତାହା ସ୍ପଷ୍ଟ ହେବା ନିହାତି ଆବଶ୍ୟକ ।

## ହୀରାକୁଦ ଡ୍ୟାମ୍ ର ୪୬ ସ୍ଲୁଇସ୍ ଗେଟ୍ ଦେଇ ଜାରୀ ରହିଛି ଜଳ ନିଷ୍କାସନ

ସମ୍ବଲପୁର,୩୧।୮ (ନି.ପ୍ର): ହୀରାକୁଦ ଡ୍ୟାମ୍ ର ୪୬ଟି ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟା ଜଳ ନିଷ୍କାସନ ଜାରୀ ରହିଛି । ଜଳ ଭଣ୍ଡାର ମଧକୁ ପ୍ରତି ସେକେଣ୍ଡରେ ୭ ଲକ୍ଷ ୬୫ ହଜାର ୪୦୮ ଘନଫୁଟ୍ ଜଳ ପ୍ରବେଶ କରୁଛି। ସେହି ସମୟରେ ମୋଟ୍ ୪୬ଟି ସ୍ଲୁଇସ୍ ଗେଟ୍ ଦେଇ ପ୍ରତି ସେକେଣ୍ଡରେ ୭ ଲକ୍ଷ ୬୫ ହଜାର ୪୦୮ ଘନଫୁଟ୍ ରୁ ଉର୍ଦ୍ଧ୍ୱ ଜଳ ମହାନଦୀକୁ ଛଡାଯାଉଛି । ବନ୍ଧର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ଅପରାହ୍ନ ୨ଟା ସୁଦ୍ଧା ଜଳ ଭଣ୍ଡାରର ଜଳସ୍ତର ୬୨୮ ଫୁଟ୍ ରହିଛି । ଆଜି ସକାଳ ସୁଦ୍ଧା ଗତ ୨୪ ଘଂଟା ମଧରେ ଡ୍ୟାମ୍ ର ଉପର ମୁଣ୍ଡରେ ୦୨.୮୧ ମିମି ଏବଂ ତଳ ମୁଣ୍ଡରେ ୦୦.୬୭ ମିମି ବର୍ଷା ରେକର୍ଡ଼ କରାଯାଇଛି ।

# ମୟୂରଭଞ୍ଜ : ପୁଲିସର କଡ଼ା ବ୍ୟବସ୍ଥା ମଧରେ ଅଗଷ୍ଟ ମାସର ସପ୍ତାହନ୍ତା ସଟ୍ ଡ଼ାଉନ-୫ ଶେଷ

ବାରିପଦା,୩୧।୮ (ନି.ପ୍ର): ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶ ଅନୁସାରେ କୋଭିଡ଼-୧୯ ସଂକ୍ରମଣର ସଫଳ ମୁକାବିଲା ନିମନ୍ତେ ଲକ୍ଡ଼ାଉନ(ଅନଲକ୍-୩)କୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଥିବା ସମୟରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାରେ କୋଭିଡ଼-୧୯ ପରିଚାଳନା ଏବଂ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଗତ ଜୁଲାଇ ମାସଠାରୁ ସପ୍ତାହର ପ୍ରତ୍ୟେକ ଶନିବାର ଓ ରବିବାର ଦୁଇ ଦିନିଆ ସପ୍ତାହାନ୍ତ ସଟ୍ ଡ଼ାଉନ ଘୋଷଣା କରିଥିଲେ ଏବଂ ଚଳିତ ଅଗଷ୍ଟ ମାସର ସପ୍ତାହନ୍ତା ସଟ୍ ଡ଼ାଉନ-୫ ଆଜି ଶେଷ ହୋଇଛି । ଏହି ସମୟରେ ଜିଲ୍ଲାର ସଦର ମହକୁମା ବାରିପଦାରେ ରାସ୍ତାଘାଟ ପ୍ରାୟତଃ ଜନଶୂନ୍ୟ ରହିଥିଲା । କାଁ ଭାଁ ଗାଡ଼ି ମୋଟର ଯାତାୟତ କରୁଥିଲେ ମଧ ସହରର ପ୍ରତ୍ୟେକ ଛକରେ ପୁଲିସ ଅଟକାଇ ସେମାନଙ୍କ ସମସ୍ୟା ବିଷୟରେ ଅବଗତ ହେଉଥିବାର ଦେଖିବାକୁ ମିଳିଥିଲା । ବାରିପଦା ସହର ପୁଲିସ ଛାଉଣୀରେ ପରିଣତ ହୋଇଯାଇଥିଲା । ଏଥି ସହିତ ବାରିପଦା ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି ସ୍ଥିତାବସ୍ଥାକୁ ଅନୁଧ୍ୟାନ କରିଥିଲେ। ସେହିପରି ପୁଲିସର ପିସିଆର, ମୋବାଇଲ ଭ୍ୟାନ ସହରରେ ଚକ୍କର କାଟୁ ଥିବା ବେଳେ ସିସି ଟିଭି କ୍ୟାମେରା ଲାଗିଥିବା ପିସିଆର ଭ୍ୟାନ ସହରରେ ସର୍ଟଡ଼ାଉନ ନିୟମ ଭଙ୍ଗକାରୀମାନଙ୍କ ଉପରେ କଡ଼ା ନଜର ରଖିଥିଲା । ସପ୍ତାହାନ୍ତ ସର୍ଟ ଡ଼ାଉନ-୫କୁ ନେଇ ବାରିପଦା ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି ନିଜ ପ୍ରତିକ୍ରିୟାରେ କହିଛନ୍ତି, ଆଜିର ସପ୍ତାହାନ୍ତ ସର୍ଟଡ଼ାଉନକୁ ଜନସାଧାରଣ ସହଯୋଗ କରିଥିବାର ଦେଖିବାକୁ ମିଳିଛି । କେବଳ ଜରୁରୀ କାର୍ଯ୍ୟ ନଥିଲେ କୌଣସି ବ୍ୟକ୍ତି ବାହାରକୁ ବାହାରି ନାହାନ୍ତି । ଆମେ ମଧ ମାନବିକତା ଦୃଷ୍ଟିକୋଣରୁ ସେମାନଙ୍କ ସମସ୍ୟାକୁ ବୁଝି ଛାଡ଼ି ଦେଇଛୁ । ଏହା କେବଳ ବାରିପଦା ସହରରେ ନୁହେଁ ଜିଲ୍ଲାର ସମସ୍ତ ଅଂଚଳରେ ଲାଗୁ ହୋଇଥିଲା । ଆଜିର ସର୍ଟଡ଼ାଉନ ସମୟରେ ସହରରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଏସପିଙ୍କ ପ୍ରତକ୍ଷ୍ୟ ତତ୍ୱାବଧାନରେ ଜଣେ ଏଡ଼ିସନାଲ ଏସପି, ୪ ଜଣ ଡିଏସପି, ୨୨ ଅଫିସର, ୨ ଇନ୍ସପେକ୍ଟର ଓ ୪ ପ୍ଲାଟୁନ ଫୋର୍ସ କାର୍ଯ୍ୟକରୁଥିଲେ । ଏହା କେବଳ ବାରିପଦା ସହରରେ ନୁହେଁ ମୟୂରଭଞ୍ଜର ସମସ୍ତ ଅଂଚଳରେ ସବୁଠାରେ ଏହି ସପ୍ତାହାନ୍ତ ସର୍ଟଡ଼ାଉନ ଜାରି ରହିଛି । କୋଭିଡ଼-୧୯ର ସଫଳ ମୁକାବିଲା କରିବାର ଗୋଟାଏ ମାତ୍ର ରାସ୍ତା ରହିଛି । ଅତି ଜରୁରୀ କାର୍ଯ୍ୟ ନ ଥିଲେ ପଦାକୁ ବାହାରନ୍ତୁ ନାହିଁ । ମୁହଁରେ ମାସ୍କ ପିନ୍ଧିବା ସାଙ୍ଗକୁ ସର୍ବନିମ୍ନ ୬ ଫୁଟ ଦୂରତା ରକ୍ଷା କରିବା, ବାରମ୍ବାର ହାତକୁ ସାନିଟାଇଜରରେ ଅଥବା ସାବୁନରେ ଭଲ ଭାବେ ସଫା କରାଇବା ନିମନ୍ତେ ଜନସାଧାରଣଙ୍କୁ ଥାନା ଅଧିକାରୀ ଶ୍ରୀସେନାପତି ପରାମର୍ଶ ଦେଇଛନ୍ତି । ତେବେ ମୟୂରଭଞ୍ଜ ଜିଲ୍ଲାରେ ସଂକ୍ରମିତ ସଂଖ୍ୟା ଲଗାମ ଛାଡ଼ା ହେବା ଆରମ୍ଭ କରିଥିବା ବେଳେ ଆଗକୁ କେଉଁ ପ୍ରକାରର ବ୍ୟବସ୍ଥା ଗ୍ରହଣ କରାଯିବ ତାହା ପରବର୍ତି ସମୟରେ ଜଣାପଡ଼ିବ ।

# କରୋନା ପ୍ରଭାବିତ ଅଣସଂଗଠିତ ଶ୍ରମିକଙ୍କ ଜୀବିକା ସୁରକ୍ଷା ଦାବି : ଏଆଇୟୁଡବ୍ଲ୍ୟୁସି ପକ୍ଷରୁ ସ୍ମାରକପତ୍ର

ବାଲେଶ୍ୱର,୩୧।୮ (ନି.ପ୍ର): ମହାମାରୀ କରୋନା ପ୍ରଭାବରେ ଦେଶ ତଥା ରାଜ୍ୟର ଆର୍ଥିକ ସ୍ଥିତି ଦୋହଲି ଯାଇଥିବା ବେଳେ ଶ୍ରମିକ ଶ୍ରେଣୀର ଲୋକେ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି । ସରକାରଙ୍କ ଲକ୍ ଡାଉନ୍ ଓ ସଟ୍ ଡାଉନ୍ ନିର୍ଦ୍ଦେଶ ମାନି ଅଣସଂଗଠିତ ଶ୍ରମିକମାନେ ଦୀର୍ଘ ୫ ମାସ ଧରି ଜୀବିକା ହରାଇ ଦୟନୀୟ ଅବସ୍ଥାରେ ଥିଲେ ବି ସେମାନଙ୍କ କଥା ବୁଝିବାକୁ କେହି ନାହିଁ ବୋଲି ଅଭିଯୋଗ କରିଛି ଅଖିଳ ଭାରତ ଅଣସଂଗଠିତ ଶ୍ରମିକ କଂଗ୍ରେସ(ଏଆଇୟୁଡବ୍ଲ୍ୟୁସି) । ଅଣ ସଂଗଠିତ ଶ୍ରମିକଙ୍କ ଜୀବନ ଓ ଜୀବିକା ସୁରକ୍ଷା ଦାବିରେ ସଂଗଠନ ପକ୍ଷରୁ ନିକଟ ଅତୀତରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ହଜାର ହଜାର ଚିଠି ପ୍ରେରଣ କରାଯାଇଥିବା ବେଳେ ଆଜି ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ସଂଗଠନର ଜିଲ୍ଲା ସଭାପତି ବିକାଶ କୁମାର ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ସାକ୍ଷାତ ସହ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ । ସାମ୍ପ୍ରତିକ ସ୍ଥିତିରେ ଅଣ ସଂଗଠିତ ଶ୍ରମିକମାନେ ସାମ୍ନା କରୁଥିବା ସମସ୍ୟା ସମ୍ପର୍କରେ ସଭାପତି ଶ୍ରୀ ଦାସ ସୂଚନା ଦେବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତାକୁ ତୀବ୍ର ସମାଲୋଚନା କରିଛନ୍ତି । ଅଣ ସଂଗଠିତ ଶ୍ରମିକଙ୍କ ଜୀବିକା ସୁରକ୍ଷା ଦେବା ସହିତ ସମସ୍ତଙ୍କୁ ପଞ୍ଜୀକରଣ କରିବା, ପ୍ରତ୍ୟେକ ଶ୍ରମିକ ପରିବାରଙ୍କ ଆକାଉଣ୍ଟକୁ ଯୁଦ୍ଧକାଳୀନ ଭିତ୍ତିରେ ମାସିକ ସାଢ଼େ ୭ ହଜାର ଟଙ୍କାର ଭତ୍ତା ଅର୍ଥ




ଟ୍ରାନ୍ସଫର କରିବା, ପ୍ରତ୍ୟେକ ପରିବାରକୁ ବାଧ୍ୟତାମୂଳକ ରେସନ ଯୋଗାଇ ଦେବା ପାଇଁ ସଂଗଠନ ପକ୍ଷରୁ ଦାବି କରାଯାଇଛି । ଏନେଇ ସରକାର ତୁରନ୍ତ ଉଚିତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଏଆଇୟୁଡବ୍ଲ୍ୟୁସି ଆନ୍ଦୋଳନ ଆହୁରି ଜୋରଦାର କରିବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି । ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ବେଳେ ସଭାପତି ଶ୍ରୀ ଦାସଙ୍କ ସମେତ ମନୋଜ କୁମାର ଦାସ, ଜ୍ୟୋତ୍ସ୍ନା ସେନାପତି, ପ୍ରଫୁଲ୍ଲ ରାଉତ, ଜୀବନକୃଷ୍ଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଫେଡେରେସନ ଅଫ୍ ପ୍ରାଇଭେଟ୍ ସ୍କୁଲସ୍ ଗଠିତ

ଭୁବନେଶ୍ୱର,୩୧।୮ (ନି.ପ୍ର): ରାଜ୍ୟରେ ଘରୋଇ ବିଦ୍ୟାଳୟ ମାଲିକମାନଙ୍କୁ ସଂଗଠିତ କରି ଏକ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ ଫେଡେରେସନ ଅଫ୍ ପ୍ରାଇଭେଟ୍ ସ୍କୁଲସ, ଓଡ଼ିଶା (ଫେପ୍ସୋ) ଗଠିତ ହୋଇଛି । ଏଥିରେ ବରିଷ୍ଠ ଶିକ୍ଷାବିତ୍ ଚନ୍ଦ୍ରଶେଖର ପତି ସେଟଲର, କେଶବ ଚନ୍ଦ୍ର ଶତପଥୀ ମୁଖ୍ୟ ଉପଦେଷ୍ଟା ରହିଥିଲା ବେଳେ ଅଧକ୍ଷ ରହିଛନ୍ତି ପ୍ରତାପ କୁମାର ଜେନା ।
ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ପତି ଉପାଧକ୍ଷ, ସମ୍ପାଦକ ଓ ପରିଚାଳନା ଟ୍ରଷ୍ଟି ଭାବେ ସତ୍ୟବ୍ରତ ମୀନକେତନଙ୍କୁ ମନୋନୀତ କରାଯାଇଛି । ସଂଗଠନର ଯୁଗ୍ମ ସମ୍ପାଦକ ଭାବେ ପବିତ୍ର ରାଉତରାୟ, ପଲ୍ଲୀ ପଟ୍ଟନାୟକଙ୍କୁ ମନୋନୀତ କରାଯାଇଥିଲା ବେଳେ କୋଷାଧକ୍ଷା ଭାବେ ସିକତା ଦାସଙ୍କୁ ମନୋନୀତ କରାଯାଇଛି । ଏହି ଅବସରରେ ଟ୍ରଷ୍ଟର ଯୁଗ୍ମ ସମ୍ପାଦକ ପବିତ୍ର ରାଉତରାୟ କହିଥିଲେ ଯେ, ମେଧାବୀ ଛାତ୍ରମାନଙ୍କୁ ବିନା ମୂଲ୍ୟରେ ଶିକ୍ଷାଦାନ ଏବଂ ଅଭିଭାବକଙ୍କ ମନରେ ଘରୋଇ ବିଦ୍ୟାଳୟ ପ୍ରତି ରହିଥିବା ଭୁଲ ମାନସିକତାରେ ପରିବର୍ତ୍ତନ ଆଣିବା ଦିଗରେ ଏହି ଟ୍ରଷ୍ଟ କାର୍ଯ୍ୟ କରିବ । ଓଡ଼ିଶାରେ ଶିକ୍ଷାର ମାନବୃଦ୍ଧି ସହିତ ସରକାରୀ ସହାୟତାରୁ ବଂଚିତ ଘରୋଇ ବିଦ୍ୟାଳୟ ଗୁଡିକୁ ଏକାଠି କରି ସେମାନଙ୍କର ସୁପରିଚାଳନା, ଶିକ୍ଷାର ମାନବୃଦ୍ଧି ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବା ସଂଗଠନର ଆଭିମୁଖ୍ୟ ହେବ ।

## ବାଲୁ ବଜାର ପୂଜା କମିଟିକୁ ମିଳିଲା ଦୁର୍ଗାପୂଜା ପାଇଁ ଅନୁମତି

କଟକ/ଭୁବନେଶ୍ୱର,୩୧।୮ (ନି.ପ୍ର): କଟକ ସହରର ପୁରାତନ ବାଲୁ ବଜାର ପୂଜା କମିଟିକୁ ଦୁର୍ଗାପୂଜା ପାଇଁ ଅନୁମତି ଦେଇଛନ୍ତି ହାଇକୋର୍ଟ । କମିଟିର ସଭାପତି ତଥା ଆଇନଜୀବୀ ସୂର୍ଯ୍ୟକାନ୍ତ ସାଙ୍ଗନେରିଆ ଓ ସଂପାଦକ ରାଜେନ୍ଦ୍ର ସାମଲ ଦାୟର କରିଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କୋଭିଡ଼ ଗାଇଡ଼ଲାଇନ ଅନୁସରଣ କରି ଦୁର୍ଗାପୂଜା ପାଳନ କରିବାକୁ ହାଇକୋର୍ଟ ଅନୁମତି ଦେଇଛନ୍ତି । ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ୨୪ ତାରିଖ ଦିନ ବାଲୁ ବଜାର ପୂଜା କମିଟି ପକ୍ଷରୁ ଆବେଦନରେ ଦର୍ଶାଯାଇଥିଲା ଦୀର୍ଘ ୫୦୦ବର୍ଷରୁ ଅଧିକ ସମୟ ଧରି ବାଲୁବଜାରରେ ଦୁର୍ଗାପୂଜା ପରମ୍ପରା ବଜାୟ ରଖି ପୂଜା ଆୟୋଜନ କରାଯାଉଛି ।

# ଖାଲଯୋଡିରୁ ଜଳ ଓ ଆବର୍ଜନା ନିଷ୍କାସନ ଲାଗି ତହସିଲ ସମ୍ମୁଖରେ ବିକ୍ଷୋଭ

ଜଳେଶ୍ୱର, ୩୧/୮ (ନି.ପ୍ର) : ଉତ୍ତର ବାଲେଶ୍ୱରର ପ୍ରମୁଖ ଅଂଚଳ ଜଳେଶ୍ୱର, ଉତ୍ତର ଭୋଗରାଇ ଓ ପଶ୍ଚିମ ବଂଗ ଅଂଚଳର ଉଦ୍‌ବୃତ୍ତ ବର୍ଷାପାଣି ଖାଲ ଯୋଡି ନାଳ ଯୋଗେ ସୁବର୍ଣ୍ଣରେଖା ନଦୀକୁ ପ୍ରବାହିତ ହୋଇଥାଏ । ମହନପୁର ଥାନା ଇଲାକାରୁ ସୃଷ୍ଟ ନାମ୍ପୋ ଓ ନହରା ଖାଲ ଦେଇ ବର୍ଷାପାଣି ଗଡି ଆସି ନାଚିନ୍ଦା ପଂଚାୟତର ଖାଲଯୋଡି ଠାରେ ସୁବର୍ଣ୍ଣରେଖାରେ ପଡୁଥିବା ବେଳେ ଅନ୍ୟକିଛି ପାଣି ଗୁଆଶୋଳ ନାଳ ଦ୍ୱାରା ଗୋଛିଦାଠାରେ ସୁବର୍ଣ୍ଣରେଖାରେ ପଡିଥାଏ । କିନ୍ତୁ ଗତ କିଛିବର୍ଷ ବନ୍ୟା ହୋଇନଥିବାରୁ ବିଭିନ୍ନ ନାଳ ପୋଖରୀରେ ରହିଥିବା ବିଲାତି ଝଞ୍ଜି, ଦଳ ଓ ଆବର୍ଜନା ସୁଅରେ ଭାସିଆସି ଏହି ଦୁଇ ଖାଲରେ ଥିବା ପୋଲ ନିକଟରେ ଜମା ହୋଇଛି । ଏହି ଖାଲରେ ସରକାତିଆ- ଜଳକାପଡିଆ, ସମ୍ପତ୍ତିଆ-ନହରା, ସରିଶା-କଇତପଦା, ଇକିଡା-ସରିଶା, ଖାଲିନା-ମହମ୍ମଦପୁର ଓ ଉଲୁଡା-ନାଚିନ୍ଦା ଠାରେ ଚେକ୍‌ଡ୍ୟାମ୍ ଓ ପୋଲ ନ ଥିବାରୁ ଏହି ସ୍ଥାନ ଗୁଡିକରେ ଆବର୍ଜନା ଓ ବିଲାତିଦଳ




ଲାଗି ରହିଛି । ଫଳରେ ଜଳ ନିଷ୍କାସନ ହୋଇ ପାରୁନାହିଁ । ସେହିପରି ୫୭ ରାଜ୍ୟ ରାଜପଥର ନାମ୍ପୋ, ଡେମରୁଆଠାରେ ଥିବା ପୋଲରେ ମଧ୍ୟ ଏପରି ଘଟୁଛି । ନଦୀରେ ଜଳ ସ୍ରୋତ ମିଶିବା ପୂର୍ବରୁ ନାଚିନ୍ଦା-ଉଲୁଡା ଗ୍ରାମଠାରେ ଖାଳ ଗୁଡିକ ଅଣଓସାରିଆ, ପୋତି ହୋଇଥିବା ଓ କଳମି ଗଛ ମାଡି ଯାଇଥିବାରୁ ଜଳ ନିଷ୍କାସନ ନ ହୋଇ କୃତ୍ରିମ ହ୍ରଦ ସୃଷ୍ଟି ହୋଇଛି । ଖାଳ ଯୋଡିର ଦହମୁଣ୍ଡାଠାରେ ନିର୍ମାଣ ହୋଇଥିବା ସୁଇସ୍ ଗେଟ୍‌ରେ କେହି ଅପରେଟର ନ ରହୁଥିବାରୁ ସୁଇସ୍ ଗୁଡିକୁ ପରିଚାଳନା କରାଯାଇ ପାରୁନାହିଁ । ଚଳିତବର୍ଷ ୩ଟି ସ୍ଲୁଇସ୍ ଗେଟ ଭାଂଗି ଯାଇଥିଲେ ମଧ୍ୟ ଅଦ୍ୟାବଧି ମରାମତି ହୋଇ ନାହିଁ । ବନ୍ୟା ବେଳେ ସୁବର୍ଣ୍ଣରେଖାର ବନ୍ୟା ପାଣି ଏହି ସ୍ଲୁଇସ୍ ଦେଇ ସମୟତଳ ଅଂଚଳକୁ ପ୍ରବାହିତ ହେଉଛି । ଅଦ୍ୟାବଧି ନେତୁଆ, ସମ୍ପତ୍ତିଆ, ନହରା, ନାଚିନ୍ଦା ପଂଚାୟତଅଂଚଳରେ ବର୍ଷାପାଣିର ଲହରି ଖେଳୁଛି । ତେଣୁ ସମ୍ପତ୍ତିଆ ଓ ଖାଲିନା ପଂଚାୟତର କୃଷକ ସଭା ପକ୍ଷରୁ ଦୀପ୍ତିମାନ ଆଚାର୍ଯ୍ୟ, ନୟନ କୁମାର ପାଠୀ, ଜୀବନ ପରିଡା, ବରେନ୍ଦ୍ର ପ୍ରଧାନ, ଜୟନ୍ତ ଦେ, ଦିଲ୍ଲିପ ସଥପତି, ରବିନ୍ଦ୍ର ଗିରି, ସିତାଂଶୁ ସେନାପତି, ଭାଗବତ ପ୍ରଧାନ, ଦିଲ୍ଲି ଗିରି, ମଦନ ସିଂ, ଅଜୟ ଗିରି ପ୍ରମୁଖଙ୍କ ନେତୃତ୍ୱରେ ଜଳେଶ୍ୱର ତହସିଲ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା । ଅବିଳମ୍ବେ ବିଲାତି ଦଳ ଓ ଆବର୍ଜନ ସଫା କରିବାକୁ ଦାବି କରାଯାଇଥିଲା । ଆନ୍ଦୋଳନକାରୀଙ୍କ ପକ୍ଷରୁ ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା ।

# ପ୍ରିୟଦର୍ଶନୀ ସେବା ସଂସ୍ଥାର ଦ୍ୱାଦଶତମ ବାର୍ଷିକ ଉତ୍ସବ

ନୀଳଗିରି,୩୧।୮ (ନି.ପ୍ର): କରୋନା କଟକଣାକୁ ମାନି ନୀଳଗିରି ବ୍ଲକ ଅଧିନସ୍ଥ ବରହମପୁର ଅଚଂଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପ୍ରିୟଦର୍ଶନୀ ସେବା ସଂସ୍ଥାର ୧୨ ତମ ବାର୍ଷିକ ଉତ୍ସବ ନିରାଡମ୍ବର ଭାବରେ ପାଳିତ ହୋଇଯାଇଛି । ସଂଗଠନର ମୁଖ୍ୟ ତପନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସଭାପତି ଭାବେ ଧ୍ରୁବ ଚରଣ ସେଠୀ, ସମ୍ପାଦିକା ରେବତୀ ରାଉତଙ୍କ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଭାବେ ବରହମପୁର ସରପଂଚ ଚନ୍ଦ୍ରମୋହନ ସିଂ, ସମ୍ମାନିତ ଅତିଥି, ବରହମପୁର ସମିତି ସଭ୍ୟ କୃତିବାସ ବେହେରା ଯୋଗଦେଇ ପ୍ରିୟଦର୍ଶନୀ ସେବା ସଂସ୍ଥାର ବିଭିନ୍ନ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଉତ୍ତୋରତର କାମନା କରିଥିଲେ । ଉକ୍ତ ଉତ୍ସବରେ ଅନୁଷ୍ଠାନର ଉପଦେଷ୍ଟା ତଥା ନୀଳଗିରି ବ୍ଲକର କଂଗ୍ରେସର




ପୂର୍ବତନ ସଭାପତି ଅନାଦି ଚରଣ ରାଉତ ବୃଦ୍ଧାଶ୍ରମ ଖୋଲିବା ପାଇଁ ଏକ ଏକର ସମ୍ପତି ଦାନ କରିବାକୁ ଘୋଷଣା କରିଥିଲେ । ପରବର୍ତ୍ତି ସମୟରେ ଏହି କାର୍ଯ୍ୟକ୍ରମକୁ ତ୍ୱରାନିତ୍ୱ କରାଯିବ ବୋଲି ସଂଗଠନର ମୁଖ୍ୟ ତପନ ରାଉତ ସୁଚନା ଦେଇଥିଲେ । ପରେ ନୀଳଗିରି ଅଚଂଳର ୪୦ ରୁ ଉର୍ଦ୍ଧ ଲୋକଙ୍କୁ ଡାଲି, ଚାଉଳ, ଶାଢୀ, ପନିପରିବା ଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା କୈଳାସ ବେହେରା, ଅବସରପ୍ରାପ୍ତ ଶିକ୍ଷକ କହ୍ନେଇ ଚରଣ ବେହେରା, ଭୋଳାନାଥ ବେହେରା, ଅନ୍ତର୍ଯ୍ୟାମୀ ବାଗୁଡାଇ, ପୁରୁଷୋତମ ସାହୁ, ଅବସରପ୍ରାପ୍ତ ଶିକ୍ଷକ କାର୍ତ୍ତିକ କୁମାର ବେହେରା, ସମାଜସେବୀ ଫ୍ରାନସିସ ବେକନ ସ, ପ୍ରଭନ ରାଉତ, ନରେନ୍ଦ୍ର ବାରିକ, ଶ୍ରୀମତ ହୋତା, ଅମିତ ବଳିୟାର ସିଂ, ରଘୁ ସିଂ, ସ୍ମୃତି ରଂଜନ ମହାପାତ୍ର, ସୁକାନ୍ତ ସିଂ ସମେତ ବହୁ ସମାଜସେବୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ କରିଥିଲେ ।

# ୧୭ ଜଣ କ୍ରୀଡା ପ୍ରତିଭା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ

ପୁରୀ,୩୧।୮ (ନି.ପ୍ର): କ୍ରୀଡା ଦିବସ ଅବସରରେ ଜିଲାପାଳ ଙ୍କ କାର୍ଯ୍ୟାଳୟ ପରିସର ଓସଓାନ କାର୍ଯ୍ୟାଳୟ ଠାରେ ୧୭ଜଣ କ୍ରୀଡାବିତ ଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ପୁରୀ ଜିଲାର ଆନ୍ତର୍ଜାତିକ ଖ୍ୟାତି ସଂପର୍ଣ୍ଣ ପାରା ଅଲମ୍ପିକ ଖେଲାଳୀ ଜୟନ୍ତୀ ବେହେରା ଙ୍କୁ ରାଜ୍ୟ ସରକାର ବିଜୁ ପଟ୍ଟନାୟକ କ୍ରୀଡା ପୁରସ୍କାର ଦେଇ ସମ୍ମାନିତ କରିଛନ୍ତି । ରାଜ୍ୟ ସଚିବାଳୟରେ ମୁଖ୍ୟମନ୍ତ୍ରୀ ଙ୍କ ତରଫରୁ କ୍ରୀଡା ମନ୍ତ୍ରୀ ତୁଷାର କାନ୍ତି ବେହେରା ଏହି ପୁରସ୍କାର ସହ ୨ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ । ଓସଓାନ କାର୍ଯ୍ୟାଳୟ ଠାରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଓ କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ୧୭ ଜଣ କ୍ରୀଡାବିତ ଙ୍କୁ ସମ୍ମାନିତ କରିବା ସହ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ । ଜିମନାଷ୍ଟିକ ନିମନ୍ତେ ପୁରୀ କ୍ରୀଡା ଛାତ୍ରାବାସର ତପନ ମହାନ୍ତି ଙ୍କୁ ୭୪,୦୦୦, ଜଗଦିଶ ବାରିକ ଙ୍କୁ ୪୦,୦୦୦,ଟାଇକୋଣ୍ଡ ଖେଳାଳୀ ଜିଜ୍ଞାଶୁ କୁମାର ଭଟ୍ଟ ଙ୍କୁ ୩୦,୦୦୦,ଟାଇକୋଣ୍ଡ ଖେଳାଳୀ ସୌମ୍ୟରଞ୍ଜନ ପ୍ରଦାନ ଙ୍କୁ ୩୦,୦୦୦, ଡେଲାଙ୍ଗ ଡକପଡା ର ଖୋ ଖୋ ଖେଳାଳୀ ରଶ୍ମିତା ଖଟେଇ ଙ୍କୁ ୨୦,୦୦୦,ଭି ବିଜୟ ସେଠୀ ଙ୍କୁ ୧୦,୦୦୦, ବକ୍ସର ରାଜେଶ କୁମାର ନାୟକ ଙ୍କୁ ୧୫,୦୦୦, ଟାଇକୋଣ୍ଡ ଖେଳାଳୀ ଲକ୍ଷ୍ମୀପ୍ରିୟା ହାଂସ୍ଦା ଓ ପ୍ରତିଖ ବେହେରା ଙ୍କୁ ୧୩,୦୦୦ ଟଙ୍କା ଲେଖାଏଁ,ମୌସୁମୀ ଦାସ ଙ୍କୁ ୧୦,୦୦୦,ଟାଇକୋଣ୍ଡ ଖେଳାଳୀ ସଂନ୍ଧ୍ୟା ରାଣୀ ପଲେଇ ଓ ସୁମିତ୍ରା ନାୟକ ଙ୍କୁ ୫,୦୦୦ ଟଙ୍କା , ପାରା ଆରଥଲେଟିକ କୋଚ ବିଷ୍ଣୁପ୍ରସାଦ ମିଶ୍ର ଙ୍କୁ ୧୫ ଲକ୍ଷ ଟଙ୍କା ପାରା ଆର୍ଥେଲେଟ ପ୍ରଭାତ ବରାଳ ଙ୍କୁ ୧ ଲକ୍ଷ ଟଙ୍କା , ଫୁଟବଲ ନିମନ୍ତେ ଶିବଶଙ୍କର ମୁର୍ମୁ ଓ ଖୋ ଖୋ ଖେଳାଳୀ ଅନନ୍ୟା ପ୍ରଧାନ ଙ୍କୁ ୮୫୦୦ ଟଙ୍କା ଆର୍ଥିକ ରାଶି ପ୍ରଦାନ ଜଣାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବନ୍ୟାଂଚଳ ପରିଦର୍ଶନ...

ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆକାଶମାର୍ଗରୁ ବନ୍ୟା କ୍ଷତିଗ୍ରସ୍ତ ଅଂଚଳ ବୁଲି ଦେଖିଥିଲେ । ସେଠାରୁ ଫେରିବା ପରେ ଏକ ଉଚ୍ଚସ୍ତରୀୟ ବୈଠକରେ ବନ୍ୟା ପରିସ୍ଥିତି, ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ । ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀ ଉପରୋକ୍ତ ସହାୟତା ଘୋଷଣା କରିଥିଲେ । ଏହା ବ୍ୟତୀତ କ୍ଷତିଗ୍ରସ୍ତଙ୍କୁ ଲୁଗାପଟା ଓ ବାସନକୁସନ ଦିଅ,ଦୁଗ୍ଧ ଚାଷୀଙ୍କୁ ଗୋଖାଦ୍ୟ ସହାୟତା , କ୍ଷତିଗ୍ରସ୍ତ ଅଂଚଳରେ ପଶୁପକ୍ଷୀଙ୍କୁ ମାଗଣାରେ ଚିକିତ୍ସା ଓ ଟୀକାକରଣ ସୁବିଧା ମିଳବ । କ୍ଷତିଗ୍ରସ୍ତ ଅଂଚଳରେ ମାଗଣାରେ ପଶୁ ଚିକିତ୍ସା ଶିବିର ଖୋଲାଯାଇ ପଶୁପକ୍ଷୀଙ୍କ ଚିକିତ୍ସା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଆମେ ବର୍ତ୍ତମାନ ଏକ କଠିନ ପରିସ୍ଥିତିରେ ଗତି କରୁଛୁ । ବନ୍ୟା ଓ କରୋନା ଦୁଇଟି ବିପଦକୁ ଆମେ ମୁକାବିଲା କରୁଛୁ । ଏହି ପରିପ୍ରେକ୍ଷୀରେ ସମସ୍ତେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ନିୟମ ପାଳନ କରି କରୋନା ସଂକ୍ରମଣରୁ ଦୂରେଇ ରହିବା ପାଇଁ ମୁଖ୍ୟମନ୍ତ୍ରୀ ବନ୍ୟାଦୁର୍ଗତ ମାନଙ୍କୁ ନିବେଦନ କରିଛନ୍ତି । ସମସ୍ତଙ୍କ ସହଯୋଗରେ ଏହି କଠିନ ପରିସ୍ଥିତିରୁ ଆମେ ଶୀଘ୍ର ମୁକୁଳି ପାରିବା ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସାଂପ୍ରତିକ ବନ୍ୟାରେ ବାଲେଶ୍ୱର,ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାର ଅନେକ ଅଂଚଳ କ୍ଷତିଗ୍ରସ୍ତ ହୋଇଛି । ଅନେକ ଗାଁରେ ବନ୍ୟା ଜଳ ପଶି ଥିବା ବେଳେ ଅନେକ ଚାଷଜମି ଜଗମଗ୍ନ ଅବସ୍ଥାରେ ଅଛି । ଘର ଭାଙ୍ଗିବା ସହ ରାସ୍ତା ଭାଙ୍ଗିଛି ଏବଂ ଅନେକ ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଅନେକ ଛୋଟ ବନ୍ଧ ଭାଙ୍ଗିଛି । ସରକାରୀ ଭିତିଭୂମି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଲୋକଙ୍କ ଏହି ବିପତି ସମୟରେ ଓଡ୍ରାଫ, ଏନଡିଆରଏଫ୍, ଅଗ୍ନିଶମ, ଏସଆରସି ଓ ସ୍ଥାନୀୟ ନାଉରୀଆମାନେ ସର୍ବୋପରି ସ୍ଥାନୀୟ ଲୋକମାନେ ଯେପରି ସାହସ ଓ ପ୍ରତିବଦ୍ଧତାର ସହ ଲୋକଙ୍କୁ ସେବା ଯୋଗାଉଛନ୍ତି, ମୁଖ୍ୟମନ୍ତ୍ରୀ ତାର ଉଚ୍ଚପ୍ରଶଂସା କରିଥିଲେ । ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ମାନେ, ସରକାରୀ କର୍ମଚାରୀ ଓ ପଂଚାୟତ ପ୍ରତିନିଧି ମାନେ ଦିନରାତି ଲୋକଙ୍କୁ ସେବା ଯୋଗାଇ ଚାଲିଛନ୍ତି । ଜଳସଂପଦ ବିଭାଗର ତତ୍ପରତା ଯୋଗୁଁ ଅନେକ ବନ୍ଧକୁ ରକ୍ଷା କରାଯାଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ଲୋକଙ୍କ କଷ୍ଟ ଲାଘବ ସହ କ୍ଷତି ହ୍ରାସ କରିବା ଏବଂ ରାସ୍ତା, ଯୋଗାଯୋଗ, ବିଦ୍ୟୁତ ସରବରାହ ପୁନଃ ପ୍ରତିଷ୍ଠା ଏବଂ ବନ୍ଧବାଡର ମରାମତି କ୍ଷେତ୍ରରେ ତ୍ୱରିତ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଏବଂ ଜଳସଂପଦ ବିଭାଗର ପ୍ରମୁଖ ସଚିବ ବନ୍ୟା ପରିସ୍ଥିତି, ଉଦ୍ଧାର ଓ ସହାୟତା ଏବଂ ବନ୍ଧବାଡର ସୁରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଉପସ୍ଥାପନା କରିଥିଲେ । ସମୀକ୍ଷାରୁ ଜଣାଯାଇଛି ଯେ ସାଂପ୍ରତିକ ବନ୍ୟାରେ ରାଜ୍ୟର ୨୦ଟି ଜିଲ୍ଲାର ୧୧୦ ବ୍ଲକ୍, ୩୯୯୦ଟି ଗାଁ ଏବଂ ୨୧ଟି ପୌରାଂଚଳ କ୍ଷତିଗ୍ରସ୍ତ ହୋଇଛି । ବିଭିନ୍ନ ସ୍ଥାନରେ ୩୬ଟି ଛୋଟ ଓ ଗୋଟିଏ ବଡ ଘାଇ ହୋଇଛି । ହୀରାକୁଦରେ ଜଳପ୍ରବାହ କମିଥିବାରୁ ପରିସ୍ଥିତିରେ ଖୁବଶୀଘ୍ର ଉନ୍ନତି ଆସିବ ବୋଲି ବୈଠକରେ ଆଶାପ୍ରକାଶ କରାଯାଇଥିଲା । ଏହି ବୈଠକରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ଶାସନ ସଚିବ ଏବଂ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ମାନେ ଉପସ୍ଥିତ ଥିଲେ ।

### ସେପ୍ଟେମ୍ବର ୩୦...

ବୈଠକରେ କୃଷି ଓ କୃଷକ ଶସକ୍ତି କରଣ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ଼ଃ ଅରୁଣ କୁମାର ସାହୁ, ଉଚ୍ଚଶିକ୍ଷା ବିଭାଗର ଆୟୁକ୍ତ-ତଥା-ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ଉଚ୍ଚଶିକ୍ଷା ପରିଷଦର ଉପାଧକ୍ଷ ଶ୍ରୀ ଅଶୋକ ଦାସଙ୍କ ସମେତ ସମସ୍ତ ବିଶ୍ୱବିଦ୍ୟାଳୟ ର କୁଳପତି, ବିଭାଗୀୟ ବରିଷ୍ଠ ଅଧିକାରୀ ଏବଂ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ଓ ଅଧକ୍ଷାମାନେ ଭିଡିଓ କନ୍‌ଫେରନ୍ସି ମାଧ୍ୟମରେ ଯୋଗ ଦେଇଥିଲେ । ୟୁ.ଜି.ସି. ମାର୍ଗଦର୍ଶିକା ଅନୁସାରେ ଯେଉଁ ଛାତ୍ରଛାତ୍ରୀମାନେ ଫାଇନାଲ ପରୀକ୍ଷା ଦେବାକୁ ଚାହିଁବେ ନାହିଁ କିମ୍ବା ଦେଇପାରିବେ ନାହିଁ, ସେମାନଙ୍କ ନିମନ୍ତେ କୋଭିଡ୍-୧୯ ପରିସ୍ଥିତି ସୁଧୁରିଲେ ବିଶ୍ୱବିଦ୍ୟାଳୟ/ ସଂୟଶାସିତ ମହାବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ପରୀକ୍ଷା ପେନ୍ ଏବଂ ପେପର ମୋଡରେ ଡିସେମ୍ବର, ୨୦୨୦ରେ କରିବାପାଇଁ ବ୍ୟବସ୍ଥା କରାଯିବ । ଏଥିସହିତ ଫାଇନାଲ୍ ସେମିଷ୍ଟାର ବା ଶେଷ ବର୍ଷର ଛାତ୍ରଛାତ୍ରୀମାନଙ୍କ ବ୍ୟାକ୍ ପେପର ପରୀକ୍ଷା କରାଯାଇ ଅକ୍ଟୋବର ୩୧ ତାରିଖ ସୁଦ୍ଧା ଫଳ ପ୍ରକାଶ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି ।

### ଗ୍ରାମାଂଚଳ ଓ ଜନଜାତି ଅଂଚଳରେ...

ବୌଦ୍ଧିକ କ୍ଷମତାକୁ ବିକଶିତ କରିବ । ଛାତ୍ରଛାତ୍ରୀ ବର୍ତ୍ତମାନର ନାଗରିକ ଏବଂ ଦେଶର ବିକାଶ ସହ ଜଡ଼ିତ ନୀତିରେ ସେମାନଙ୍କର ମଧ ସମାନ ଭାଗୀଦାର ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱାସ କରନ୍ତି । ନୂଆ ଜାତୀୟ ଶିକ୍ଷା ନୀତି-୨୦୨୦ ଦେଶର ଶିକ୍ଷା ବ୍ୟବସ୍ଥାରେ ରହିଥିବା ଗ୍ୟାପକୁ ଦୂର କରିବ ଏବଂ ଆମ ଦେଶର ଶିକ୍ଷାଗତ ଦୃଶ୍ୟପଟ୍ଟକୁ ପରିବର୍ତନ କରିବ । ସମାବେଶୀ କାର୍ଯ୍ୟକ୍ରମ ମୋଦି ସରକାରଙ୍କ ମନ୍ତ୍ର ହୋଇଛି ଏବଂ ଭାରତ ସରକାରଙ୍କ ସମସ୍ତ ନୀତି ଢ଼ାଂଚା ଏହାର ଉଦାହରଣ । ଶିକ୍ଷା ବାଧ୍ୟତାମୂଳକ ; ତେଣୁ ଏହାକୁ ଦୁର୍ଗମ ଓ ଅପହଂଚ ଇଲାକାରେ ପହଂଚାଇବାକୁ ହେବ । ନୂଆ ଜାତୀୟ ଶିକ୍ଷା ନୀତି ବିଶେଷ ଭାବରେ ଭାରତର ଗ୍ରାମାଂଚଳରେ ସମସ୍ତଙ୍କୁ ସମାନ ଭାବରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ।

### ୪ ତାରିଖ ପର୍ଯ୍ୟନ୍ତ...

ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି । ତେବେ, ଗଜପତି, ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହଥିବାରୁ ଏହି ସମସ୍ତ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହା ବ୍ୟତୀତ ଉପକୂଳ ଓଡିଶା, ବଲାଙ୍ଗୀର, ସୋନପୁର, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜର ଜିଲ୍ଲାରେ ବଜ୍ରପାତର ସମ୍ଭାବନା ରହିଛି । ଅଗଷ୍ଟ ୩ ତାରିଖରେ ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ଏବଂ ମାଲକାନଗିରି, କୋରାପୁଟ, ରାୟଗଡା, ସୁନ୍ଦରଗଡ, ଦେଓଗଡ, ସମ୍ବଲପୁର, ବଲାଙ୍ଗୀର ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହଥିବାରୁ ଏହି ସମସ୍ତ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୪ ତାରିଖରେ ବରଗଡ, ନୂଆପଡା, ଝାରସୁଗୁଡା, ସୁନ୍ଦରଗଡ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଏହି ସମସ୍ତ ଜିଲ୍ଲା ପାଇଁ ମଧ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର ।

### ରାଜ୍ୟରେ ବିଭିନ୍ନ...

ଗଜପତି ଜିଲ୍ଲାରେ ୨୮୪୮, ଜଗତସିଂହପୁର ଜିଲ୍ଲାରେ ୧୮୫୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୩୭୯୩ , ଝାରସୁଗୁଡା ଜିଲ୍ଲାରେ ୧୨୬୧, କଳାହାଣ୍ଡି ଜିଲ୍ଲାରେ ୧୩୩୩, କନ୍ଧମାଳ ୨୨୦୩, କେନ୍ଦ୍ରାପଡା ଜିଲ୍ଲାରେ ୧୭୫୪, କେନ୍ଦୁଝର ଜିଲ୍ଲାରେ ୧୯୧୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୩୪୮୬ , ମାଲକାନଗିରି ଜିଲ୍ଲାରେ ୨୩୭୩, ମୟୁରଭଂଜ ଜିଲ୍ଲାରେ ୩୪୪୨. ନବରଙ୍ଗପୁର ଜିଲ୍ଲାରେ ୧୦୮୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୨୯୮୬, ନୂଆପଡା ଜିଲ୍ଲାରେ ୪୩୦ , ପୁରୀ ଜିଲ୍ଲାରେ ୩୫୦୦, ରାୟଗଡା ଜିଲ୍ଲାରେ ୪୮୨୩. ସମ୍ବଲପୁର ଜିଲ୍ଲାରେ ୨୮୨୩. ସୁବର୍ଣ୍ଣପୁର ଜିଲ୍ଲାରେ ୬୯୮ ଓ ସୁନ୍ଦରଗଡ ଜିଲ୍ଲାରେ ୪୪୦୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ବାରିପଦା ପୌରପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ନିରାଡମ୍ବର ଭାବେ ପାଳିତ



ବାରିପଦା ,୩୧।୮ (ନି.ପ୍ର): ମୟୂରଭଂଜ ଜିଲ୍ଲା ସଦର ମହକୁମା ବାରିପଦା ସହରକୁ ସବୁଜ ସୁନ୍ଦର କରିବାରେ ବାରିପଦା ପୌରପରିଷଦର କାର୍ଯ୍ୟଧାରା ବେଶ ପ୍ରଶଂସନୀୟ ଏହି ଶତାୟୁ ସହରର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସହରବାସୀଙ୍କ ସହଯୋଗ ଏକାନ୍ତ କାମ୍ୟ ବୋଲି ଆଜି ବାରିପଦା ପୌରପରିଷଦ ତରଫରୁ ଆୟୋଜିତ ନିଖିଳ ଭାରତ ସାୟତ୍ୱ ଶାସନ ଦିବସ ଉପଲକ୍ଷେ ପାତାକା ଉତୋଳନ ପୂର୍ବକ ମୟୂରଭ ଜିଲ୍ଲାପାଳ ବିନୀତ ଭରଦ୍ୱାଜ କହିଥିଲେ । ଏହି ଅବସରରେ ଅନ୍ୟତମ ଅତିଥି ଭାବରେ ମୟୂରଭଂଜ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସ୍ୱଧାଦେବ ସିଂ, ବାରିପଦା ଉପଜିଲ୍ଲାପାଳ ତଥା ବାରିପଦା ପୌରପରିଷଦର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପି. ଅନ୍ୱେଷା ରେଡ୍ଡି ପ୍ରମୁଖ ଯୋଗଦେଇ ଅମୃତ ଯୋଜନାରେ ସହରର ବାଘଡିହା ଏବଂ ଶ୍ରୀପଦଗ ଠାରେ ନିର୍ମିତ ଦୁଇଟି ପାର୍କର ଶୁଭ ଉଦଘାଟନ କରିଥିବାର ଜଣାଯାଇଛି । ତେବେ ଚଳିତ ବର୍ଷ କୋଭିଡ -୧୯ କଟକଣାକୁ ଦୃଷ୍ଟିରେ ରଖି ସରକାରୀ ଗାଇଡ ଲାଇନ ପାଳନ ପୂର୍ବକ ନିରାଡମ୍ବର ଭାବରେ ସାମାଜିକ ଦୂରତା ରକ୍ଷା କରାଯାଇ ସାୟତ୍ୱ ସାଶନ ଦିବସ ଯଥାବିଧି ପାଳନ କରାଯାଇଥିବାର ଦେଖାଯାଇଛି ।

## ବିଜେପି କାର୍ଯ୍ୟକର୍ତ୍ତାଙ୍କ ସେବା କାର୍ଯ୍ୟକୁ ନେଇ ସେବା ହିଁ ସଂଗଠନ ଇ-ବୁକ୍ ଉନ୍ମୋଚିତ

ଭୁବନେଶ୍ୱର,୩୧।୮ (ନି.ପ୍ର): କରୋନା ଯୋଗୁଁ ଲକ୍‌ଡାଉନ ସମୟରେ ସ୍ୱେଚ୍ଛାକୃତ ଭାବେ ଗରିବ, ଦିନମଜୁରିଆ, ଦୁଃଖୀଜନ ତଥା ଅଭାବୀ ଲୋକଙ୍କୁ ସେମାନଙ୍କ ଆବଶ୍ୟକୀୟ ଖାଦ୍ୟ ସାମଗ୍ରୀ, ଔଷଧ, ମାସ୍କ ଆଦି ନିତ୍ୟାବଶ୍ୟକ ସାମଗ୍ରୀ ପହଂଚାଇଛନ୍ତି ବିଜେପି କାର୍ଯ୍ୟକର୍ତ୍ତା। 'ସେବା ହିଁ ସଂଗଠନ'କୁ ଅଧାର କରି ସାମାଜିକ ଦୁରତ୍ୱ ବଜାୟ ରଖି 'ଫିଡ୍ ଦି ନିଡି - ପ୍ରଧାନମନ୍ତ୍ରୀ ଅନ୍ନ ଯୋଜନା' କାର୍ଯ୍ୟକ୍ରମ; ପିଏମ କେୟାର୍ସକୁ ମୁକ୍ତ ହସ୍ତରେ ଦାନ କରିବା, ଆରୋଗ୍ୟ ସେତୁ ଆପ୍ କୁ ବ୍ୟବହାର କରି ନିଜେ ସୁରକ୍ଷିତ ରହିବା ଏବଂ କରୋନା ସଂଗ୍ରାମ ସହ ଲଢେଇ କରୁଥିବା ଡାକ୍ତର, ନର୍ସ, ପାରାମେଡିକ ଷ୍ଟାଫ, ପୁଲିସ କର୍ମଚାରୀ, ସଫେଇ କର୍ମଚାରୀ, ବ୍ୟାଙ୍କ ଓ ପୋଷ୍ଟାଲ କର୍ମଚାରୀଙ୍କ ସମେତ ସରକାରୀ କର୍ମଚାରୀମାନଙ୍କୁ ପତ୍ର ମାଧ୍ୟମରେ ଧନ୍ୟବାଦ ଦେବା ଆଦି କାର୍ଯ୍ୟ ବିଜେପି କାର୍ଯ୍ୟକର୍ତ୍ତାମାନେ ନିଷ୍ଠାର ସହ ଦାୟୀତ୍ୱ ସଂପାଦନା କରିଥିଲେ। ରାଜ୍ୟ ସଭାପତି, ଦୁଇ କେନ୍ଦ୍ରମନ୍ତ୍ରୀ, ରାଜ୍ୟର ବରିଷ୍ଠ ନେତୃତ୍ୱଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି କାର୍ଯ୍ୟର ସଂପାଦନା କରାଯାଇ ରାଜ୍ୟର ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହୋଇଥିଲା।

ଏହି ସମସ୍ତ ସେବା କାର୍ଯ୍ୟକୁ ସମ୍ବଳିତ କରି ଜିଲ୍ଲା ଅନୁଯାୟୀ ଇ-ବୁକ୍ ଉନ୍ମୋଚିତ ହୋଇଛି। ଗତ କାଲି ଘୁମୁସୁର ଜିଲ୍ଲା କାର୍ଯ୍ୟକ୍ରମରେ ପ୍ରଥମ ଇ-ବୁକ୍ କୁ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଉନ୍ମୋଚନ କରିଛନ୍ତି। ଏହି ଇ-ବୁକ୍ ଯୁଗଯୁଗକୁ ଭବିଷ୍ୟତ ପିଢୀଙ୍କୁ ସେବା କାର୍ଯ୍ୟ ପାଇଁ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ମହାନ୍ତି ଏହି ଅବସରରେ କହିଛନ୍ତି। ସେହିପରି କେନ୍ଦ୍ରାପଡା ଜିଲ୍ଲାରେ ରାଷ୍ଟ୍ରୀୟ ଉପସଭାପତି ଶ୍ରୀ ବୈଜୟନ୍ତ ପଣ୍ଡା, ସୁନ୍ଦରଗଡ ଜିଲ୍ଲା କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସ୍ଥାନୀୟ ସାଂସଦ ଶ୍ରୀ ଜୁଏଲ ଓରାମ ଉପସ୍ଥିତ ରହି ଇ-ବୁକ୍ ଉନ୍ମୋଚନ କରିଛନ୍ତି। ରାଜ୍ୟ ଇ-ବୁକ୍ କମିଟିର ସଦସ୍ୟ ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ସଂପାଦକ କାଳନ୍ଦୀ ସାମଲ ଓ ଟଙ୍କଧର ତ୍ରିପାଠୀ, ରାଜ୍ୟ ଆଇଟି ସେଲ୍ ସଂଯୋଜକ ସ୍ୱୟଂ ବରାଳଙ୍କ ସମେତ ଉପସ୍ଥିତ ଥିଲେ। ୱେବିନାର ମାଧ୍ୟମରେ ଅନୁଷ୍ଠିତ ଉନ୍ମୋଚନ କାର୍ଯ୍ୟକ୍ରମରେ ରାଜ୍ୟର ବରିଷ୍ଠ ପଦାଧିକାରୀ, ଜିଲ୍ଲା ସଭାପତି ଏବଂ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବାଲେଶ୍ୱରରେ ଜେଇଇ ପରୀକ୍ଷା ପ୍ରସ୍ତୁତି ଚୂଡ଼ାନ୍ତ

## ୫ଗୋଟି କେନ୍ଦ୍ରରେ ବସିବେ ୪,୫୨୫ ପରୀକ୍ଷାର୍ଥୀ

ବାଲେଶ୍ୱର,୩୧।୮ (ନି.ପ୍ର): କେନ୍ଦ୍ର ସରକାରଙ୍କ ନିଷ୍ପତି କ୍ରମେ କରୋନା ସ୍ଥିତିରେ ଆସନ୍ତା ୧ ତାରିଖରୁ ନିଟ୍ ପକ୍ଷରୁ ଆରମ୍ଭ ହେଉଥିବା ସର୍ବ ଭାରତ ସ୍ତରୀୟ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ପାଇଁ ରାଜ୍ୟ ସରକାରଙ୍କ ତତ୍ପରତା ବଢ଼ି ଯାଇଥିବା ଲକ୍ଷ୍ୟ କରାଯାଇଛି। ପରୀକ୍ଷାର୍ଥୀମାନେ କିପରି କରୋନା ସଂକ୍ରମଣରୁ ଦୂରେଇ ରହି ସୁରକ୍ଷିତ ବଳୟ ମଧ୍ୟରେ ପରୀକ୍ଷା ଦେବେ, ସେନେଇ ରାଜ୍ୟ ସରକାରଙ୍କ ପ୍ରକ୍ଷରୁ ଜିଲ୍ଲା ପ୍ରଶାସନକୁ ସ୍ୱତନ୍ତ୍ର ନିର୍ଦ୍ଦେଶ ରହିଛି। ବାଲେଶ୍ୱର ସମେତ ରାଜ୍ୟରେ ମୋଟ ୭ ଗୋଟି ଜିଲ୍ଲାରେ ଏହି ପରୀକ୍ଷା ଆୟୋଜିତ ହେଉଥିବା ବେଳେ ପ୍ରଶାସନିକ ସ୍ତରରେ ଦାୟିତ୍ୱ ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱରରେ ହେଉଥିବା ୫ ଗୋଟି କେନ୍ଦ୍ରର ପରୀକ୍ଷା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ସରକାରୀ ଆଇଟିଆଇ ନୋଡାଲ ସେଣ୍ଟର ହୋଇଥିବା ବେଳେ ବାଲେଶ୍ୱର ସହର ଓ ଆଖପାଖ ଅଞ୍ଚଳରେ ୫ ଗୋଟି କେନ୍ଦ୍ର ହୋଇଛି। ତନ୍ମଧ୍ୟରେ ଶେରଗଡ଼ର ବିସିଇଟି ବୈଷୟିକ ଶିକ୍ଷାନୁଷ୍ଠାନ, ବଣପାରିଆର ମେମ୍ବ ବୈଷୟିକ ଶିକ୍ଷାନୁଷ୍ଠାନ, କୁରୁଡ଼ାର ଏବିଏ କଲେଜର ୨ ଗୋଟି କେନ୍ଦ୍ର ଓ ନୀଳଗିରିର ଆରକେସିଏଟି ବୈଷୟିକ ଶିକ୍ଷାନୁଷ୍ଠା ରହିଛି। ୫ ଗୋଟି କେନ୍ଦ୍ରରେ ମୋଟ ୪ହଜାର ୫୨୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ନୋଡାଲ ଅଫିସର ତଥା ସରକାରୀ ଆଇଟିଆଇର ପ୍ରିନ୍ସିପାଲ ଇଂଜିନିୟର କୃଷ୍ଣଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି। ପରୀକ୍ଷାର୍ଥୀଙ୍କ ଯାତାୟତ ପାଇଁ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବସ୍ ବ୍ୟବସ୍ଥା କରାଯାଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ପିଲାଙ୍କ ରହିବା ଓ ଖାଇବାର ସମସ୍ତ ବ୍ୟବସ୍ଥା ହୋଇଥିବା ଇଂଜିନିୟର ରାଉତ କହିଛନ୍ତି। ଅନ୍ୟପକ୍ଷରେ ଏହି ପରୀକ୍ଷା ପାଇଁ ବାଲେଶ୍ୱରରେ ସପ୍ତାହାନ୍ତ ସଟ୍ ଡାଉନ୍ ସାମୟିକ ଭାବେ ଉଠାଇ ଦିଆଯାଇଥିବା ଜଣାପଡ଼ିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱରକୁ ଜେଇଇ ପରୀକ୍ଷା ପାଇଁ ଆସିଥିବା ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି।

# ଦିନକରେ ୧୦୩ କରୋନା ପଜିଟିଭ୍ : ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା ୩୭୦୦କୁ ବୃଦ୍ଧି

ବାଲେଶ୍ୱର,୩୧।୮ (ନି.ପ୍ର): ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ଦେଶରେ ଜାରି ଅନଲକ୍-୩ ଅବଧି ଆଜି ଶେଷ ହୋଇଥିବା ବେଳେ ସେପ୍ଟେମ୍ବର ୧ ତାରିଖରୁ ଲାଗୁହେବାକୁ ଯାଉଛି ଅନଲକ୍-୪। ଅନ୍ୟପକ୍ଷରେ କରୋନା ସଂକ୍ରମଣ କ୍ରମବର୍ଦ୍ଧିଷ୍ଣୁ ହାରରେ ବୃଦ୍ଧି ପାଇ ବିଶ୍ୱରେ ଭାରତ ୧ ନଂ ସ୍ଥାନ ଅଧିକାର କରିବାକୁ ଯାଉଛି। ଆଜିସୁଦ୍ଧା ଭାରତରେ ସଂକ୍ରମିତଙ୍କ ସଂଖ୍ୟା ୩୬ ଲକ୍ଷ ଅତିକ୍ରମ କରିଥିବା ବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ୬୫ ହଜାର ଛୁଇଁବାକୁ ଯାଉଛି। ଅନୁରୂପ ଭାବେ ଓଡ଼ିଶାରେ ସଂକ୍ରମିତଙ୍କ ସଂଖ୍ୟା ଏବେ ୧ ଲକ୍ଷ ୩ ହଜାର ଅତିକ୍ରମ କରିଥିବା ବେଳେ ୪୯୨ ଜଣଙ୍କର କରୋନାରେ ଜୀବନ ଗଲାଣି। ସେହିଭଳି ବାଲେଶ୍ୱରେ ବଢ଼ି ଚାଲିଥିବା ସ୍ଥାନୀୟ ସଂକ୍ରମଣ ଯୋଗୁଁ ଜିଲ୍ଲାର ସ୍ଥିତି ସଙ୍ଗୀନ ଆଡ଼କୁ ଯାଉଥିବା ଲକ୍ଷ୍ୟ କରାଯାଇଛି। ଗୋଟିଏ ଦିନରେ ୧୦୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୩୭୦୦ରେ ପହଞ୍ଚିଛି। ଆଜି ସୁଦ୍ଧା ଜିଲ୍ଲାର ୨ହଜାର ୭୩୭ ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୯୪୭ଜଣ ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି। ଜିଲ୍ଲାର କରୋନା ମୃତ୍ୟୁ ସଂଖ୍ୟା ଏବେ ୧୧ରେ ସ୍ଥିର ରହିଛି। ତେବେ ବ୍ଲକ ଅଞ୍ଚଳ ତୁଳନାରେ ବାଲେଶ୍ୱର ପୌରାଞ୍ଚଳରେ ବଢୁଥିବା ସଂକ୍ରମଣ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଆଜି ଜିଲ୍ଲାରେ ଚିହ୍ନଟ ହୋଇଥିବା ୧୦୩ଜଣ ପଜିଟିଭ୍‌ଙ୍କ ମଧ୍ୟରୁ ବାଲେଶ୍ୱର ପୌରାଞ୍ଚଳରେ ୧୭ ଜଣ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଖଇରା ବ୍ଲକର ସମ୍ପେଇ ଅଞ୍ଚଳରେ ୧୯ ଜଣ, ରାଇକୂଳରେ ୬ ଜଣ, ଜଳେଶ୍ୱର ବାସନ୍ତିପଡ଼ିଆରେ ୨୦ ଜଣ, ବାଲେଶ୍ୱର ପୌରାଞ୍ଚଳର ସହଦେବଖୁଣ୍ଟାରେ ୪ଜଣ ଏକକାଳୀନ ପଜିଟିଭ୍ ଚିହ୍ନଟ ହେବା, ସ୍ଥାନୀୟ ସଂକ୍ରମଣକୁ ଅଧିକ ସଂଗୀନ କରିଥିବା ଜଣାପଡ଼ିଛି। ସେପ୍ଟେମ୍ବର ମାସରେ ଜିଲ୍ଲାର ସଂକ୍ରମଣ ହାର କେମିତି ରହିବ ତାହା ଏବେ ସମସ୍ତଙ୍କ ପାଇଁ ପ୍ରଶ୍ନବାଚୀ ହୋଇଛି।

## ମନ୍ତ୍ରୀ ଅରୁଣ ସାହୁ କରୋନା ପଜିଟିଭ୍

ଭୁବନେଶ୍ୱର,୩୧।୮ (ନି.ପ୍ର): ରାଜ୍ୟ କୃଷି, ପଶୁସଂପଦ, ମତ୍ସ୍ୟଚାଷ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ ସାହୁ କରୋନା ସଂକ୍ରମିତ ହୋଇଛନ୍ତି। ଏ ସମ୍ପର୍କରେ ସେ ନିଜେ ଟ୍ୱିଟ କରି ସୂଚନା ଦେଇଛନ୍ତି। ସଂକ୍ରମିତ ଜଣାପଡ଼ିବା ପରେ ସେ ଏବେ ଘରେ ଏକାନ୍ତବାସରେ ରହିଛନ୍ତି ଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଗତ କିଛି ଦିନ ଧରି ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନେ ସେମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଇନେବାକୁ ସେ ପରାମର୍ଶ ଦେଇଛନ୍ତି।

## ଭୁବନେଶ୍ୱରରୁ ଆଉ ୪୦୪ ପଜିଟିଭ୍

ଭୁବନେଶ୍ୱର,୩୧।୮ (ନି.ପ୍ର): ଭୁବନେଶ୍ୱର ସହରର ବିଭିନ୍ନ ଅଂଚଳରୁ ଗତ ୨୪ ଘଂଟାରେ ଆଉ ୪୦୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜଧାନୀରେ ମୋଟ ଆକ୍ରାନ୍ତ ସଂଖ୍ୟା ୧୦,୪୨୫ ଛୁଇଁଛି। ଏହା ମଧ୍ୟରୁ ସକ୍ରିୟ ଆକ୍ରାନ୍ତ ସଂଖ୍ୟା ୪୦୩୮ ରହିଛି। ସେହିପରି ସୋମବାରଦିନ ଭୁବନେଶ୍ୱରରେ ୨୭୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଛି। ଏହା ସହିତ ଭୁବନେଶ୍ୱରରେ ମୋଟ ସୁସ୍ଥସଂଖ୍ୟା ୬୩୩୪ ରେ ପହଂଚିଥିବାବେଳେ ମୃତ୍ୟୁସଂଖ୍ୟା ୪୨ ଛୁଇଁଛି ବୋଲି ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଟୁଇଟ କରି ସୂଚନା ଦିଆଯାଇଛି।

## ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୩୧।୮ (ନି.ପ୍ର): ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେ ନିଜେ ଟ୍ୱିଟ କରି ଏହି ସୂଚନା ଦେଛନ୍ତି। ସେ ଟ୍ୱିଟ କରି କହିଛନ୍ତି ଯେ ସେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦେଇଛନ୍ତି। ଭଗବାନଙ୍କ ଆଶୀର୍ବାଦରୁ ସେ ସ୍ଥିର ଅଛନ୍ତି ହେଲେ ଚାନ୍ଦବାଲିର ବନ୍ୟା ପ୍ରପୀଡ଼ିତ ଲୋକଙ୍କ ସେବା କରି ପାରୁ ନଥିବାରୁ ସେ ଦୁଃଖିତ ବୋଲି ଲେଖିଛନ୍ତି।

# ରାଜ୍ୟରେ ଆଉ ୧୦ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୪୯୨ ହେଲା



ଭୁବନେଶ୍ୱର,୩୧।୮ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୦ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି। ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୪୯୨ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଧା ଓ କନ୍ଧମାଳ ଜିଲ୍ଲାର ୩-୩ ଜଣ ହୋଇଥିବା ବେଳେ ଗଂଜାମ. ନୟାଗଡ, ରାୟଗଡା ଓ ସୁନ୍ଦରଗଡରୁ ଜଣେ ଜଣେ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଭୁବନେଶ୍ୱର ଜଣେ ୫୬ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି। ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ। ଗଂଜାମ ଜିଲ୍ଲା ଜଣେ ୪୮ ବର୍ଷୀୟା କରୋନା ସଂକ୍ରମିତ ପୁରୁଷଙ୍କର ମୃତ୍ୟୁ ଘଟିଛି। ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ। କନ୍ଧମାଳ ଜିଲ୍ଲାର ଜଣେ ୪୩ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି। ସେ କ୍ରନିକ କିଡନି ରୋଗ, ଉଚ୍ଚ ରକ୍ତଚାପ ଓ ମଧୁମେହରେ ପୀଡିତ ଥିଲେ। କନ୍ଧମାଳ ଜିଲ୍ଲାର ଜଣେ ୫୮ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ। କନ୍ଧମାଳ ଜିଲ୍ଲାର ଜଣେ ୪୨ ବର୍ଷୀୟା ପୁରୁଷ କରୋନା ଆକ୍ରାନ୍ତଙ୍କର ମଧ୍ୟ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସେ ହେପାଟାଇଟିସ ବି ଓ ଟାଇଫଏଡରେ ପୀଡିତ ଥିଲେ। ଖୋର୍ଧା ଜିଲ୍ଲାର ଜଣେ ୬୦ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ଖୋର୍ଧା ଜିଲ୍ଲାର ହିଁ ଜଣେ ୬୦ ବର୍ଷୀୟା ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ସେ ଉଚ୍ଚ ରକ୍ତଚାପ ଓ ମଧୁମେହରେ ପୀଡିତ ଥିଲ। ନୟାଗଡ ଜିଲ୍ଲାର ଜଣେ ୭୩ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ରାୟଗଡା ଜିଲ୍ଲାର ଜଣେ ୫୪ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ଙ୍କର ମୃତ୍ୟୁ ଘଟିଛି। ସେ ମଧୁମେହରେ ପୀଡିତ ଥିଲେ। ସୁନ୍ଦରଗଡ ଜିଲ୍ଲାର ଜଣେ ୭୧ ବର୍ଷୀୟ ପୁରଷଙ୍କର ମୃତ୍ୟୁ ଘଟିଛି। ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ।

## କିସମ, ସତ୍ତ୍ୱ ଓ ଖଜଣା ସରଳକରଣ ନିମନ୍ତେ ଆଲୋଚନା ଚକ୍ର ଅନୁଷ୍ଠିତ

ରାୟଗଡା ,୩୧।୮ (ନି.ପ୍ର): ରାଜସ୍ୱ ପାର୍ଷଦ ଓଡ଼ିଶାଙ୍କ ନିର୍ଦ୍ଦେଶ ମୁତାବକ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ବ୍ରହ୍ମପୁର ଶ୍ରୀଯୁକ୍ତ ଟି ଆପାଙ୍ଗ ଆଓଙ୍କ ଅଧ୍ୟକ୍ଷତାରେ ଆଜି ଭିଡ଼ିଓ କନଫେରେନ୍ସ ମାଧ୍ୟମରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହେଇଯାଇଛି। ଏହି ଆଲୋଚନା ଚକ୍ରରେ ମୁଖ୍ୟତଃ ରାଜ୍ୟରେ ଥିବା ୭୭୭୯ କିସମ ଓ ୭୫୦ ସତ୍ୱକୁ କମାଇ ୧୨ ଗୋଟି କିସମ ଓ ୫ଗୋଟି କିସମର କରିବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ। ମାନ୍ୟବର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଅନୁରୋଧ କ୍ରମେ ମାନ୍ୟବର ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ, ପଛୁଆ ବର୍ଗ ଓ ସଂଖ୍ୟାଲଘୁ ବିକାଶ ମନ୍ତ୍ରୀ ଶ୍ରୀଯୁକ୍ତ ଜଗନ୍ନାଥ ସାରକା, ମାନ୍ୟବର ରାୟଗଡା ବିଧାୟକ ଶ୍ରୀ ମକରନ୍ଦ ମୁଦୁଲି ଯୋଗଦେଇଥିଲେ। ଏଥି ସହିତ ରାୟଗଡା ଜିଲ୍ଲାପାଳ ଶ୍ରୀ ପ୍ରମୋଦ କୁମାର ବେହେରା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶରତ ଚନ୍ଦ୍ର ପଣ୍ଡା, ଉପଜିଲ୍ଲାପାଳ ରାୟଗଡା ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଆଲୋଚନା ଚକ୍ରରେ ରାୟଗଡା ଜିଲ୍ଲାର ମଧ ୧୭୩ କିସମ ଓ ୫୬ ଗୋଟି ସତ୍ୱକୁ ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ୧୨ ଗୋଟି କିସମ ଓ ୫ଗୋଟି ସତ୍ୱରେ ରଖାଯିବା ପାଇଁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଆଦେଶ ମୁତାବକ ସମିକରଣ ପ୍ରସ୍ତୁତ କରାଯାଇଥିଲା ଓ ବୈଠକରେ ପ୍ରସ୍ତାବ ରଖାଯାଇଥିଲା। ଉକ୍ତ ବୈଠକରେ ରାଜସ୍ୱ କମିଶନରଙ୍କ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା ଓ ଗ୍ରହଣ କରାଯାଇଥିଲା। ଗୁଣୁପୁର ତହସିଲଦାର ଶ୍ରୀ ଲକ୍ଷ୍ମୀ ନାରାୟଣ ସାବତ, ବିଷମ କଟକ ଓ କଲ୍ୟାଣସିଂପୁର ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ଓ ରାଜସ୍ୱ ପର୍ଯ୍ୟବେକ୍ଷକ ମାନେ ଯୋଗଦେଇ ଥିଲେ।

# ଏଥର ରାଜଧାନୀରେ ଦୁର୍ଗାପୂଜା ଫିକା

ଭୁବନେଶ୍ୱର,୩୧।୮ (ନି.ପ୍ର): ଚଳିତ ବର୍ଷ ଭୁବନେଶ୍ୱରରେ ନିରାଡମ୍ବର ସହକାରେ ଦୁର୍ଗାପୂଜା ପାଳିତ ହେବ। ପୂଜା ବେଳେ ତୋରଣ ବା ଆଲୋକମାଳା ସାଜସଜ୍ଜା ହେବ ନାହିଁ। ଘର ଘର ବୁଲି ଚାନ୍ଦା ଆଦାୟ କରାଯିବ ନାହିଁ। ପୂଜା କମିଟିର କେବଳ ୧୦ ଜଣ ସଦସ୍ୟଙ୍କୁ ନେଇ ପୂଜା କରାଯିବ। ସୋମବାର ଦିନ ରାଜଧାନୀର ବିଭିନ୍ନ ପୂଜା କମିଟି ସହ କମିଶନରେଟ୍ ପୋଲିସ୍ ର ବୈଠକରେ ଏହି ନିଷ୍ପତି ନିଆଯାଇଛି।

ବୈଠକର ନିଷ୍ପତି ଅନୁଯାୟୀ ଚଳିତ ଦୁର୍ଗା ପୂଜାରେ ମଣ୍ଡପ ମାନଙ୍କରେ ପୂଜା ଅନୁଷ୍ଠିତ ହେବ। ମାତ୍ର ଲୋକମାନେ ମଣ୍ଡପକୁ ଆସି ଭିଡ କରିବା ପରିବର୍ତେ ଘରେ ରହି ପୂଜା କରିବାକୁ କୁହାଯାଇଛି। ମଣ୍ଡପ ଗୁଡିକରେ ମୂର୍ତିର ଉଚ୍ଚତା ୪ ରୁ ୫ ଫୁଟ୍ ମଧ୍ୟରେ ରହିବ। ମଣ୍ଡପରେ ମାଇକ୍ ବାଜି ପାରିବ ନାହିଁ। କେବଳ ମନ୍ତ୍ରପାଠ ପାଇଁ ମାଇକ୍ ବାଜିବା ସମ୍ପର୍କରେ ପରେ ନିଷ୍ପତି ନିଆଯିବ। ରାବଣପୋଡି କିମ୍ବା ଭସାଣ ଉତ୍ସବ ହେବ ନାହିଁ। ନିରାଡମ୍ବର ଭାବେ ମୂର୍ତି ବିସର୍ଜନ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଛି।

ଉଲ୍ଲେଖଯୋଗ୍ୟ ଯେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଭିଡରୁ ଦୂରେଇ ରହିବାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ଏଥିପାଇଁ ଚଳିତ ବର୍ଷ ପୁରୀ ରେ ରଥଯାତ୍ରା ଶ୍ରଦ୍ଧାଳୁଙ୍କ ବିନା ଅନୁଷ୍ଠିତ ହୋଇଥିବା ବେଳେ ସାର୍ବଜନିନ ଗଣେଶ ପୂଜା ପାଇଁ ମଧ୍ୟ ଅନୁମତି ମିଳିନଥିଲା।

# ଉପ-ନିର୍ବାଚନ ପ୍ରସ୍ତୁତି ପ୍ରକ୍ରିୟା ଜାରି: ବରଗଡ଼ରୁ ପହଞ୍ଚିଲା ଇଭିଏମ-ଭିଭିପାର୍ଟ




ବାଲେଶ୍ୱର,୩୧।୮ (ନି.ପ୍ର): ବାଲେଶ୍ୱରର ଷ୍ଟ୍ରଂ'ରୁମ୍‌କୁ ଆଜି ୩ ଗୋଟି ବଡ଼ ଟ୍ରକ୍‌ରେ ଇଭିଏମ ଓ ଭିଭିପାର୍ଟ ମେସିନ୍ ଆସିବା ନିକଟ ଭବିଷ୍ୟତରେ ହେବାକୁଥିବା ସଦର ବିଧାନସଭା ଆସନର ଉପ-ନିର୍ବାଚନକୁ ସ୍ୱଷ୍ଟ କରିଛି। ବରଗଡ଼ରୁ ତିନି ଗୋଟି ବଡ଼ ଟ୍ରକରେ ଆସିଥିବା ଇଭିଏମ ଓ ଭିଭିପାର୍ଟ ମେସିନ୍‌କୁ ଷ୍ଟ୍ରଂ ରୁମ୍‌ରେ ଅନଲୋଡ଼ ପରେ ଗଣତି ଆରମ୍ଭ ହୋଇଛି। ତେବେ ଆଉ କେତେ ଟ୍ରକ୍‌ଆସିବ ଏ ସମ୍ପର୍କରେ ଜିଲ୍ଲା ନିର୍ବାଚନ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ମନୋଜ କୁମାର ସେନାପତି କୌଣସି ସୂଚନା ଦେଇନଥିଲେ ବି ଏହା ଆଗାମୀ ଉପ-ନିର୍ବାଚନ ପାଇଁ ଆସିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଉପ-ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇ ନଥିଲେ ବି ପ୍ରସ୍ତୁତି ପ୍ରକ୍ରିୟା ଜାରି ରହିଥିବା ଅନୁମାନ କରାଯାଇଛି। ଆଗାମୀ ୨ ମାସ ମଧ୍ୟରେ ବାଲେଶ୍ୱରରେ ଉପ-ନିର୍ବାଚନ ହେବା ନେଇ ଏବେ ରାଜନୈତିକ ସ୍ତରରେ ଆଲୋଚନା ହେଉଥିବା ଶୁଣିବାକୁ ମିଳିଛି।

# ବାହାର ରାଜ୍ୟ କମ୍ପାନୀ ଦ୍ୱାରା ବିହନ କିଣି ଠକିଛି ଚାଷୀ : ସମାଧାନ ଲାଗି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ



ଜଳେଶ୍ୱର,୩୧।୮ (ନି.ପ୍ର): ଚଳିତବର୍ଷ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଲୁଡା ଓ ବର୍ଦ୍ଧନା ପଂଚାୟତର କେତେକ ଚାଷୀ କ୍ରିଷିଧନ ସଡ୍‌ସ୍ ପ୍ରାଇଭେଟ ଲିମିଟେଡ ନାମକ ଏକ ବାହାର ରାଜ୍ୟର କମ୍ପାନୀଠାରୁ ଧାନ କିଣି ରୋଇବାର କିଛିଦିନ ପରେ ଧାନ ଗଛରୁ କେଣ୍ଡା ବାହାରିଥିଲା। ସ୍ୱଳ୍ପ ଦିନରେ କେଣ୍ଡା ବାହାରିଥିବାରୁ ଆବଶ୍ୟକ ଉତ୍ପାଦନ ନ ହେବାର ଜାଣି ଚାଷୀମାନେ ଭାଂଗି ପଡିଛନ୍ତି। ଆଜି ବହୁ ଚାଷୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏଥିନେଇ ଏକ ସ୍ମାରକପତ୍ର ଦେଇଛନ୍ତି। ଘଟଣାରୁ ପ୍ରକାଶ, ବ୍ଲକର ଖୁଲୁଡା, ବର୍ଦ୍ଧନ, ପଶ୍ଚିମବାର୍ଡ, ବାଇଗଣ ବାଡିଆ, ଝାଡପିମ୍ପଳ ପଂଚାୟତର ବହୁଚାଷୀ ପ୍ରିମିୟମ ସ୍ୱାର୍ଣ୍ଣ ଧାନ ବିହନ ଅଧିକ ଅମଳ ହେବା ଆଶାରେ ଚାଷ କରିଥିଲେ। ଏହି ବିହନ ର ୧୦ କିଲୋକୁ ମୂଲ୍ୟ ୭୫୦ ଟଙ୍କା ହୋଇଥିବା ବେଳେ ତାହା ଜୁନ୍ ମାସରେ ତଳି ପକାଇଥିଲେ। ଜୁଲାଇ ମାସରେ ଏହା ରୋଆ, ପୋତା ହୋଇଥିବା ବେଳେ ରୋଇବାର ଅଳ୍ପଦିନ ପରେ ଧାନରୁ କେଣ୍ଡା ବାହାରିଥିଲା। କେଣ୍ଡାର ଆକାର ବହୁ ଛୋଟ ଥିବାରୁ ଅଧିକ ଅମଳ ଆଶା କାଣି ଫୋଟକାରେ ପରିଣତ ହୋଇଛି। ରାଜ୍ୟ ଓ କେନ୍ଦ୍ର ସରକାର ଚାଷୀମାନଙ୍କର ଆର୍ଥିକ ମାନଦଣ୍ଡ ବଢାଇବା ଲାଗି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ପ୍ରକୃତରେ କେତେକ ଲାଭଖୋର କମ୍ପାନୀ ଦ୍ୱାରା ଶୋଷଣା ଶୀକାର ହେଉଛନ୍ତି। ତେଣୁ ଏଭଳି ଏକ ସମସ୍ୟାର ସମାଧାନ ଲାଗି ଜିଲାପାଳ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଜଣାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଓ ପ୍ରତିକାର ଯୋଗାଇ ଦେବାକୁ ଖୁଲୁଡା ଓ ବର୍ଦ୍ଧନା ପଂଚାୟତର ପୁରୁଷୋତ୍ତମ ଜେନା ଓ ବିଦ୍ୟାଧର ବେହେରାଙ୍କ ନେତୃତ୍ୱରେ ଶହ ଶହ ଚାଷୀ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଦୀପ୍ତିରଂଜନ ସେଠୀଙ୍କୁ ପ୍ରଦାନ କରାଯାଇଛି।

## ବନ୍ୟାରେ ୧୨୬ ପଞ୍ଚାୟତର ୬୧୮ ଗାଁ ଓ ୧୦ ୱାର୍ଡ ପ୍ରଭାବିତ

ଭଦ୍ରକ,୩୧।୮ (ନି.ପ୍ର): ବୈତରଣୀ ନଦୀରେ ହୋଇଯାଇଥିବା ବନ୍ୟା ଯୋଗୁ ଜିଲ୍ଲାର ୭ଟି ବ୍ଲକ ଓ ୪ଟି ପୌରପାଳିକାର ବ୍ୟାପକ କ୍ଷତି ଘଟିଛି। ମୋଟ ୧୨୬ଟି ପଞ୍ଚାୟତର ୬୧୮ ଗ୍ରାମ ଏବଂ ବିଭିନ୍ନ ପୌରାଞ୍ଚଳର ୧୦ଟି ୱାର୍ଡ ଏହା ଦ୍ୱାରା ପ୍ରଭାବିତ ହୋଇଛି। ଏଥିରେ ମୋଟ ୪ ଲକ୍ଷ ୩୨ ହଜାର ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ପୂର୍ବରୁ ୧୭୬୪୮ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ବେଳେ ଆଜି ମଧ ୨୧ ଲୋକଙ୍କୁ ବନ୍ୟା ଘେରରୁ ଆଣି ୩୨ଟି କେନ୍ଦ୍ରରେ ଥଇଥାନ କରାଯାଇଛି। ପୂର୍ବରୁ ୧୦୬ଟି କେନ୍ଦ୍ରରେ ମାଗଣା ରନ୍ଧା ଖାଦ୍ୟ ଯୋଗାଣ ହୋଇଥିବା ବେଳେ ଆଜି ଆଉ ୧୪ଟି କେନ୍ଦ୍ରରେ ଯୋଗାଣ ହୋଇଛି। ପଶୁ ସମ୍ପଦ କ୍ଷେତ୍ରରେ ମୋଟ ୯୨ ହଜାର ୭୦ ପଶୁ ସମ୍ପଦ ପ୍ରଭାବିତ ହୋଇଥିବା ବେଳେ ସେମାନଙ୍କୁ ଚିକିତ୍ସା କରିବା ପାଇଁ ୧୨ଟି ଭେଟେନାରୀ ଟିମ୍ ଗଠନ ହୋଇଛି। ୨୪୫୦ ପଶୁଙ୍କୁ ଟିକା କରଣ କରାଯାଇଛି। ୧୫୧୦ କୁଇଣ୍ଟାଲ ପଶୁଖାଦ୍ୟ ଯୋଗାଣ ହୋଇଛି। ସେହିଭଳି ଭାବେ ୪୩ ହଜାର ୪୪୨ ହେକ୍ଟର ଚାଷ ଜମି ବନ୍ୟାଦ୍ୱାରା ପ୍ରଭାବିତ ହୋଇଛି। ପାଣି ଛାଡିବା ପରେ ଯେଉଁସବୁ ଜମିରେ ଫସଲହାନୀ ହୋଇଛି, ସରକାରୀ ଗାଇଡ ଲାଇନ ଅନୁଯାୟୀ ତାହାର ଆକଳନ କରି ଚାଷୀଙ୍କୁ କ୍ଷତି ପୂରଣ ବାବଦକୁ ଅର୍ଥ ତାଙ୍କ ଆକାଉଣ୍ଟକୁ ଦିଆଯିବ ବୋଲି ଜିଲ୍ଲାପାଳ ଡ. ଜ୍ଞାନ ଦାସ କହିଛନ୍ତି। ପ୍ରାଥମିକ ଭାବେ ହୋଇଥିବା ଆକଳନ ଅନୁଯାୟୀ ୨୭୩୩ଟି ଘର ଭାଙ୍ଗିଛି ଏବଂ ଏଥିରେ ୨ଟି ଗୁହାଳ ରହିଛି। ପ୍ରଭାବିତ ଜନସାଧାରଣଙ୍କ ଆଶୁ ଚିକିତ୍ସା ପାଇଁ ପ୍ରତି ବ୍ଲକରେ ଏକ ରାପିଡ ରେସ୍‌ପନ୍‌ସ ମେଡିକାଲ ଟିମ୍‌କୁ ରଖାଯାଇଛି। ଏହା ବ୍ୟତୀତ ୨୮ଟି ମେଡିକାଲ ଟିମ୍ ବିଭିନ୍ନ ଅଞ୍ଚଳରେ ରଖଯାଇଛି। ଏହି ଟିମ ମାଧ୍ୟମରେ ୩୦୧ଜଣଙ୍କୁ ଚିକିତ୍ସା କରାଯାଇଛି। ଅନ୍ୟପକ୍ଷରେ ପ୍ରଭାବିତଙ୍କୁ ଚୁଡା, ଗୁଡ, ବିସ୍କୁଟ, ପିଇବା ପାଣି ଯୋଗାଣ ହୋଇଛି। ଟ୍ୟାଙ୍କର ଯୋଗେ ବିଭିନ୍ନ ଗ୍ରାମକୁ ମଧ ପାନୀୟ ଜଳ ଯୋଗାଣ ହୋଇଥିବା ଜିଲ୍ଲାପାଳ ଡ. ଦାସ କହିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo